

‘ସଂଘକୁ ବିଜେପି ଚଷମାରେ ଦେଖନାହିଁ’ ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 269 | ଭାଗ ୩୩ | ସଂଖ୍ୟା ୨୬୯ Monday 22 December 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୨୨ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ ‘ସଂଚାର’ ଓ ‘ସଂଚାର ଡିଜିଟାଲ’ ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ ‘ଜିଲ୍ଲା ପ୍ରତିନିଧି’ ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776




## ‘ପରବ-୨୦୨୫’ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ | ୫୪୫ କୋଟିର ପ୍ରକଳ୍ପ ଭେଟି

**ଭୁବନେଶ୍ୱର/କୋରାପୁଟ, ୨୧।୧୨ (ସଂଚାର ବ୍ୟୁରୋ):** ୧୯୯୬ରୁ କୋରାପୁଟର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରି ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ‘ପରବ’ ତା’ର ସଫଳ ପ୍ରୟାସ ଜାରି ରଖିଛି। ସାମାଜିକ ଓ ସାଂସ୍କୃତିକ ଚେତନାକୁ ଜାଗ୍ରତ କରିବା ସହ ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି ଏହି ମହୋତ୍ସବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜାତୀୟସ୍ତରୀୟ ଆଦିବାସୀ ମହୋତ୍ସବ ‘ପରବ-୨୦୨୫’ର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲା ପାଇଁ ୫୪୫ କୋଟି ଟଙ୍କାର ୮୬ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୪ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୫୨୧ କୋଟିର ୭୦ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ➪ପୃଷ୍ଠା-୬

# ଆଇନ୍‌ରେ ପରିଣତ ହେଲା ଭିବି-ଜି ରାମ ଜି

- ବିଲ୍‌କୁ ମଞ୍ଜୁର କଲେ ରାଷ୍ଟ୍ରପତି
- ବର୍ଷକୁ ମିଳିବ ୧୨୫ ଦିନର ନିଶ୍ଚିତ ନିଯୁକ୍ତି
- ଶ୍ରମିକଙ୍କ ମଙ୍ଗଳ ସାଧନ କରିବ: ଚୌହାନ
- ଝୁଣ୍ଟିବ ନୂଆ ଆଇନ: ଖଡ଼୍‌ଗେ



**ନୂଆଦିଲ୍ଲୀ, ୨୧।୧୨:** କେନ୍ଦ୍ର ସରକାର ୨୦୦୫ରେ ଲାଗୁ ହୋଇଥିବା ଏମ୍‌ଜିନରେଗାର ନାମ ପରିବର୍ତ୍ତନ କରିଥିବା ବେଳେ ଏ ସଂକ୍ରାନ୍ତ ବିଲ୍ ପ୍ରଥମେ ଲୋକସଭା ଓ ପରେ ରାଜ୍ୟସଭାରେ ପାରିତ ହୋଇଥିଲା। ଆଇନରେ ପରିଣତ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କ ସବୁଜ ସଂକେତ ଅପେକ୍ଷାରେ ଥିବା ଏହି ବିଲ୍ ଏହି ଅନ୍ତିମ ବାଧାକୁ ବି ଅତିକ୍ରମ କରିଛି। ଅର୍ଥାତ୍ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ବିଲ୍‌କୁ ମଞ୍ଜୁର କରିବା ଫଳରେ ଏମ୍‌ଜିନରେଗାର ସ୍ଥାନ ନେଇଛି ବିକଶିତ ଭାରତ-ରୋଜଗାର ଓ ଜୀବିକା ମିଶନ (ଗ୍ରାମୀଣ) ଗ୍ୟାରେଣ୍ଟି ବିଲ୍ ୨୦୨୫ (ଭିବି-ଜି ରାମ ଜି)। ଏଥିସହ ଗ୍ରାମାଞ୍ଚଳରେ ଏଣିକି ଶ୍ରମିକମାନଙ୍କୁ ବାର୍ଷିକ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ମିଳିପାରିବ। ପୂର୍ବରୁ ଏମ୍‌ଜିନରେଗାରେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ବାର୍ଷିକ ୧୦୦ ଦିନର କର୍ମନିଯୁକ୍ତି ମିଳୁଥିଲା। ସରକାର ଏହି ଆଇନକୁ ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏନେଇ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ନୂଆ ଆଇନକୁ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣକୁ ନେଇ ଡିଜାଇନ୍ କରାଯାଇଛି। ସାମୂହିକ ଓ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଗ୍ରାମୀଣ କ୍ଷେତ୍ରରେ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ଓ ଉତ୍ପାଦନକ୍ଷମ ସମ୍ପତ୍ତିର ନିର୍ମାଣ କରିବା ସରକାରଙ୍କ ଉଦ୍ଦେଶ୍ୟ। ଏହି ଆଇନ୍‌ର ଧାରା ୨୨ ଅନୁସାରେ, ସମ୍ପୃକ୍ତ କାର୍ଯ୍ୟରେ ହେଉଥିବା ଖର୍ଚ୍ଚର ୬୦ ପ୍ରତିଶତ କେନ୍ଦ୍ର ସରକାର ଓ‌ର ୪୦ ପ୍ରତିଶତ ରାଜ୍ୟ ସରକାର ବହନ କରିବେ। ଅଧିକନ୍ତୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରତିଶତ ୯୦ ପର୍ଯ୍ୟନ୍ତ ରହିବ ଓ ରାଜ୍ୟ ଏ ବାବଦରେ ମାତ୍ର ୧୦ ପ୍ରତିଶତ ଖର୍ଚ୍ଚ ବହନ କରିବ। ସେହିପରି ଏହି ଆଇନର ଧାରା ୬ ଅନୁସାରେ, ରାଜ୍ୟ ସରକାର କୌଣସି ଆର୍ଥିକ ➪ପୃଷ୍ଠା-୬

## ଏଏସ୍‌ଡି ନ ଦେବାକୁ କଂଗ୍ରେସର ଅପିଲ | ୨୬ରେ ଟାଟା ପାୱାର୍ ବିରୋଧରେ ଆନ୍ଦୋଳନ

- ୨୯ରେ ସବୁ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ଧାନ ସଂଗ୍ରହ ଅବ୍ୟବସ୍ଥା ବିରୋଧରେ ରାଜ୍ୟବ୍ୟାପୀ ଧାରଣା




**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ଟାଟା ପାୱାର୍‌ର ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ସଂଗ୍ରହକୁ ନେଇ ଆନ୍ଦୋଳନ ଧମକ ଦେଇଛି କଂଗ୍ରେସ। ରାଜ୍ୟର ଏକ କୋଟିରୁ ଅଧିକ ଉପଭୋକ୍ତାଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଟାଟା ପାୱାର ମନମାନୀ କରୁଛି। ଆଉ ଶକ୍ତି ବିଭାଗ ଓ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ସବୁ ଦେଖି ଅନ୍ଧ ପରି ଅଭିନୟ କରୁଛି। ଏଏସଡି ନାଁରେ ଲୁଟ୍ ବିରୋଧରେ ଆସନ୍ତା ୨୬ ତାରିଖରେ ରାଜ୍ୟ କଂଗ୍ରେସ ଆନ୍ଦୋଳନ ଡାକରା ଦେଇଛି। ଟାଟା ପାୱାର ନ ହଟିବା ଯାଏଁ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ଘୋଷଣା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

ଆସନ୍ତା ୨୬ରେ ସବୁ ଜିଲ୍ଲା ସଦର ମହକୁମାରେ ଟାଟା ପାୱାର ବିରୋଧରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେବ କଂଗ୍ରେସ। ଆଇନ ଅମାନ୍ୟ ଆନ୍ଦୋଳନ କରିବ। କମ୍ପାନୀ ବିଦା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ହେବ। ଏଥିସହ ଡିସେମ୍ବର ୨୯ରେ ସବୁ ବିଦ୍ୟୁତ କାର୍ଯ୍ୟାଳୟକୁ ଘେରାଉ କରାଯିବ। ବଣ୍ଟନ କମ୍ପାନୀ ଜନବିରୋଧୀ କାମ କରୁଛି ଆଉ ଉପଭୋକ୍ତାଙ୍କୁ ଶୋଷଣ କରୁଛି। କମ୍ପାନୀର ବେଆଇନ କାମକୁ ଆଉ ବରଦାସ୍ତ କରାଯିବ ବୋଲି ପିସିସି ସଭାପତି କହିଛନ୍ତି। ଏଥିସହ ଅତିରିକ୍ତ ସୁରକ୍ଷା ଜମା ନ ଦେବାକୁ ପ୍ରଦେଶ କଂଗ୍ରେସ ରାଜ୍ୟବାସୀଙ୍କୁ ନିବେଦନ କରିଛି।

ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ଅଧକ୍ଷ ପଞ୍ଚାନନ କାନୁନଗୋ କହିଛନ୍ତି ଯେ ଟାଟା ପାୱାର ଅନୁଯାୟୀ ଏଏସ୍‌ଡି ଦାବି କରିବା ଆଇନସମ୍ମତ। ହେଲେ ରାଜ୍ୟର ଏକ କୋଟି ୨୦ ଲକ୍ଷ ଉପଭୋକ୍ତାଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଏଏସ୍‌ଡି ବିଲ ପଠାଇଛି କମ୍ପାନୀ। ଯେଉଁ ବର୍ଷ ବିଦ୍ୟୁତ ବ୍ୟବହାର କମିଛି, କେତେ ଉପଭୋକ୍ତାଙ୍କୁ କମ୍ପାନୀ ଟଙ୍କା ଫେରସ୍ତ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଟଙ୍କା ବଢ଼ିବା ନେଇ ସାଧାରଣତଃ ଫେବୃଆରୀରେ ବୈଠକ ହୋଇ ମାର୍ଚ୍ଚରେ ନିଷ୍ପତ୍ତି ନିଆଯାଇଥାଏ। କିନ୍ତୁ ଆର୍ଥିକ ବର୍ଷ ଅଧାରୁ ଏଭଳି ନିଷ୍ପତ୍ତି ନିଆଯିବା ଉଦ୍ଦେଶ୍ୟ କ’ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଇଆରସି ଅଧକ୍ଷଙ୍କ ସହ କମ୍ପାନୀ ଏ ସମ୍ପର୍କରେ ଆଲୋଚନା କରିଛି କି? ନିକଟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଟା ପାୱାର ଯେଉଁସବୁ କମ୍ପାନୀର ଉଦାହାରଣ ଦେଇ ସେଠାରେ ମଧ ଏଏସଡି ଲାଗୁ ହୋଇଥିବା କହିଲା, ସେସବୁ ରାଜ୍ୟ ବିଦ୍ୟୁତ ଉତ୍ପାଦନ କରନ୍ତି ନାହିଁ। ଓଡ଼ିଶାରେ ବିଦ୍ୟୁତ ଉତ୍ପାଦରେ ବଳକା ରାଜ୍ୟ। ଚଳିତ ➪ପୃଷ୍ଠା-୬

## ରାଜଧାନୀ ଅସୁରକ୍ଷିତ




**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ଗତକାଲି ଭୁବନେଶ୍ୱରର ଶହୀଦ ନଗରରେ ଘଟିଥିବା ଗଣଦୁଷ୍କର୍ମ ମାମଲା ନେଇ ଉଦବେଗ ପ୍ରକାଶ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋସିଆଲ୍ ମିଡିଆ ‘ଏକ୍ସ’ରେ ଏକ ପୋଷ୍ଟରେ ନବୀନ ଦର୍ଶାଇଛନ୍ତି ଯେ ମହିଳାଙ୍କ ପାଇଁ ଅସୁରକ୍ଷିତ ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର। ପୁଣି କଳଙ୍କ ମୁଣ୍ଡାଇଛି ଓଡ଼ିଶା। କେବେ ଆଉ ଚେତିବ ବିଜେପି ସରକାର? ଦିନଦ୍ୱିପ୍ରହରରେ ପୁଣି ଜଣେ ନାବାଳିକା ଭୁବନେଶ୍ୱରରେ ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। କୁଆଡ଼େ ଯାଇଛି ଆଇନଶୃଙ୍ଖଳା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି ଯେ ‘ଲୋକଙ୍କ ସରକାର’ର ମିଛ ପ୍ରହେଳିକା ସୃଷ୍ଟି କରୁଥିବା ବିଜେପି ସରକାର ଲୋକଙ୍କୁ ସୁରକ୍ଷା ଦେଇପାରୁନାହିଁ। ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା’ଭଉଣୀମାନେ ➪ପୃଷ୍ଠା-୬

## ଭୁଲ୍ ପରମ୍ପରା ସୃଷ୍ଟି କରୁଛି ଇସ୍କନ୍: ଗଜପତି

### ଅଦିନିଆ ରଥଯାତ୍ରା ପରମ୍ପରାରେ ପରିଣତ ହେବା ଆଶଙ୍କା



**ପୁରୀ, ୨୧।୧୨ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିୟମିତ ଭାବେ ଇସ୍କନ୍‌କୁ ଅଦିନିଆ ରଥଯାତ୍ରା ଆୟୋଜନରୁ ବିରତ ରହିବା ସକାଶେ କୁହାଯାଉଥିଲେ ମଧ ଏଥିରେ କୌଣସି ବ୍ରେକ୍ ଲାଗୁନାହିଁ। ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଆଜି ପୁଣିଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଇସ୍କନ୍ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ଇସ୍କନ୍ ବିଶ୍ୱର ବିଭିନ୍ନ ଦେଶରେ ଅସମୟରେ ରଥଯାତ୍ରା ଆୟୋଜନ କରିଚାଲିଛି। ଏପରି ଆୟୋଜନ ମାଧ୍ୟମରେ ଇସ୍କନ୍ ଏକ ଭୁଲ୍ ପରମ୍ପରା ସୃଷ୍ଟି କରୁଛି। କିନ୍ତୁ ସାମ୍ପ୍ରତିକ ସମୟରେ ଅଦିନିଆ ରଥଯାତ୍ରା ଏକ ନମ୍ବର ଅପପ୍ରଚାର ବୋଲି ଏହି ସଂଗଠନ ଭୁଲିଯାଉଛି। ଅତଏବ ଅଦିନିଆ ରଥଯାତ୍ରା ଏକ ଭୟଙ୍କର ବ୍ୟତିକ୍ରମ ବୋଲି ଇସ୍କନ୍ ମନେ ରଖିବା ଉଚିତ। ଏବେ ଆଚାର୍ଯ୍ୟମାନଙ୍କ ମତ ଓ ଭକ୍ତମାନଙ୍କ ପାଇଁ ଗ୍ରହଣ କରିବାର ସମୟ ଆସିଛି। ଯଦି ଆଚାର୍ଯ୍ୟ ଓ ଭକ୍ତମାନେ ଚୁପ୍ ରହିବେ, ତା’ହେଲେ ଇସ୍କନ ମନଇଚ୍ଛା ଅଦିନିଆ ରଥଯାତ୍ରା ଆୟୋଜନ ଧାରା ଜାରି ରଖିବ। ଇସ୍କନଠାରୁ ➪ପୃଷ୍ଠା-୬

## ଜୋହାନ୍ସବର୍ଗରେ ଆତତାୟୀଙ୍କ ଗୁଳିବର୍ଷା: ୧୦ ମୃତ



- ୧୦ରୁ ଊର୍ଦ୍ଧ୍ୱ ଆହତ, ସ୍ପଷ୍ଟ ହୋଇନି କାରଣ
- ନିଜକୁ ଦାୟୀ କରିନାହାନ୍ତି କୌଣସି ସଂଗଠନ

**ଜୋହାନ୍ସବର୍ଗ, ୨୧।୧୨:** ଚଳିତ ସପ୍ତାହର ପ୍ରଥମ ଭାଗରେ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଆତଙ୍କବାଦୀ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ଆଜି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ସମାନ ଧରଣର ଅଘଟଣ ଘଟିଛି। କେତେକ ଅଜଣା ବନ୍ଧୁକଧାରୀ ଏକ ବାର୍ ସମ୍ମୁଖରେ ଆଖିବୁଜା ଗୁଳି ଚାଳନା କରିବା ଫଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆଜି ଭୋର୍ ସମୟରେ ଏହି ଅଘଟଣ ଘଟିଥିବା ବେଳେ ଚଳିତ ➪ପୃଷ୍ଠା-୬

## ମହଙ୍ଗା ହେବ ରେଳଯାତ୍ରା

### ଲୋକାଲ୍ ଟ୍ରେନ୍ ଓ ଏମ୍‌ଏସ୍‌ଟି ଯାତ୍ରୀଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୨୧।୧୨:** ନୂଆବର୍ଷ ପୂର୍ବରୁ ଭାରତୀୟ ରେଳବାଇ ରେଳ ଯାତ୍ରୀଙ୍କୁ ବଡ଼ ଝଟକା ଦେଇଛି। ଆସନ୍ତା ୨୬ ତାରିଖରୁ ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ସକାଶେ ପୂର୍ବାପେକ୍ଷା ଅଧିକ ଭଡ଼ା ଗଣିବାକୁ ପଡ଼ିବ। ଆଜି ରେଳବାଇ ପକ୍ଷରୁ ହୋଇଥିବା ଘୋଷଣା ଅନୁଯାୟୀ, ଜେନେରାଲ, ମେଲ୍/ଏକ୍ସପ୍ରେସ୍ ଓ ଏସି କୋଚ୍‌ର ଟିକେଟ ମହଙ୍ଗା ହେବ। କିନ୍ତୁ ଲୋକାଲ ଟ୍ରେନ୍ ଓ ମାସିକ ସିଜନ୍ ଟିକେଟ୍ (ଏମ୍‌ଏସ୍‌ଟି)ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ରେଳବାଇ ସ୍ପଷ୍ଟ କରିଛି। ଏଥିସହ ଆସନ୍ତା ୨୬ରୁ ଲାଗୁ ହେବାକୁ ଥିବା ଭଡ଼ା ବୃଦ୍ଧି ଦୂରଗାମୀ ଯାତ୍ରୀମାନଙ୍କୁ ପ୍ରଭାବିତ କରିବ। ୨୧୫ କିମି ପର୍ଯ୍ୟନ୍ତ ସାଧାରଣ ଟ୍ରେନ୍ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଥିଲେ ହେଁ ଏହାଠାରୁ ଅଧିକ ଦୂରତା ପାଇଁ ଯାତ୍ରୀମାନଙ୍କୁ ପ୍ରତି କିମି ପିଛା ୧ ପଇସା ଏବଂ ମେଲ୍, ଏକ୍ସପ୍ରେସ୍ ଓ ଏସି ଟ୍ରେନ୍ ପାଇଁ ପ୍ରତି କିମି ପିଛା ୨ ପଇସା ଗଣିବାକୁ ପଡ଼ିବ। ଏହାଛଡ଼ା ନନ୍-ଏସି ଭଡ଼ାରେ ୫୦୦ କିମି ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅତିରିକ୍ତ ୧୦ ଟଙ୍କା ଦେବାକୁ ପଡ଼ିବ। ଏହି ଟିକେଟ ଦର ବୃଦ୍ଧି ଯୋଗୁଁ ଭାରତୀୟ ରେଳବାଇ ୬୦୦ କୋଟି ଟଙ୍କାର ରାଜସ୍ୱ ଅର୍ଜନ କରିବ ବୋଲି ଆକଳନ କରାଯାଉଛି। ଏପରି ନିଷ୍ପତ୍ତି ପଛର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ରାଜସ୍ୱ ବୃଦ୍ଧି କରିବା। ଏ ବାବଦରେ ରେଳବାଇ ଅର୍ଜନ କରିବାକୁ ଥିବା ଅତିରିକ୍ତ ୬୦୦ କୋଟି ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପୂରଣ କରିବାରେ ସାହାଯ୍ୟ କରିବ। ଏଥିରେ ରେଳ



ଷ୍ଟେସନ ସୁବିଧା, କୋଚ୍ ରକ୍ଷଣାବେକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ଗତ ୧୦ ବର୍ଷ ମଧ୍ୟରେ ରେଳବାଇ ଏହାର ନେଟୱାର୍କ ଓ କାର୍ଯ୍ୟକୁ ଉଲ୍ଲେଖନୀୟ ଭାବେ ବିସ୍ତାର କରିଛି, ଯାହା ଦେଶର ଦୂରବର୍ତ୍ତୀ କୋଣ ପର୍ଯ୍ୟନ୍ତ ପହଞ୍ଚିଛି। ଗତ ଏକ ଦଶନ୍ଧି ମଧ୍ୟରେ ରେଳବାଇ କର୍ମଚାରୀମାନଙ୍କ ଦରମା ୧୧୫ କୋଟିରେ ପହଞ୍ଚିଥିବା ବେଳେ ➪ପୃଷ୍ଠା-୬

## ଗ୍ରାଉଣ୍ଡରେ ବବି, କିନ୍ତୁ ଗଡ଼ ଭୁଶୁଡୁଛି!




**ଯାଜପୁର, ୨୧/୧୨ (ସଂଚାର ବ୍ୟୁରୋ):** ଯାଜପୁରରେ ଆଜି ଯେଉଁ ରାଜନୀତି ଦେଖାଯାଉଛି, ସେଥିରେ ଗୋଟିଏ ସତ୍ୟ ସ୍ପଷ୍ଟ ବବି ଏବେ ଶକ୍ତିର ଆସନରେ ନୁହେଁ, ନିଜର ସୁରକ୍ଷା ଯୁଦ୍ଧରେ ବ୍ୟସ୍ତ। ଏକ ସମୟରେ ଯାଜପୁର ରାଜନୀତିର ଅଖ ଥିଲେ ବବି। ଯେଉଁ ଜିଲ୍ଲାକୁ ବବି ଗଡ଼ ବୋଲି ଓଡ଼ିଶା ରାଜନୀତି ଚିହ୍ନୁଥିଲା, ଆଜି ସେହି ଗଡ଼ ଭିତରୁ ଭାଙ୍ଗିବାରେ ଲାଗିଛି। ଆଶ୍ଚର୍ଯ୍ୟ ନୁହେଁ ଗଡ଼ ରକ୍ଷା ପାଇଁ ଏବେ ବବି ନିଜେ ଗ୍ରାଉଣ୍ଡକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି।ସାଧାରଣ ନିର୍ବାଚନ ପରେ ବବିଙ୍କ ମୁଣ୍ଡ ଉପରେ ଯେମିତି ଚଡ଼କ ପଡ଼ିଛି, ସେହି ଆଘାତ ତାଙ୍କ ଆଚରଣରେ ସ୍ପଷ୍ଟ। ଯେଉଁ କର୍ମୀଙ୍କୁ କେବେ ଭେଟିବାକୁ ତାଙ୍କୁ ସମୟ ମିଳୁନଥିଲା, ଆଜି ସେହି କର୍ମୀଙ୍କ ଦୁଆରେ ବବି ହାଜର। ଏହା ନେତୃତ୍ୱ ନୁହେଁ— ଏହା ଆତଙ୍କ। ପଞ୍ଚୁଆତି, ପୋଥିପୂଜା, ବର୍ଷିକିଆ, ମହୋତ୍ସବ ସବୁଠି ବବିଙ୍କୁ ଦେଖିବାକୁ ମିଳୁଛି। କାରଣ ସେ ଜାଣନ୍ତି, ଗ୍ରାଉଣ୍ଡ ଛାଡ଼ିଲେ ଗଡ଼ ଖସିବ। ବାହାରୁ ଦେଖିଲେ ଲାଗେ ଯେ ଯାଜପୁରରେ ଏବେବି ବବିଙ୍କ ଦରବାର ଚାଲିଛି। କିନ୍ତୁ ଦରବାର ଭିତରେ ଆଜି ନିଷ୍ଠା ନାହିଁ, ଭରସା ନାହିଁ, କେବଳ ଅଛି ଭୟ ଓ ଲେନ୍‌ଦେନ୍।

> “ଦରବାର ଚାଲିଛି ନା ଦରବାରର ଶେଷ ଦୃଶ୍ୟ?

ଚର୍ଚ୍ଚା ହେଉଛି, ପଞ୍ଚାୟତ ସ୍ତରରେ ମାସିକିଆ ଦରମା ଦ୍ୱାରା ସଂଗଠନକୁ ଧରି ରଖିବାର ଚେଷ୍ଟା କରାଯାଉଛି। ଏହା ରାଜନୀତି ନୁହେଁ—ଏହା ସଂଗଠନର ଶେଷ ପର୍ଯ୍ୟାୟ। ଆଜି ଯାଜପୁର ବିଜେଡିର ସବୁଠାରୁ ବଡ଼ ସମସ୍ୟା ହେଉଛି ଗୋଷ୍ଠୀ କନ୍ଦଳ। କେଉଁଠି ପୁରୁଣା କର୍ମୀ ଅବହେଳିତ, କେଉଁଠି ନୂଆ ନେତୃତ୍ୱକୁ ନେଇ ଆକ୍ରୋଶ। ଦଳ ଆଜି ଭୋଟ୍ ହାରୁନାହିଁ, ଦଳ ଆଜି ଭିତରୁ ଭାଙ୍ଗୁଛି। ଏମିତି ସମୟରେ ବିଜେଡିର ସୁରକ୍ଷା ପ୍ରାଚୀର ଭାବେ ପରିଚିତ ଜିଲ୍ଲା ସଭାପତି ସରୋଜ ମହାପାତ୍ର (ଲୁଟୁ)ଙ୍କ ନିରବତା ଅନେକ ପ୍ରଶ୍ନ ଉଠାଉଛି। ଦଳ ଡୁବୁଛି, ନେତୃତ୍ୱ ଚୁପ୍। ବବି, ଜିତୁ, ଡ୍ୟାନି ହେଲେ ବିଜେଡି—ଏ ଦାବି ଆଜି ଖାଲି ସ୍ଲୋଗାନ ହୋଇ ରହିଯାଇଛି। ୨୦୨୪ ନିର୍ବାଚନରେ ସମ୍ବଲପୁରରେ ➪ପୃଷ୍ଠା-୬



### କାନ ଡେରିଥା

ପାହାଡ଼ ପର୍ବତ ବାଲି
ଖାଇଖାଇ
ଚଢ଼ନ୍ତି ସେ ଦାମୀ ଗାଡି
କୋଟିକୋଟି ଅର୍ଥ କ୍ୟାସ
ଆକାରେ
ଭର୍ତ୍ତି ହେଉଥିଲା ପେଡ଼ି
ଏବେ କିଆଁ ଛାଡ଼ ରଡ଼ି...
ଚଉଦପୁରୁଷ ଖାଇ ସରିବନି
କାହିଁ ପାଇଁ ଭିଡ଼ାଭିଡ଼ି ।

■ ଦେବାଶିଷ

## ନୂଆବର୍ଷ ପ୍ୟାକେଜ ପ୍ରସ୍ତୁତିରେ ମନ୍ତ୍ରୀ, ବିଧାୟକ



- ଡେରା ପକାଇଛନ୍ତି ଟୁର୍ ଅପରେଟର
- ଅଧିକାଂଶ ଯିବେ ରାଜ୍ୟ ବାହାରକୁ

**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ଆଗାମୀ ୨୦୨୬ ନୂଆବର୍ଷକୁ ରାଜ୍ୟ ବାହାରେ ସ୍ୱାଗତ କରିବା ପାଇଁ ମନ୍ତ୍ରୀ ଓ ବିଧାୟକମାନେ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। କାହାର ଥାଇଲାଣ୍ଡ ତ ଆଉ କାହାର ସିଙ୍ଗାପୁର ଯିବା ପାଇଁ ଯୋଜନା ଚାଲିଛି। ଟୁର୍ ଅପରେଟରମାନେ ବି ନେତାଙ୍କ ଘରେ ଭିଡ଼ ଜମାଇବା ସହ ସେମାନଙ୍କ ପରିବାରକୁ ବୁଝାଇବାରେ ବ୍ୟସ୍ତ।

ନୂଆବର୍ଷରେ ବାହାରକୁ ବୁଲିଯିବା ପାଇଁ ଏଥର ନେତାଙ୍କ ଭିତରେ ଚାଲିଛି ପ୍ରତିଯୋଗିତା। ନୂଆକରି ମନ୍ତ୍ରୀ ଓ ବିଧାୟକ ହୋଇଥିବା ନେତାଏ ଏହି ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ପିଲାଛୁଆଙ୍କୁ ଧରି ବିଦେଶ ଯିବା ପାଇଁ ଅଧିକ ମନ ବଳାଉଥିବାରୁ ସେମାନଙ୍କ ଘରେ ଏବେ ଟୁର ଅପରେଟର୍‌ମାନଙ୍କ ଭିଡ଼ ଜମିଛି। କାହାକୁ ୪ଦିନିଆ ତ ଆଉ କାହାକୁ ୭ଦିନିଆ ପ୍ୟାକେଜ ବିଷୟରେ ସେମାନେ ବୁଝାଉଛନ୍ତି। ଦେଶ ବିଦେଶର ବିଭିନ୍ନ ସ୍ଥାନର ଫଟୋ ବି ଦେଖାଇ ସେମାନଙ୍କୁ ପ୍ରଭାବିତ ବି କରୁଛନ୍ତି। କେଉଁ ସ୍ଥାନକୁ ଗଲେ କିଭଳି ସେବା ମିଳିବ, ସେ ସଂକ୍ରାନ୍ତରେ ବି ବିସ୍ତୃତ ସୂଚନା ଦେଉଛନ୍ତି ଏହି ଟୁର୍ ଅପରେଟର୍‌ମାନେ।

ମିଳିଥିବା ସୂଚନାନୁଯାୟୀ, ପିଲାଛୁଆ ଧରି ବୁଲିବାକୁ ବାହାରିଥିବା ଅଧିକାଂଶ ନେତାଙ୍କ ପସନ୍ଦ ସିଙ୍ଗାପୁର, ଦୁବାଇ, ମରିସସ୍ ଆଦି ହୋଇଥିବା ବେଳେ ସିଙ୍ଗଲ ନେତାଏ ଥାଇଲାଣ୍ଡ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହି ଅନୁଯାୟୀ ନିଜ ନିଜ ବଜେଟ୍ ପ୍ରସ୍ତୁତ କରିବାରେ ସେମାନେ ଲାଗିଛନ୍ତି। ବର୍ଦ୍ଧିତ ଦରମାକୁ ଦେଖି ଯେଉଁମାନେ ଅଧିକ ଦିନର ପ୍ୟାକେଜ ପ୍ରସ୍ତୁତ କରୁଥିଲେ, ସେମାନେ ଏବେ ସେଥିରେ କିଛିଟା କାଣ୍ଟଛାଟ୍ ବି କରୁଛନ୍ତି।

ନୂଆବର୍ଷ ପ୍ୟାକେଜ ପାଇଁ ନେତାଙ୍କ ଘରେ କେବଳ ଟୁର୍ ଅପରେଟର ନୁହଁନ୍ତି, କିଛି ବ୍ୟବସାୟୀ ଓ ଠିକାଦାର ବି ଭିଡ଼ ଜମାଇଛନ୍ତି। ନୂଆବର୍ଷ ମଉକାରେ ନେତାଙ୍କୁ ଖୁସି କରିବା ପାଇଁ ବି ସେମାନେ ଲାଗିପଡ଼ିଛନ୍ତି। ନେତାଙ୍କ ପରିବାର ସହ ନିଜ ପରିବାରକୁ ନେଇ ବିଦେଶ ଯିବାକୁ କିଛି ବ୍ୟବସାୟୀ ରାଜଧାନୀରେ ଯୋଜନା ଚଳାଇଥିବା ଜଣାଯାଇଛି। ତେବେ ବ୍ୟବସାୟୀଙ୍କ ସହ ପ୍ୟାକେଜ ଟୁରରେ ଯିବାକୁ କିଛି ନେତା ନାକ ଟେକୁଥିବାର ସୂଚନା ବି ➪ପୃଷ୍ଠା-୬

### ଫେରିଲା ହ୍ୟୁମାନ୍ ସାଗର ମୃତ୍ୟୁ ବିବାଦ

## ବିଧିବଦ୍ଧ ଏତଲା ଦେଲେ ମା’



- ଦୁଇ ମ୍ୟାନେଜର୍, ଅର୍ପିତା ଓ ଶ୍ରେୟାଙ୍କୁ ଜେରା ପାଇଁ ନିବେଦନ

**କଟକ, ୨୧।୧୨ (ସଂଚାର ବ୍ୟୁରୋ):** ପୁଣି ଥରେ ଓଲିଉଡ଼୍‌ର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ବିବାଦ ସାମ୍ନାକୁ ଆସିଛି। ଗତ ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ହୋଇଥିଲେ ହେଁ ମା’ ଶେଫାଳି ସୁନା ସେତେବେଳେ ତାଙ୍କ ପୁଅକୁ ଦୁଇ ମ୍ୟାନେଜର୍ ଓ ଆହୁରି କେତେକ ବ୍ୟକ୍ତି ଚାପଗ୍ରସ୍ତ କରାଇ ମାରିଦେଇଥିବା ଅଭିଯୋଗ କରିଥିଲେ। ମୃତ୍ୟୁ ପରେ ମଧ ବିଭିନ୍ନ ସଂଗଠନ ପକ୍ଷରୁ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦାବି କରାଯିବା ସହ ଥାନାରେ ବି ମାମଲା ରୁଜୁ ହୋଇଥିଲା। କିନ୍ତୁ ଏବେ ତାଙ୍କ ମୃତ୍ୟୁର ମାସେ ପରେ ମା’ ଶେଫାଳି ସୁନା ବିଧିବଦ୍ଧ ଭାବେ ଥାନାରେ ଏତଲା ➪ପୃଷ୍ଠା-୬



# ସେବେଠୁ ପରାସ୍ତ ଶୀତ



**ପାର୍ଥସାରଥୀ ରାଉତ**

ଡେରିରେ ହେଉ ପଛେ ଆକରେ ନଦୀଆ ଡେଲ ବସିଲା ଆଉ ଆଲମାରିରୁ ବଡ ଜମ୍ପର ବାହାରିଲା। କୁହୁଡ଼ି ବହଳ ହେଲା ଆଉ ସକାଳେ କୁହୁଡ଼ି ଚିରି ବାହାରକୁ ବାହାରି ଆସୁଥିବା ଲୋକମାନେ ଭାରି ବେଢଙ୍ଗ ଆଉ ବେଖାପ୍ ଲାଗିଲେ।

ମୋଟ୍ ଉପରେ କହିବାକୁ ଗଲେ ଶୀତଶୀତ ଫିଲ୍ ହେଲା। ଓଠରୁ ଅନେକ କିଛି ହେବାକୁ ବାକି ଥିଲା। ଆଁ କରି ହାଉ କଲେ ପାଟିରୁ ଧୂଆଁ ବାହାରୁ ନଥିଲା କି ସନ୍ଧ୍ୟାରେ ବାଇକ୍ ଚଳେଇଲେ ହାତମୁଠା କୋଲ ମାରି ଯାଉ ନଥିଲା।

ଚା' ଢୋକେ ନେଇ ସିଗାରେଟରେ ନିଆଁ ଧରେଇଲା ମିଳନ ଆଉ ବାହାରୁଥିବା ଧୂଆଁ କୁଣ୍ଡଳୀକୁ ଲକ୍ଷ୍ୟ କଲା। ସିଗାରେଟର ଧୂଆଁ କୁଣ୍ଡଳୀ ଲିଭିକ ପରି ଉପରକୁ ଉଠୁଛି ଆଉ ପରସ୍ତ ପରସ୍ତ କରି କୁହୁଡ଼ି ସହ ଫେଣ୍ଟି ହେଇଯାଉଛି। ପାଖରେ ଛିଡାହୋଇ ଭ-ସିଗାରେଟ ଟାଣୁଥିବା ହାଇପ୍ରୋଫାଇଲ ଝିଅଟିକୁ ଲକ୍ଷ୍ୟ କଲା ମିଳନ। କଂଫ୍ୟୁଜ୍ ଫିଲ୍ କରିବ ବୋଲି ଭାବୁଥିଲା, କିନ୍ତୁ ବେଟର୍ ଫିଲ ହେଲା ପରି ଲାଗିଲା ତାକୁ। ଦାମୀ ସିଗାରେଟ ହେଇଥିଲେ ବି ନା ସେଥିରେ ବେଶୀ ଧୂଆଁ ଥିଲା ନା ବେଶୀ ଛୁଙ୍କ। ଝିଅଟିରୁ ଆଖି ଫେରାଇ ଏଇ ଫେଣ୍ଟି ହେବା ପ୍ରକ୍ରିୟାକୁ ଭଲଭାବେ ନିରେଖି ଦେଖିଲା ମିଳନ। କେବଳ ତା' ସିଗାରେଟର ଧୂଆଁ ନୁହେଁ, ଅନେକ କିଛି ଫେଣ୍ଟି ହେଇ ଯାଉଛି ରାଜଧାନୀ ରାସ୍ତାରେ ଓ ଏ ଘନ କୁହୁଡ଼ିରେ।

ମଫସଲିଆ ପିଲାଟେ ଲେ ଗାଁ ଶୀତ କଥା। ମେଞ୍ଚି ବୁଢ଼ୀ ଭଙ୍ଗା ଉହ୍ଲେଇର କୁହୁଳା ପାଉଁଶ, ଖରାରେ ବସି ଜଏଣ୍ଟ ଫ୍ୟାମିଲି ମେଳରେ ପଖାଳ-କୋବି ସନ୍ତୁଳାର ବାସ୍ନା, ଖଟରେ ବାସୀ କମ୍ବଳର ଗନ୍ଧ, ବିଲରେ ଧନକଟା ଆଉ ଚୂଲିରେ ବଡ ଡେକଚିରେ ଧାନ ଉଷା ବାସ୍ନା, ବିଲରେ ସୋରିଷ ଫୁଲର ଫୁଟାଣି ଆଉ ଦୁବିପହରରେ ଗଉଣୀ ଧରି ଗାଁ ରାସ୍ତାରେ ଧାନ ସାଉଣ୍ଟା...। ଏସବୁ କଥା ଭାବିବା ବେଳେ ମିଳନର ମନେପଡିଲା ଶୀତଳ ମିଶ୍ର ଦେଇଥିବା ହାତବୁଣା ସ୍ୱେଟର କଥା। ଭାଓଲେଟ ରଙ୍ଗର ସ୍ୱେଟର। ସେତେବେଳେ ହାତବୁଣା ସ୍ୱେଟରର ଭାରି ଡିମାଣ୍ଡ ଥିଲା। ହାତ ଆଉ ଗଳର ପାଖେ ହଳଦିଆ ରଙ୍ଗ, ବାକିସବୁ ଭାଓଲେଟ। ଅବଶ୍ୟ ଏବେ ସେଭଳି ଭାବି ଲାଭ ନାହିଁ। ଥୋଡ଼ ଶୀତଳ ସେତେବେଳେ ଅଡାଟ ତା' ହାତବୁଣା ସ୍ୱେଟରକୁ କାହିଁକି ସେ ବର୍ତ୍ତମାନକୁ ଟାଣିବ।

ରାସ୍ତାକୁ ଚାହିଁଲା ମିଳନ। ରାଜଧାନୀରେ କୋଉ ଝିଅଙ୍କ ଦେହରେ ସ୍ୱେଟର କି ସାଲ୍ ନାହିଁ। ବଡ଼ି ଭୋରରୁ ବି ଖାଲି ସାଲୱାର, ସ୍କର୍ଟ, ଫ୍ରକ୍ ପିନ୍ଧି ମୋବାଇଲ ଉପର ଫୋନ୍ କାନରେ ଦେଇ ବେପରୁଆ ଚାଲିଛନ୍ତି। ଝିଅମାନଙ୍କୁ କ'ଣ ଶୀତ ଲାଗେନି ? ନା ସୁନ୍ଦରତା ମଳିନ ପଡ଼ିଯିବ ବୋଲି ସେମାନେ ଶୀତ ବସ୍ତ୍ର ନ ପିନ୍ଧି ଦେଖେଇ ହେବାର ଅଭିନୟ କରନ୍ତି ? ତାକୁ ଲାଗିଲା, ଝିଅମାନଙ୍କ ସହରେ ଶୀତ ଲାଗେନି ଆଉ ଏଇ କଥାଟିକୁ ସେ ଭୁଲି ଯାଇଛି। ଧେତ୍ ଏ ଭୁଲା ରୋଗ ପାଇଁ ନିଜ ଉପରେ ରାଗ ଆସିଲା ଆଉ ଏଇ ବାହାନାରେ ଆଉଗୋଟେ ସିଗାରେଟ ଲଗେଇଲା।

ଭାବିଲା ଶୀତଳ ଆଉ ଶୀତ ଭିତରେ ଖୁବ୍ ବେଶୀ ଫରକ ନାହିଁ। ବୋଧ୍ ଆଉ ନନ-ସିରିୟସ୍। ଶୀତଳ ପରି ଶୀତର ବି ଆଉ ଆନ୍ତରିକତା ନାହିଁ। ଖାଲି ବର୍ଷକୁ ଥରେ ଆସିବାକୁ ପଡେ ବୋଲି ଡିସେମ୍ବର ଜାନୁଆରୀରେ ଟିକେ ଦେଖା ଦେଇ ଔପଚାରିକତା ନିଭାଉଛି। ସେଥିରେ ଗାଁ ଆଉ ଆପଣାପଣ ନା ଆନ୍ତରିକତା। ହାଲକାରେ ଛୁଇଁ ଚାଲିଯିବାର କୌଶଳ ଟିକକ ବିନା କିଛି ହିଁ ନାହିଁ।

ମିଳନ ଆଉଥରେ ମନେ ପକାଇଲା ପୁରୁଣା ଦିନର ଶୀତ କଥା। ସେବେ ଶୀତ ଆଜିପରି ଅଲ୍ପଦିନର ଅତିଥି ନଥିଲା। ସେତେବେଳେ ଧୂମ୍ ଶୀତ ହେଉଥିଲା। ଡଙ୍ଗାଭସାଠୁ ଆରମ୍ଭ ହେଉଥିଲା, ସରସ୍ୱତୀ ପୂଜା ପାଖାପାଖି ଛାଡ଼ୁଥିଲା। ସେଥିପାଇଁ ତ ଶୀତଳ ମିଶ୍ର ଫୁଲେଇହେଇ କୁହେ 'ଆଗ ଗାଁକୁ ଶୀତ ଶୀଘ୍ର ଆସେ, ଡେରିରେ ଯାଏ।' ସତରେ ଶୀତ କହିଲେ ଗୋଟେ ଆତଙ୍କ। ଦଇଣାଏ ଉତ୍ତରା ପବନରେ ହିମ ପାଲଟିଯାଉଥିଲା ଦେହ ମାଂସ ହାଡ଼। କାଠକୁଟା ଏକାଠି କରି ଗାଁ ମୁଣ୍ଡରେ ନିଆଁ ପୁହାଁଯାଉଥିଲା, ଗୋଟେ ଜାଗାରେ ବସି ବିଡ଼ି ଶୋଷାଯାଉଥିଲା, ରାତିରେ କେନ୍ଥା ଘୋଡାହେଇ ଶୁଆହେଉଥିଲା।

ସେବର୍ଷ ପ୍ରବଳ ଶୀତ ହେଉଥିଲା। ଏତେ ଶୀତ ଯେ ଲୋକମାନେ ବରଡା ପତ୍ର ପରି ଥରୁଥିଲେ। ଲାଗୁଥିଲା ଲୋକମାନେ ବରଫ ପାଲଟିଯାଉଛନ୍ତି। ଦିନେ ଏଭଳିଆ ବରଫ ପାଲଟା ରାତିରେ ମିଳନକୁ ନିଦ ହେଉ ନଥିଲା। ନିଠା ଜାଡରେ ଗୋଡ଼ାପଣ ଥରୁଥିଲା। ଦେହରେ ଥିଲା ଶୀତଳର ହାତବୁଣା ସ୍ୱେଟର। ସ୍ୱେଟରର ଛାତିରେ ବଡବଡ ଅକ୍ଷରରେ ଲେଖାଯାଇଥିଲା 'ମିଳନ'। ଆଉ ସେଇ ଅଂଶକୁ ଦେଖିଲେ ଛାତି ଫୁଲେଇ ଚାଲୁଥିଲା ସେ। ଗାଁରେ ଟ୍ରାନସଫର୍ମର ପୋଡିଯାଇଥିଲା। ତେଣୁ ଗାଁ ଥିଲା ପୂରା ଅନ୍ଧାର। ଲୋକେ ଡଇଲଡିକଳ ହେଇ ବାକି ଟଙ୍କା ଆଦାୟ କରି ଇଲେକ୍ଟ୍ରି ଅଫିସରେ ଜମା କରିବାରେ ବ୍ୟସ୍ତ ଥିଲେ। ମାସେ ଯାଏଁ ଲାଇନ ଆସିବାର ସମ୍ଭାବନା ହିଁ ନଥିଲା।

ରାତିରେ କାହିଁକି କେଜାଣି ନିଦ ହେଉ ନଥିଲା, ଗତେଇ ମତେଇ ହେଉଥିଲା ମିଳନ। ରାତିଅଧରେ ହଠାତ୍ ସେ ଦେଖିଲା ଦପ୍ କରି ଗୋଟେ ଲାଇଟ ଜଳି ଉଠିଲା। ଗାଁର ଗାଢ଼ ଅନ୍ଧାରକୁ ତାଞ୍ଜ୍ୟ କରୁଥିବା ଲାଲ ରଙ୍ଗର ଧଳା କି ହଳଦିଆ ନଥିଲା। ପୂରା ଲାଲ୍। ଲାଲ ଟକଟକ୍। ଟହଟହ ଲାଲ। ଆଶ୍ଚର୍ଯ୍ୟ ହେଲା ମିଳନ। ଲାଇନ ତ ନାହିଁ, ଏ ଆଲୁଅ ଆସୁଛି କୋଉଠୁ ? ନିରିଖେଇକି ଦେଖିଲା, ଆଖି ଫର୍ଦ୍ଦା କରି ଚାହିଁଲା। ପାଞ୍ଚ ଡିଗ୍ରୀ ପାରାରେ ବି ତା' ଦେହରୁ ଗମଗମ୍ ଝାଳ ବାହାରିଗଲା। ସେ ଲାଲ ଆଲୁଅ ଶୀତଳ ମୁହଁରେ, ତା ଜପାଳରେ...।

ମିଳନ ଦେହରୁ ଫଟ୍ କରି ଜାଡ ଓହ୍ଲେଇଗଲା। ମହମ ପରି ତରଳିଗଲା ତାର ସମସ୍ତ ଅଙ୍ଗ ଅବୟବ। ପାଣି ଫାଟିଗଲା ତା' ଦେହର ରକ୍ତ। ମିଳନ ନିଜ ପାଦରୁ ମୁଣ୍ଡ ଯାଏ ଦେଖିଲା, ତା ଶରୀର ପୁରାଟା କଙ୍କାଳ। ସେବେଠୁ ଶୀତ ଗାଏବ୍ ହୋଇଯାଇଛି। ସେବେଠୁ ଜାଡରେ ସ୍ୱେଟର ପିନ୍ଧେନା ମିଳନ। ଶୀତରାତିରେ ଏକାକୀ ଚାଲେ, ଏକାକୀ ବୁଲେ। ଗଛରେ ଜେମିତି ଲେଇଯାଇଥିବା କୁହୁଡ଼ିକୁ ଦେଖିଲେ ତାକୁ ଦୟା ଲାଗେ। ହସେ ସେ। ମିଳନକୁ ମନେହୁଏ ବାଘ ଭଳି ଡରାଉଥିବା ଏ ଶୀତୁଆ ରାତି କେବଳ ତା' ପାଖରେ ହିଁ ପରାସ୍ତ, ପରାଜିତ...।

ମୋବାଇଲ: ୯୪୩୮୨୯୦୪୯୧
ଶୈଳଶ୍ରୀବିହାର, ଭୁବନେଶ୍ୱର

# ନୂତନ

**ଶୋଭାମୟୀ ପତ୍ରୀ**

ସୂର୍ଯ୍ୟ ସବୁଦିନ ଉଦୟ ହୁଅନ୍ତି, ସକାଳ ଆସେ, ପିଢାରେ କାଉ କାକା ରାବେ, ଗୋଠରୁ ହମ୍ବା ରଡ଼ି ଶୁଭେ, କଅଁଳା ବାଛୁରୀ ଗାଁ ଦାଣ୍ଡରେ କୁଦି କୁଦି ପଡିଆରା ଦେଖାନ୍ତି , ଚଢେଇମାନଙ୍କ ଚିଁ ଚାଁ କାକଳିରେ ପରିବେଶ ମୁଖରିତ ହୁଏ,ଦୂର ମନ୍ଦିରରୁ ଶଙ୍ଖ, ଘଣ୍ଟ ଘଣ୍ଟାର କ୍ଷିଣ ଶବ୍ଦ ସହ ଭଜନ କୀର୍ତ୍ତନର ପବନ ସାଥିରେ ମିଶି ପରିବେଶକୁ ପବିତ୍ର କରେ , ପିଲାମାନେ ବସ୍ତାନି କାନ୍ଧରେ ପକେଇ ସ୍କୁଲ, ଟ୍ୟୁସନ ଯାଆନ୍ତି, ଗାଁ ଚାହା ଦୋକାନରେ ଖଟି ବସେ, ଥୋକେ ବ୍ୟାୟାମ, ପ୍ରାତଃ ଭ୍ରମଣ ଆଳରେ ହାତରେ ବାଡ଼ିଖଣ୍ଡେ ଧରି ମାଛି ଅନ୍ଧାରରୁ ଚାଲୁ ଚାଲୁ ପର ନିନ୍ଦା ପରଚର୍ଚ୍ଚା ସହ ଫୁଲ ଚୋରି କରନ୍ତି, ଗାଁ ପୋଖରୀ ତୁଠରୁ ଝିଅ ବୋହୁଙ୍କର କୋଳାହଳ ଖିଲି ଖିଲି ହସରେ ଗାଁ ଦାଣ୍ଡ ଫାଟୁଥାଏ,ଏହିସବୁ ନିତିଦିନିଆ କାର୍ଯ୍ୟକ୍ରମ ଉପଭୋଗ କରି କାଗଜ କଲମରେ ଭାବ ଶବ୍ଦ ଉପମା ଦେଇ ଉତାରି ଉତାରି ବିରକ୍ତି ଅନୁଭବ କରୁଥିଲେ ଉମେଶ ବାବୁ । ତାଙ୍କ କଲମ ପାଇଁ କିଛି ନୂତନତ୍ୱର ଆବଶ୍ୟକ ଥିଲା, ସେଇ ଏକା ଜିନିଷକୁ ନେଇ କବିତା ଗଳ୍ପ ରଚନା କରି କରି ବଡ଼ ଚିଡିଚିଡା ଲାଗୁଥିଲା ତାଙ୍କୁ, କେହି କେହି ପ୍ରଶଂସକ ବି ମୁହଁରେ କହିଦେଉଥିଲେ ଲେଖନୀରେ କିଛି ନୂତନତ୍ୱ ଅଣନ୍ତୁ ମହାଶୟ,




ଏଣୁ ସେ ମନସ୍ଥ କରି କିଛି ନୂତନ ପ୍ରସଙ୍ଗ ଆଶାନେଇ ବାହାରିଥିଲେ ସହର ଯେଉଁଠି ଥିଲା ତାଙ୍କର ସମ୍ପୂର୍ଣ୍ଣ ପରିବାର ସ୍ତ୍ରୀ, ପୁଅବୋହୂ, ନାତି ନାତୁଣୀ ସମସ୍ତେ ଏକାଠି ହେଲେ ସେ ଜଣେ କବି ପ୍ରାକୃତିକ ପରିବେଶ ଶାନ୍ତନିର୍ମଳ ବାତାବରଣର ଆବଶ୍ୟକତା ତାଙ୍କ ବୃତ୍ତି ପାଇଁ ଥିଲା ବୋଲି ସେ କେବେଠାରୁ ସେମାନଙ୍କୁ ବା ସହରି ବ୍ୟସ୍ତବହୁଳ ଜୀବନଠାରୁ ନିଜକୁ ଦୂରରେ ରଖୁଥିଲେ, ଏଥର କିନ୍ତୁ ଗାଁର ମୋହ ତୁଟେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବା ଉଦ୍ଦେଶ୍ୟରେ ନିଜର ବେଡି ବସ୍ତାନି ସହିତ ପହଁଚି ଯାଇଥିଲେ ପୁଅର ବସାଘରେ । ଘର ଗେଟ୍ ପାଖରେ ଛିଡା ହୋଇ କ୍ଲିଙ୍ଗ ବେଲ୍ ରେ ଟିପ ଦେଉ ଦେଉ ଘର ଭିତରୁ ନାଚଗୀତରେ ସ୍ୱର ଭାଷି ଆସୁଥିବାର ଶୁଣି ଉମେଶ ବାବୁ ଖୁସି ମିଶା ଚିନ୍ତାରେ ସ୍ଥିର ହୋଇଯାଇଥିଲେ । କିଛି କ୍ଷଣପରେ ଭିତର ପଟୁ ଏକ ଭୀମ ଗର୍ଜନ ଶୁଣା ଗଲା "ଏ ବୁଢ଼ୀ କଣ କାଲୁଣି ହୋଇଗଲୁଣି ନାଁ କଣ, କଲିଙ୍ଗ ବେଲ୍ ଶବ୍ଦ ଶୁଭୁନି ତତେ, ମନେ ମନେ ସାହବାଣି, ସେତେବେଳୁ ଚାହା ଟିକେ ବନେଇବାକୁ କିଚେନ୍ ରେ ପଶିଛି ଯେ ପଶିଛି, ଆରେ ଦେଖରେ ବୁଢ଼ୀ ଆମ ଫାଷ୍ଟଫୁଡ୍ ଗୁଡା ଅଇଁଠା କରି ଦେଇନି ତ, ମଫସଲି ବୁଢ଼ୀ ଏତେ ସବୁ ଖାଇବା ଆଗରୁ ଦେଖି ବି ନ ଥିବ, ଆଉ ଏକସଙ୍ଗରେ ଅନେକ ଗୁଡ଼ାଏ ମିଶ୍ରିତ ନାରୀ ହସ ଧ୍ୱନି । " ସେତକ ସରୁ ସରୁ ପୁଣି ଏକ ପୁରୁଷ କଣ୍ଠ " ହେଇ ଦେଖ୍ ଦେଖ୍ ଏତେ ଦାମୀ ଶଙ୍ଖ, କାଚର ବାସନ ଗୁଡା ଗୋଟାଏ ଯଦି ଭାଙ୍ଗେ ସିଧା ଗାଁରେ ଛାଡି ଆସିବି, ସକାଳୁ ରାତିଯାଏ ବୁଢା ଗାରୁଗାରୁ, ଖେଞ୍ଚା ସାଙ୍ଗରେ ପଖାଳ ପିଆଜ ଲଗେଇ ଗୁଣ୍ଡା ଉଠେଇବୁ । ଦୁଧ ଭାତ ଗଳା କୁଣ୍ଡେଇ ହଉଛି ତୋର । " ପୁଣି ଦୁଇଟି କୁନି କୁନି କଣ୍ଠ " ମାଆ ତମକୁ କଣ ଢଙ୍ଗର ଚକରାଣୀ ମିଳିଲାନି ଯେ ଏ ଅସନି ବୁଢ଼ୀକୁ କୋଉଠୁ ଧରି ଆଣିଛ । "

ଉମେଶ ବାବୁ ଅଧୈର୍ଯ୍ୟ ହୋଇପଡୁଥିଲେ ଘର ଭିତରକୁ ପ୍ରବେଶ କରି ନିଜ ପରିବାରକୁ ଭେଟିବା ପାଇଁ । ଦରଜା ଖୋଲିବାର ସମୟ ସୀମା ମଧରେ ସେ ଗାଁ ରୁ ସହର ଯାତ୍ରା ଭିତରେ ବସ୍ ସିଟ୍ ରେ ମୁଣ୍ଡ ଡେରି ଆଖି ବୁଝି ବୁଣିଥିବା ସ୍ୱପ୍ନ ଗୁଡାକୁ କାଗଜରେ ସଜେଇ ଏକ ସୁନ୍ଦର ରୂପ ଦେଇ ତାଙ୍କ ଲେଖନୀରେ ନୂତନତ୍ୱ ଆଣି ପାଠକମାନଙ୍କୁ ପରସି ପ୍ରଶଂସା ଗୋଟେଇବା ପାଇଁ ଉଚ୍ଛନ୍ନ ହୋଇପଡୁଥିଲେ ଏମିତିକି ନିଜର ପଥକ୍ଳାନ୍ତି ମେଣ୍ଟାଇବା ପାଇଁ ତାଙ୍କ ଭାବନା ତାଙ୍କୁ ଅନୁମତି ଦେଉ ନ ଥିଲେ । ଗୁଡ଼ାଏ ଦିନ ପରେ ଅତି ପ୍ରିୟର ପରିବାର ସହ ମିଶି ସହରି ଜୀବନରେ ନିଜକୁ ସାମିଲ୍ କରି ଅନେକ ଗୁଡ଼ାଏ ଖୁସି ସାଉଁଟି ଏକଜୁଟ କରି ନୂତନ ସୃଷ୍ଟି ରଚିବା ପାଇଁ ନୂତନ ଭାବ ଭାବନା, ପଂକ୍ତି, ଧାଡିମାନେ ତାଙ୍କ ମୁଣ୍ଡରୁ ଆଖି, ଆଖିରୁ କଣ୍ଠ ଏମିତି ଘୁରି ଘୁରି ଶେଷରେ ଛାତିରେ ଜମାଟ ବାନ୍ଧି ସାରିଥିଲେ ସତ ହେଲେ ତାକୁ ପରିପକ୍ୱ କରିବା ଲାଗି ସେମାନେ ତାଙ୍କ ଠାରୁ କିଛି ସମୟ ମାଗିନେଇଥିଲେ ।

ଉମେଶ ବାବୁଙ୍କ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଧଡ୍ କିନା ଅବାଜ କରି ଦରଜା ଖୋଲିଗଲା। ସେ ଏକ ଶାନ୍ତିର ନିଶ୍ୱାସ ଛାତି ଭିତରକୁ ଟାଣିନେଇ ସିଧାସଳଖ ଘରଭିତରକୁ ପଶିଗଲେ ଆଉ ସେଠାରେ ଯାହା ଦେଖିଲେ, ତାଙ୍କ ପାଟିରୁ ଆପେ ବାହାରି ଆସିଲା ବାହା ବାହାରେ ସହରି ଜୀବନ, ତାଙ୍କ ଆଖିରୁ ଧାର ଧାର ଲୁହ ଗଡି ଆସୁଥିଲା ଆଉ ଲେଖନୀକୁ ନୂତନତ୍ୱ ମିଳିଯାଇଥିଲା,ସେ ସେହିପରି ଅବସ୍ଥାରେ ବୋହୂଠାରୁ ମାଡ଼ଖାଇ ତଳେ ପଡ଼ିଥିବା ସ୍ତ୍ରୀର ହାତ ଧରି ଫେରି ଆସିଥିଲେ ଗାଁକୁ ।

କେନ୍ଦ୍ରାପଡ଼ା

# ଆତ୍ମ ପ୍ରତାରଣା ଯନ୍ତ୍ର ନା ସାଧନା



**ଡକ୍ଟର ଲକ୍ଷ୍ମଣ ସାହୁ**

ଆମେମାନେ ଜୀବ ଜଗତରେ ସବୁଠାରୁ ଅଦ୍ଭୁତ ପ୍ରାଣୀ। ଆମ ଭିତରେ ଏକ ଆଶ୍ଚର୍ଯ୍ୟଜନକ ଯନ୍ତ୍ର ଅଛି, ଯାହା ଏକ ଆତ୍ମ-ପ୍ରତାରଣା ଯନ୍ତ୍ର। ଏହା ବିନା ବ୍ୟାଟେରୀରେ ଚାଲୁ ରହିଥାଏ ଓ କେବେ ବନ୍ଦ ହୁଏ ନାହିଁ। ଆମେ ଉଠିବା ମାତ୍ରେ ଏହାର ବଟନ୍ ଦବାଇ କହିଥାଉ, "ମୁଁ କିଛି ଚାହୁଁନାହିଁ। ଯାହା କରେ ତାହା କେବଳ ପିଲାମାନଙ୍କ ପାଇଁ ସବୁକିଛି କରୁଛି, ମୋ ପାଇଁ ଏକ ଅଣୁ ମଧ ନୁହେଁ।" କିନ୍ତୁ ଯଦି ଆମେ ନିଜ ପାଇଁ କିଛି ଚାହୁଁନାହୁଁ, ତେବେ ଆମେ ଏତେ କଳାଧନ ପାଇଁ ଏତେ କଠିନ ପରିଶ୍ରମ କାହିଁକି କରୁ। ସତରେ ଆମେ ଏତେ ମିଛ କାହିଁକି କହୁ। ନିଜେ ମିଛ କହୁଥିବାବେଳେ ଆମେ ଅନ୍ୟମାନଙ୍କ ମିଛକୁ ସନ୍ଦେହ କାହିଁକି କରୁ ଓ ନିଜ ମିଛରେ ଗର୍ବ କାହିଁକି କରୁ ? ଏଭଳି ଅଜବ ପ୍ରକାର ପ୍ରଶ୍ନର ଉତ୍ତର ହୁଏତ ନଥାଇ ପାରେ। କିନ୍ତୁ ଆମର ମନ ଏକ ତୀକ୍ଷ୍ଣ ବୁଦ୍ଧିଜୀବୀ ଓକିଲ ପରି ଓକିଲାତି କରୁ, ପ୍ରତ୍ୟେକ ଖରାପ କାର୍ଯ୍ୟ ପାଇଁ ପ୍ରସ୍ତୁତ, ପ୍ରତ୍ୟେକ ବେଇମାନିର ବାହାନା ପରି।

ବିଚାର କଲେ ପ୍ରଥମେ ଏଭଳି କେନ୍ଦରାର ତାର ଆତ୍ମାର ତାର ଛିଣ୍ଡିଯିବ। ଏହା ଏକ ଶାମୁକାର ବସା ପରି। ବିଚରା ଲୋକଟି ଏକ ବନ୍ଧ୍ୟା ପ୍ରାଣୀ। ଆମେ ଫସଲ ଅମଳ କରିବା ପରେ ଫଳ ଟିକେ ଜୀର୍ଣ୍ଣ ହୋଇ ଫେରି ଆସେ ଓ ତାପରେ ଏହା କ'ଣ ପାର୍ଥକ୍ୟ ସୃଷ୍ଟି କରେ ଅନେକ ପ୍ରଶ୍ନବାଚୀ ? କିନ୍ତୁ ମୃତ୍ୟୁ ସର୍ଟ ସର୍କିଟ ପରି ଘଟେ ନାହିଁ। ସର୍କିଟରେ ସାମାନ୍ୟ ତୃଟି ଦେଖାଦେଲେ ଘର ପରେ ଘର ଜଳିଯିବ। ଆମେ ଭାବୁ "ଯଦି ମୁଁ ମିଛ କହେ, ଯଦି ମୁଁ ଧରାପଡ଼େ, ଦଶ ଜଣ ମୋ ପଛରେ ଦୌଡ଼ି ଆସିବେ।"

ଯେତେବେଳେ ମୁଁ କିଛି ଭୁଲ କହିଥିଲି ଓ ତା'ପର ଦିନ, ମୁଁ କ'ଣ କହିଥିଲି ତାହା ମଧ ମନେ ପକେଇ ପାରୁନାହୁଁ। ଯାହା ଫଳରେ ଆମେ ମିଛ ମନେ ରଖିବାରେ ନିଶାଗ୍ରସ୍ତ ହୋଇ ରହୁଛେ। ଏପରିକି ଶେଷରେ ଆମର ନିଜ ଜନ୍ମଦିନ ଓ ଅନ୍ୟମାନଙ୍କ ଜନ୍ମଦିନ ଭୁଲି ତାକୁ ନଷ୍ଟ କରିଦେଉ। ତା'ପରେ ଆମେ ନିର୍ଦ୍ଦୋଷ ଭାବରେ କହୁ, "ଯେହେତୁ ମୁଁ ସଚ୍ଚୋଟ, ପରିସ୍ଥିତି ମୋତେ ଏପରି ହେବାକୁ ବାଧ କରିଥିଲା। ପରିସ୍ଥିତିରେ ମୋତେ ମୁଣ୍ଡ ବୁଲାଇଥିବ, କିନ୍ତୁ କେହି କେବେ ମୋତେ ଏପରି ନିର୍ଲଜ୍ଜ ଅଭିଯୋଗ ପାଇଁ ଅଭିଯୁକ୍ତ କରି ନାହାଁନ୍ତି।" ଚୋରିର ଶକ୍ତି ମଧ ଅଜେୟ ଅମର। କାରଣ ସେ କେବେ ସୁଧୁରି ନଥାଏ।

କହିବା ବାହୁଲ୍ୟ ଚୋର ପାଇଁ ସାମାନ୍ୟ ବାଡ଼ିଟି ହେଉ କିମ୍ବା ବଡ଼ ଗୁଳି ହେଉ, ଉଭୟଙ୍କର ସମାନ କାର୍ଯ୍ୟକ୍ଷମ ବାହାନା ଅଛି। ଯଦି ତୁମେ କେବଳ ଏତେ ଭାବନା ନେବ ତେବେ କ'ଣ ପାର୍ଥକ୍ୟ ହେବ ? କିନ୍ତୁ ଯଦି ବିଶ୍ୱର ସବୁଠାରୁ ଲମ୍ବା ପୁସ୍ତକ ଲେଖାଯାଏ, ତେବେ ଏହାର ପ୍ରଥମ ଅଧ୍ୟାୟ ହେବ, "ଏହା ସବୁଠାରୁ ଲମ୍ବା ହିସାବ।"

ଅତଏବ ଦୁଇ ଟଙ୍କା ଚୋରି କରିବା ଓ ଦୁଇ କୋଟି ଚୋରି କରିବା ମଧରେ ପାର୍ଥକ୍ୟ କେବଳ ପରିମାଣରେ ଥାଏ, କିନ୍ତୁ ଚରିତ୍ରରେ ନୁହେଁ। ଚୋରି ହେଉଛି ଚୋରି , ତାହା ଛୋଟ ବଡ଼ ଯାହା ହେଉ। ତୁମେ ମନ୍ଦିରରୁ ଦାନ ବାକ୍ସଟି ଚୋରି କର କିମ୍ବା ମନ୍ଦିରର ଦେବଦେବୀଙ୍କ ମୂର୍ତ୍ତି ଚୋରି କର, ନିଜେ ଭାବ, "ମୁଁ ଆଜି ଟିକିଏ ଅତ୍ୟାଧିକରୋଜଗାର କରିବି ଓ କିଛି ଦାନ କରିବି।" ଯେପରି ପାପ ଏକ ଛୋଟ କଥା ବୋଲି ଭାବି ନେଉଛ, ଓ ପୁଣ୍ୟ ସେପରି ଏକ ଧାର୍ମିକ କାର୍ଯ୍ୟ ବୋଲି ଧରି ନିଅ। ଯଦି ଉଭୟ ମିଶିଯାଏ, ଆମର ନୈତିକତା ଉଜ୍ଜ୍ୱଳ ହେବ। ଯଦି ଆମେ ପ୍ରଥମେ ଆଜି କାହାକୁ ଦୁର୍ବ୍ୟବହାର କରୁ, ତେବେ ଆମେ ତାଙ୍କ ପାଦ ଛୁଇଁବୁ। ଯେପରି ଏହା ଜୀବନ ନୀତି ଓ ସାହସର ଏକପ୍ରକାର ମିଶ୍ରିତ ପ୍ୟାକ୍ କୁହାଯାଇପାରେ।

ଆମର ମନ ଏକପ୍ରକାର ମୂର୍ଖ ସଦୃଶ୍ୟ। ବେଳେ ବେଳେ ଏହା ଆଶ୍ଚର୍ଯ୍ୟଜନକ ତଦନ୍ତ ନିମନ୍ତେ ପରାମର୍ଶ ଦିଏ। "ମୋତେ ଟିକିଏ କୁହ, ଏହାର ସୁଯୋଗ ନିଅ, ଟିକିଏ ବେଇମାନି ମିଥ୍ୟା ସତ୍ୟପାଠ କର, ଓ ତା'ପରେ ପରେ ତୀର୍ଥଯାତ୍ରା କର।" ଦୁର୍ନୀତି କର, ଯେପରି ବେଇମାନି ଏକ ଦାଗ ନୁହେଁ, ଏକ ଭୁଲ ଯାହାକୁ ସ୍ନାନ ସହିତ ଧୋଇ ଦିଆଯାଇପାରିବ। ଆମେ ଭାବୁ, " ମୁଁ ଥରେ ଠକିଲେ କ'ଣ ପାର୍ଥକ୍ୟ ଘଟିବ ?" ଅସୁବିଧା ସେତେବେଳେ ଆସେ ଯେତେବେଳେ ଆମେ ରାତିରେ ଶୋଇ ପାରିବା ନାହିଁ। ସେତେବେଳେ ଆମର ମନ ପଚାରେ, "ଆଜି ମୁଁ କାହାକୁ ଠକାମି କଲି ?" ଆମେ ଆମ ପିଲାମାନଙ୍କ ନାମରେ ଆମର ଲୋଭକୁ ମଧ ପଲିସ୍ କରୁ। ଆମେ ଏଥିପାଇଁ ସବୁକିଛି କରୁଛୁ। ଆମର ପିଲାମାନେ ନିଶ୍ଚୟ ଭାବୁଥିବେ, ପାପା, ଯଦି ଆମ ପାଇଁ, ତେବେ ଦୟାକରି ଏହା କରନ୍ତୁ ନାହିଁ, ଆମେ ବଡ଼ ହେଲେ ଆମର ଫିସ୍ ନିଜେ ଦେବୁ।

ବାସ୍ତବରେ ନିତିଦିନିଆ ଜୀବନ ପ୍ରବାହ ଏପରି ତାଓ ଟିକି ସୁଖ, ଦୁଃଖ, ହସ, କାନ୍ଦ ଖୁସି ଭଳି। ପ୍ରବାହମାନ ସମୟର ଛାୟାଚିତ୍ର ଭଳି ଏହା ଏକ ଛାଇ ଆଲୁଅର ଖେଳ। କହିବାର ମର୍ମ ଯିଏ ତାଓକୁ ଆଲିଙ୍ଗନ କରେ, ସେ ତା'ର ଜୀବନକୁ ସ୍ୱଚ୍ଛ ପାଣି ପରି ପ୍ରବାହିତ କରେ। ମଣିଷ ପୃଥିବୀ ସହିତ, ପୃଥିବୀ ଆକାଶ ସହିତ, ଆକାଶ ତାଓ ସହିତ ଓ ତାଓ ପ୍ରକୃତି ସହିତ ଜଡିତ। ସମସ୍ତେ ସମାନ ଚକ୍ରରେ ବନ୍ଧା। ସତରେ କଣ ଜୀବନକୁ ସ୍ୱଚ୍ଛ ଜଳ ପରି ପ୍ରବାହିତ କରି ହେବନାହିଁ। ତାଓ କେବେ ପ୍ରୟାସ କରେ ନାହିଁ, ତଥାପି ଏହା ମାଧ୍ୟମରେ ସମସ୍ତ ସୃଷ୍ଟି କାର୍ଯ୍ୟ କରିଚାଲିଥାଏ। ଯଦି ମଣିଷ ତାଓର ଶାନ୍ତିରେ ବାସ କରେ, ତେବେ ବିଶ୍ୱ ନିଜକୁ ଏହାର ପ୍ରାକୃତିକ ଲୟରେ ପରିବର୍ତ୍ତନ କରିବ, ବିନା କ୍ରମରେ ଓ ବିନା ଦ୍ୱନ୍ଦ୍ୱରେ। ଲୋକମାନେ ଏକ ସରଳ ଜୀବନରେ, ସମନ୍ୱୟରେ ଜୀବନଯାପନ କରି, ଇଚ୍ଛାରୁ ମୁକ୍ତ ହୋଇ ସନ୍ତୋଷ ପାଇବେ। ତାଓ ଏକ ନାମହୀନ, ଆରମ୍ଭହୀନ, ଅନନ୍ତ ରହସ୍ୟ , ଯାହା କଥା ନ କହି ଦିଗଦର୍ଶନ ଦିଏ ଓ ଗତି ନକରି ସମସ୍ତଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ମାର୍ଗଦର୍ଶନ କରେ।




ଯେତେବେଳେ ଅନାବଶ୍ୟକ ଇଚ୍ଛା ଦୂର ହୋଇଯାଏ ସେତେବେଳେ ଭିତରେ ଓ ବାହାରେ ଶାନ୍ତି ପ୍ରକାଶ ପାଏ। ଯେତେବେଳେ ଆମେ ଅଧିକ ପାଇବାର ଇଚ୍ଛାକୁ ଛାଡି ଦେଉ, ସେତେବେଳେ କେବଳ ସଫଳତାର ଦ୍ୱାର ଖୋଲିଯାଏ। ଦୃଶ୍ୟମାନ ଦୁନିଆରେ ଇଚ୍ଛାର ଭାର ଆମକୁ ନୂତନ ବନ୍ଦୀ କରିଦିଏ। ସରଳତା, ଧୈର୍ଯ୍ୟ ଓ କରୁଣା ହେଉଛି ତିନୋଟି ସର୍ବୋତ୍ତମ ସମ୍ପତ୍ତି। ସରଳତା ଆମକୁ ଆମର ମୂଳ ସହିତ ସଂଯୋଗ କରେ, ଧୈର୍ଯ୍ୟ ଆମକୁ ପ୍ରବାହ ସହିତ ଯିବାକୁ ଶିଖାଏ। ଶେଷରେ କରୁଣା ଆମକୁ ପ୍ରତ୍ୟେକ ଜୀବ ସହିତ ଏକତା ଅନୁଭବ କରିବାକୁ ଅନୁମତି ଦିଏ।

ପୁନର୍ବାର ସୂଚେଇଦିଏ ଯିଏ ତାଓକୁ ଆଲିଙ୍ଗନ କରେ ତା'ର ଜୀବନ ସ୍ୱଚ୍ଛ ପାଣି ପରି ପ୍ରବାହିତ ହୁଏ। ମଣିଷ ପୃଥିବୀ ସହିତ, ପୃଥିବୀ ଆକାଶ ସହିତ, ଆକାଶ ତାଓ ସହିତ ଓ ତାଓ ପ୍ରକୃତି ସହିତ ଜଡିତ। ସମସ୍ତେ ଗୋଟିଏ ଚକ୍ରରେ ବନ୍ଧା। ଏହି ଚକ୍ର ସହିତ ସମନ୍ୱୟ ରଖି ଗତି କରିବା ଦ୍ୱାରା, ଜୀବନ ସଂଘର୍ଷ , ସମସ୍ୟା ଅଦୃଶ୍ୟ ହେବା ଆରମ୍ଭ ହୁଏ। କାର୍ଯ୍ୟଗୁଡ଼ିକ ସମାପ୍ତ ହୁଏ ଓ ସଂଘର୍ଷ ବିନା ପରିବର୍ତ୍ତନ ଘଟେ। ତାଓ ସହିତ ଜଡିତ ଜୀବନ ଅର୍ଥପୂର୍ଣ୍ଣ ହୋଇଯାଏ। ସ୍ୱଚ୍ଛ ଆଲୋକ ପରି, ଅନନ୍ତତାରେ ବିସ୍ତାରିତ ହୋଇପାରେ। ପ୍ରକୃତି କେବେ ଶୀଘ୍ର ଅନ୍ତ ହୁଏ ନାହିଁ। ଗଛଗୁଡ଼ିକ ଧୀରେ ଧୀରେ ବଢ଼େ, ନଦୀଗୁଡ଼ିକ ଶାନ୍ତ ଭାବରେ ପ୍ରବାହିତ ହୁଏ, ଫୁଲଗୁଡ଼ିକ ଉପଯୁକ୍ତ ସମୟରେ ଫୁଟେ। ତଥାପି ବିଶ୍ୱରେ ସମସ୍ତଙ୍କ ଆବଶ୍ୟକତା ପୂରଣ ହୁଏ କି ନାହିଁ। ତଥାପି ମଣିଷ କାହିଁକି ଶୂନ୍ୟରେ ଧାଇଁଯାଏ ? ଇଚ୍ଛା ପଛରେ ପଡ଼ିବା ପାଇଁ ସେ ନିଜକୁ କାହିଁକି ହଜାଇ ଦିଏ ?

ପ୍ରକୃତରେ ତାଓ ଶିକ୍ଷା ଦିଏ ଯେ ଯେଉଁମାନେ ଜାଣନ୍ତି ସେମାନେ କମ୍ କୁହନ୍ତି। କାରଣ ଜ୍ଞାନ ଶବ୍ଦର ଗହଳିରେ ନୁହେଁ, ବରଂ ନୀରବତାର ଗଭୀରତାରେ ଉତ୍ପନ୍ନ ହୁଏ। ତାଓ ଗୋଟିଏରୁ ଅନେକଙ୍କୁ ଜନ୍ମ ଦିଏ ଓ ଅନେକଙ୍କୁ ସେମାନଙ୍କର ମୂଳକୁ ଫେରାଇ ଆଣେ। ଯିଏ ତାଓ ସହିତ ଚାଲେ, ସେ ପ୍ରକୃତିକୁ ନିଜର ଶିକ୍ଷକ କରେ ଓ ଜୀବନକୁ ଏକ ଶାନ୍ତ ସ୍ରୋତ ପରି ପ୍ରବାହିତ ହେବାକୁ ଦିଏ। କୋମଳତାକୁ ଗ୍ରହଣ କରି, ନିଜ କଠିନତମ ପରିସ୍ଥିତିକୁ ମଧ ପରିବର୍ତ୍ତନ କରିପାରେ। ଯେଉଁମାନେ ଦୁର୍ବଳ ଦେଖାଯାଆନ୍ତି ସେମାନେ ମଧ ଉଚ୍ଚ ପଦବୀ ପ୍ରାପ୍ତ କରନ୍ତି।

ତାଓ ପ୍ରତ୍ୟେକ ହୃଦୟରେ ବିଦ୍ୟମାନ ଅଛି। କେବଳ ଅହଂକାରକୁ ପରିତ୍ୟାଗ କରିବାକୁ ପଡ଼ିବ, ଇଚ୍ଛାକୁ ବଶ କରିବା ହେବ। ସେହି ନୀରବ ପ୍ରବାହ ତାଓ ନିକଟରେ ନିଜକୁ ସମର୍ପଣ କରିବା ଆବଶ୍ୟକ। ଯେତେବେଳେ ଜଣେ ତାଓ ସହିତ ଏକ ହୋଇଯାଏ, ସେତେବେଳେ ବିଶ୍ୱ ଶତ୍ରୁ ନୁହେଁ ବରଂ ବନ୍ଧୁ ପାଲଟିଯାଏ, ଜଣେ ଅନୁଭବ କରେ ଯେ ତାଓ ଅନନ୍ତ ଓ ସେ ସେହି ଅନନ୍ତର ସେ ଏକ ଅଂଶ ବିଶେଷ।

କହିବାର ଅର୍ଥ ପ୍ରକୃତି ପରି ହୁଅ। ଯେତେବେଳେ ଆମେ ସଂଘର୍ଷ ଓ ଅନାବଶ୍ୟକ ଇଚ୍ଛା ବିନା ବଞ୍ଚିଥାଉ। ଯାହା ଫଳରେ ଜୀବନ ସ୍ୱାଭାବିକ ଭାବରେ ପୂରଣ ହୁଏ। ଆମର ଇଚ୍ଛା ଯେତେ କମ୍ ହେବ, ଆମର ମନ ସେତେ ମୁକ୍ତ ହେବ। ପ୍ରକୃତ ଶକ୍ତି ପ୍ରକୃତି ପରି ଧୀରେ ଧୀରେ, ସ୍ଥିର ଓ ମୃଦୁ ଭାବରେ ଗତି କରିବାରେ ନିହିତ। ଯେତେବେଳେ ଅହଂକାର ଅଦୃଶ୍ୟ ହୋଇଯାଏ ଓ ଜଣେ ତାଓର ପ୍ରବାହ ନିକଟରେ ଆତ୍ମସମର୍ପଣ କରେ, ସେତେବେଳେ ଜଣେ ବିଶ୍ୱକୁ ପ୍ରତିପକ୍ଷ ନୁହେଁ, ବରଂ ଏକ ସାଥୀ ଭାବରେ ଅନୁଭବ କରିଥାଏ।

**ବିଚାର କଲେ ପ୍ରଥମେ ଏଭଳି କେନ୍ଦରାର ତାର ଆତ୍ମାର ତାର ଛିଣ୍ଡିଯିବ। ଏହା ଏକ ଶାମୁକାର ବସା ପରି। ବିଚରା ଲୋକଟି ଏକ ବନ୍ଧ୍ୟା ପ୍ରାଣୀ। ଆମେ ଫସଲ ଅମଳ କରିବା ପରେ ଫଳ ଟିକେ ଜୀର୍ଣ୍ଣ ହୋଇ ଫେରି ଆସେ ଓ ତାପରେ ଏହା କ'ଣ ପାର୍ଥକ୍ୟ ସୃଷ୍ଟି କରେ ଅନେକ ପ୍ରଶ୍ନବାଚୀ ? କିନ୍ତୁ ମୃତ୍ୟୁ ସର୍ଟ ସର୍କିଟ ପରି ଘଟେ ନାହିଁ। ସର୍କିଟରେ ସାମାନ୍ୟ ତୃଟି ଦେଖାଦେଲେ ଘର ପରେ ଘର ଜଳିଯିବ। ଆମେ ଭାବୁ "ଯଦି ମୁଁ ମିଛ କହେ, ଯଦି ମୁଁ ଧରାପଡ଼େ, ଦଶ ଜଣ ମୋ ପଛରେ ଦୌଡ଼ି ଆସିବେ।"**

ଅତଏବ କହିବା ବାହୁଲ୍ୟ ହସ୍ତିନାପୁରର ଜଙ୍ଗଲ ଅଞ୍ଚଳରେ ଦୁଇଜଣ ତପସ୍ୱୀ ଧ୍ୟାନ ମଗ୍ନ ଥିଲେ। ଘଟଣାକ୍ରମେ ସେହି ବାଟ ଦେଇ ଜଣେ ଦିବ୍ୟ ସନ୍ଥ ଗଲେ। ସନ୍ଥଙ୍କୁ ଦେଖି ଉଭୟେ ତପସ୍ୱୀ ଚିତ୍କାର କରି କହିଲେ, "ହେ ଭଗବାନ ! ଆପଣ କ'ଣ ସ୍ୱର୍ଗକୁ ଯାଉଛନ୍ତି ? ଆମେ ଆପଣଙ୍କୁ ଅନୁରୋଧ କରୁଛୁ ଯେ ଆପଣ ଫେରିବା ସମୟରେ ପ୍ରଭୁଙ୍କୁ ପଚାରିବେ " ଆମେ କେବେ ମୋକ୍ଷ ପାଇବୁ ?" ଏହା ଶୁଣି ସନ୍ଥ ମୁରୁକି ହସି ଚାଲିଗଲେ। ପୁନର୍ବାର ଗୋଟିଏ ମାସ ପରେ ସନ୍ଥ ସେଠାରେ ଆବିର୍ଭାବ ହେଲେ। ସେ ପ୍ରଥମ ସନ୍ୟାସୀଙ୍କ ପାଖକୁ ଯାଇ ପ୍ରଭୁଙ୍କ ବାର୍ତ୍ତା ଶୁଣାଇ କହିଲେ, "ପ୍ରଭୁଙ୍କୁ ମୁଁ ତୁମର ପ୍ରଶ୍ନ ପଚାରିଲି। ପ୍ରଭୁ କହିଛନ୍ତି ଯେ ତୁମକୁ ମୋକ୍ଷ ପାଇବା ପାଇଁ ଆହୁରି ପଚାଶ ବର୍ଷ ଲାଗିବ।' ଏହା ଶୁଣି ପ୍ରଥମ ସାଧକ "ପଚାଶ ବର୍ଷ" ଶବ୍ଦଟି ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସେ ଭାବିବାକୁ ଲାଗିଲେ ଓ ଯେତେବେଳେ ସେ ଚିନ୍ତା କରିପାରିଲେ, ସେ ପ୍ରତିଫଳିତ ହେଲେ, "ମୁଁ ଦଶ ବର୍ଷ ଧରି ନିରନ୍ତର ତପସ୍ୟା କରିଛି, କଷ୍ଟ ସହ୍ୟ କରିଛି, ଭୋକ ଓ ତୃଷାର୍ତ୍ତ ରହିଛି, ଓ ମୋର ଶରୀର ଦୁର୍ବଳ ହୋଇଛି, ତଥାପି ମୁଁ ଆହୁରି ପଚାଶ ବର୍ଷ ପରେ ମୁକ୍ତି ପାଇବି ! ମୁଁ ଏତେ ଦିନ ଅପେକ୍ଷା କରିପାରିବି ନାହିଁ , ଶେଷରେ ସେ ତାଙ୍କ ତପସ୍ୟାରୁ ନିଷ୍କ୍ରିୟ ହୋଇଗଲେ।" ସେ ଅତ୍ୟନ୍ତ ନିରାଶ ହେଲେ। ଏହି ହତାଶାରେ ସେ ତାଙ୍କର ଆଧାତ୍ମିକ ସାଧନା ତ୍ୟାଗ କରି ତାଙ୍କ ପରିବାରକୁ ଫେରିଗଲେ। ପୁଣି ଦେବର୍ଷି ଦ୍ୱିତୀୟ ସାଧକଙ୍କ ପାଖକୁ ଯାଇ କହିଲେ, "ପ୍ରଭୁ ତୁମକୁ ଆଶୀର୍ବାଦ କରିଛନ୍ତି।"

"ମୋତେ କୁହାଯାଇଛି ଯେ ଷାଠିଏ ବର୍ଷ ପରେ ତୁମକୁ ମୁକ୍ତି ମିଳିବ।" ଏହା ଶୁଣି ସାଧକ ସନ୍ତୋଷରେ ଏକ ଦୀର୍ଘ ନିଶ୍ୱାସ ତ୍ୟାଗ କଲେ। ସେ ଭାବିଲେ, "ଜନ୍ମ ଓ ମୃତ୍ୟୁର ଚକ୍ର ମୁକ୍ତିର ଏକ ସୀମା। ମୁଁ ଦଶ ବର୍ଷ ଧରି ତପସ୍ୟା କରି କଷ୍ଟ ସହ୍ୟ କରିଥିଲି ଓ ମୋର ଶରୀରକୁ ଦୁର୍ବଳ କରିଦେଇଥିଲି। ମୁଁ ସନ୍ତୁଷ୍ଟ ଯେ ଏହା ବ୍ୟର୍ଥ ଗଲା ନାହିଁ।" ଏହା ପରେ ସେ ଆହୁରି ଅଧିକ ଉତ୍ସାହ ସହିତ ଈଶ୍ୱରଙ୍କ ଧ୍ୟାନରେ ନିଜକୁ ବୁଡ଼ାଇ ଦେଲେ। ଏକ ପ୍ରକୃତ ଆଧାତ୍ମିକ ଅଭ୍ୟାସ କେବେ ବିଫଳ ହୁଏ ନାହିଁ। ସେହିପରି ତାଓ ସହିତ ଜଡିତ ଜୀବନ ଅର୍ଥପୂର୍ଣ୍ଣ ହୋଇଯାଏ। ଆଲୋକ ପରି, ଅନନ୍ତତାରେ ବିସ୍ତାରିତ ହୋଇପାରେ। ପ୍ରକୃତି କେବେ ଶୀଘ୍ର ଅନ୍ତ ହୁଏ ନାହିଁ। ବାସ୍ତବରେ ବିଶ୍ୱରେ ସମସ୍ତଙ୍କ ଆବଶ୍ୟକତା ପୂରଣ ହୁଏ କି ନାହିଁ , କିନ୍ତୁ ମଣିଷ ଇଚ୍ଛା ପୂରଣ ପାଇଁ ସେପରି ଧାଇଁଥାଏ , ସେ ସେ ନିଜକୁ ହଜାଇ ଦିଏ..!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

## ପୂର୍ବତନ ବିଧାୟକଙ୍କ ମେଳିକୁ ନେଇ ଚର୍ଚ୍ଚା

# ୨୦୨୬ରେ ରାଜନୀତିରେ ହେବ ବଡ଼ ପରିବର୍ତ୍ତନ

**ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ):** ବିଜୁ ପରିବାରର ୬୦ ଜଣ ପୂର୍ବତନ ବିଧାୟକଙ୍କ ମେଳିକୁ ନେଇ ବିଜେଡି ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଦଳୀୟ ନେତାଙ୍କଠାରୁ ଆରମ୍ଭ କରି ସମୀକ୍ଷକଙ୍କ ପର୍ଯ୍ୟନ୍ତ ଏହାକୁ ନେଇ ତର୍ଜମା ଚଳାଇଛନ୍ତି। ଏପରି ଏକ ଚର୍ଚ୍ଚା ଦିନକୁ ଦିନ ଜୋର୍ ଧରୁଥିବା ବେଳେ ଇତିମଧ୍ୟରେ ଆଜି ପୂର୍ବତନ ବିଧାୟକ ସମ୍ମିତ ରାଉତରାୟ କହିଛନ୍ତି ଯେ ୨୦୨୬ରେ ବହୁତ କିଛି ପରିବର୍ତ୍ତନ ହେବ। ଏଥିସହ ଶସ୍ୟଭରା ଅମାର ଥିଲେ ମୂଷା ରହିବେ ବୋଲି କହି ସେ ସମ୍ଭବତଃ କିଛି କାର୍ପେଟଦାର ନେତାଙ୍କୁ ଇଙ୍ଗିତ କରିଛନ୍ତି। କିନ୍ତୁ ଏ ସମ୍ପର୍କରେ ସେ ଗଣମାଧ୍ୟମରେ କିଛି ବି ସ୍ପଷ୍ଟ କରିନାହାଁନ୍ତି।


ଶସ୍ୟଭରା ଅମାର ଥିଲେ ମୂଷା ରହିବେ: ସମ୍ମିତ

୬୦ ଜଣ ବିଧାୟକ ଚନ୍ଦକାରେ ଭୋଜି ନାଁରେ ଏକାଠି ହେବା କିଛି କାର୍ପେଟଦାରଙ୍କ ମନରେ ଛନକା ଭରିଦେଇଛି। ତେବେ ସମ୍ମିତ କହିଛନ୍ତି ଯେ କିଛି ମେଳି ନାହିଁ, ରାଜନୀତି କଲେ ଚର୍ଚ୍ଚା ହେବ। ନିର୍ବାଚନରେ ଅନେକ କିଛି ଘଟଣା ଘଟିଗଲା। ବହୁ ଦୂରଦୂରାନ୍ତ ନେତାଙ୍କ ସହ ଦେଖା ହୋଇନଥିଲା। ସେଥିପାଇଁ ଭୋଜିର ଆୟୋଜନ ହୋଇଥିଲା। ଅତୀତରେ ବିଜେଡି ନେତାଙ୍କ ଉପରେ ଭୋଜିଭାତର ଆୟୋଜନ ନେଇ ପ୍ରତିବନ୍ଧକ ଥିଲା। ଦଳ ହାରିଗଲା ପରେ ଏବେ ଆଉ ସେ ପ୍ରତିବନ୍ଧକ ନାହିଁ। ସର୍ବୋପରି ଶସ୍ୟଶ୍ୟାମଳା ଅମାର ଥିଲେ ମୂଷା ରହିବେ, ଆଉ ମୂଷା ଖାଇବାକୁ ସାପ ବି ଆସିବେ। ସବୁ ଦଳରେ ମୂଷା ଅଛନ୍ତି ବୋଲି ସମ୍ମିତ କହିଛନ୍ତି। ତେବେ ମୂଷା କିଏ, ସେ ନେଇ ଏହି ପୂର୍ବତନ ବିଧାୟକ କିଛି ସ୍ପଷ୍ଟ କରିନାହାଁନ୍ତି।

ଆଞ୍ଚଳିକ ଦଳ ଭାବେ ବିଜେଡି ସର୍ବବୃହତ ଦଳ ଓ ଏକମାତ୍ର ନବୀନ ପଟ୍ଟନାୟକ ହିଁ ନେତା। ଦଳରେ ଆଦୌ ନେତୃତ୍ୱ ସଙ୍କଟ ନାହିଁ କି ନୂଆ ଦଳ ଗଢ଼ାଯିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ବିଜେଡି କେବଳ ନବୀନଙ୍କୁ ନେଇ ଗଢ଼ାଯାଇନଥିଲା। ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଗଢ଼ା ହୋଇଥିଲା। ଦାମୋଦର ରାଉତ, କାଳନ୍ଦୀ ବେହେରା, ପ୍ରଦୀପ ମହାରଥୀ, ବିଜୟଶ୍ରୀ ରାଉତରାୟ, କଳ୍ପତରୁ ଦାସଙ୍କ ଭଳି ନେତାଙ୍କର ଦଳ ପ୍ରତି ଅନେକ ଅବଦାନ ରହିଛି। ଦଳକୁ କେହି ବି ହାଇଜାକ କରିପାରିବେ ନାହିଁ। ଆମେ ସୈନିକ ଭାବେ ଦଳକୁ ଜଗି ରହୁଛୁ। ବିରୋଧୀ ଦଳ ଭାବେ ଆମେ ସରକାରଙ୍କ ଦୋଷତ୍ରୁଟି ଲୋକଲୋଚନକୁ ଆଣିବୁ ବୋଲି ସେ କହିଛନ୍ତି।

## ଚିଲିକାରେ ଭାସିଯାଇ ପର୍ଯ୍ୟଟକ ମୃତ

**ବ୍ରହ୍ମଗିରି,୨୧।୧୨(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଚିଲିକାର ନୂଆ ମୁହାଣରେ ଜଣେ ପର୍ଯ୍ୟଟକ ଗାଧୋଇବା ବେଳେ ଭାସି ଯାଇ ମୃତ୍ୟୁ ହୋଇଛି। ଅଗ୍ନିଶମ ବାହିନୀ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଛି। ବ୍ରହ୍ମଗିରି ପୁଲିସ ପହଞ୍ଚି ଶବ ଜବତ କରିଛି। ଖବର ଅନୁଯାୟୀ ଆଜି ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ୧୫ ଜଣ କର୍ମଚାରୀ ଚିଲିକା ବୁଲିବାକୁ ଆସିଥିଲେ। ସେମାନେ ସମସ୍ତେ ବାଘମୁଣ୍ଡା ଜେଟିରୁ ୨ଟି ଡ଼ଙ୍ଗାରେ ଚିଲିକା-ସମୁଦ୍ର ମିଳନ ସ୍ଥଳ ନୂଆ ମୁହାଣ ବୁଲିବାକୁ ଯାଇଥିଲେ। ସେଠାରେ ମୁହାଣରେ ଗାଧୋଇବା ବେଳେ ଝାଡ଼ଖଣ୍ଡର କୁଶଗ୍ର ଦିବ୍ୟ ନାମକ ଜଣେ ପର୍ଯ୍ୟଟକ ମୁହାଣ ସ୍ରୋତରେ ଭାସି ଯାଇଥିଲେ। ଏନେଇ ବ୍ରହ୍ମଗିରି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରି ଶବ ଉଦ୍ଧାର କରିଛି। ଏବେ ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଜାରି ରଖିଛି।

### ୨ରେ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ

# ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

● ସମବାୟ ମନ୍ତ୍ରୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ
● ମେ'ରେ ମାହାଙ୍ଗାରେ ପ୍ରାଦେଶିକ ସମ୍ମିଳନୀ

**ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ):** ଆସନ୍ତା ବର୍ଷ ଜାନୁଆରୀ ୨ ତାରିଖରେ ସ୍ଥାନୀୟ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦ ସମ୍ମିଳନୀ ବା ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ଦାୟାଦମାନେ ଏହି ମହୋତ୍ସବରେ ଯୋଗଦେବେ। ଏହି ମହୋତ୍ସବ ସକାଶେ ଆଜି ସଂଗ୍ରାମୀ ସଦନଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗାନ୍ଧିବାଦୀ ଲେଖକ ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସର୍ବଭାରତୀୟ ଯୁବ ସାମ୍ମୁଖ୍ୟ ସଭାପତି ତଥା ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ ଯୋଗଦେଇ ମହୋତ୍ସବ ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ। ଏହି ମହୋତ୍ସବ ଦୁଇଟି ଅଧିବେଶନରେ ଆୟୋଜିତ ହେବା ସହ ପ୍ରାଦେଶିକ



କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଚଳିତ ଥରର ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ପାଇଁ ରାଜ୍ୟ ସମବାୟ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ଆହୁରି ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାକୁ ଥିବା ବେଳେ ଏଥିରେ ମନ୍ତ୍ରିମଣ୍ଡଳର ବହୁ ପ୍ରମୁଖ ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜାତୀୟ ସ୍ତରର ବର୍ଷୀୟାନ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଆସନ୍ତା ବର୍ଷ ମେ'ରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୯୩୪ର ଗସ୍ତକୁ ସ୍ମରଣ କରି ମାହାଙ୍ଗା ଅଞ୍ଚଳରେ ପ୍ରାଦେଶିକ ସମ୍ମିଳନୀ ଆୟୋଜନ ପାଇଁ ବି ନିଷ୍ପତ୍ତି ହୋଇଛି।

ଆଜିର ପ୍ରସ୍ତୁତି ବୈଠକରେ ଯୋଗଦେଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ସଫଳ କରିବା ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଉଚିତ ବୋଲି କହିଛନ୍ତି। ବିଶେଷକରି ଯୁବପିଢ଼ି ପାଖରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପହଞ୍ଚାଇବା ଦିଗରେ ମହୋତ୍ସବ ପ୍ରେରଣାଦାୟୀ ହେବ ବୋଲି ସେ ଆଶା କରିଛନ୍ତି। ଏହାଛଡ଼ା ମାହାଙ୍ଗାରେ ପ୍ରାଦେଶିକ ସମ୍ମିଳନୀ ଆୟୋଜିତ ହେଲେ, ମହାତ୍ମାଙ୍କ ଆଗମନର ସ୍ମୃତିକୁ ଆଜିର ପିଢ଼ି ନିକଟରେ ପହଞ୍ଚାଇବା ଦିଗରେ ପ୍ରକୃଷ୍ଟ ପ୍ରୟାସ ହେବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବାଙ୍କୀର ଯୁବନେତା ତୁଷାର ଚକ୍ରବର୍ତ୍ତୀ, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ରାମେଶ୍ୱର ଶତପଥୀ, ଗାନ୍ଧିବାଦୀ ଲେଖକ ଡ. ପୂର୍ଣ୍ଣଚନ୍ଦ୍ର ଦାସ, ସମାଜସେବୀ ଋତୁପର୍ଣ୍ଣା ମହାନ୍ତି, ପ୍ରଫେସର ଉପେନ୍ଦ୍ର ପାଢ଼ୀ, ଦୁଃଶାସନ ସ୍ୱାଇଁ, ଲକ୍ଷ୍ମୀ ପ୍ରସାଦ ମହାପାତ୍ର ଓ ପ୍ରମେଶ କୁମାର ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରି ମହୋତ୍ସବକୁ କିଭଳି ଅଧିକ ଋଦ୍ଧିମନ୍ତ କରାଯିବ ଓ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ, ସେନେଇ ଆଲୋଚନା କରିଛନ୍ତି। ସେହିପରି ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଏହି ପ୍ରସ୍ତୁତି ବୈଠକ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ଅଭୟ ବଡ଼ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ମାଲା ସିଂ ଧନ୍ୟବାଦ ଦେଇଥିବା ବେଳେ ବୈଠକରେ ଯୁବ ନେତା ଅଭିଳାଷ ପଣ୍ଡା, ରାଣା ପ୍ରତାପ ପାତ୍ର, ଦେବୀ ପ୍ରସାଦ ମହାପାତ୍ର, ଗିରିଜା ଭୂଷଣ ମହାପାତ୍ର, ଶ୍ୟାମ ପ୍ରସାଦ ପଟ୍ଟନାୟକ, ବୈରାଗୀ ଚରଣ ଦାସ, ସନ୍ତୋଷ କୁମାର ପତି ପ୍ରମୁଖ ଯୋଗଦେଇ ସେମାନଙ୍କ ମତାମତ ଦେଇଥିଲେ। ସୂଚନାଯୋଗ୍ୟ ଯେ ଏହି ମହୋତ୍ସବରେ କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ପଞ୍ଜାବ, ଆସାମ, ଗୋଆ, ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦ ଏବଂ ରାଜ୍ୟର ବିଭିନ୍ନ ଶହୀଦ ପୀଠ ଓ ସଂଗ୍ରାମୀ ଗାଁରୁ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଗେଷ୍ଟ ହାଉସ୍‌ରୁ ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୧।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ନାଲ୍‌କୋ ଛକ ନିକଟସ୍ଥ ଏକ ଗେଷ୍ଟ ହାଉସରୁ ଜନୈକ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୈତ୍ରୀବିହାର ଥାନା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତକଙ୍କ ନାକରୁ ଫେଣ ଏବଂ ପାଟିରୁ ରକ୍ତ ବାହାରୁଥିବାରୁ ଏହା ନାନା ସନ୍ଦେହ ସୃଷ୍ଟି କରିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ଏହାକୁ ସନ୍ଦେହଜନକ ମୃତ୍ୟୁ ଭାବେ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ମୃତକଙ୍କ ସ୍ତ୍ରୀ ଗତକାଲି ଧଉଳି ଥାନାରେ ସ୍ୱାମୀଙ୍କ ନିଖୋଜ



ନେଇ ଏକ ଅଭିଯୋଗ କରିଥିଲେ। ତାଙ୍କ କହିବାନୁସାରେ, ୧୯ ତାରିଖରେ ତାଙ୍କ ସ୍ୱାମୀ ଫୋନ୍ କରି ଫେରିବାରେ ବିଳମ୍ବ ହେବ ବୋଲି କହିଥିଲେ। କିନ୍ତୁ ଏହାପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରିନଥିଲା। ସେହିପରି ମୃତକଙ୍କ ସ୍ତ୍ରୀ ଜଣେ ଯୁବତୀଙ୍କ ନାମରେ ହତ୍ୟା ସନ୍ଦେହ ପ୍ରକାଶ କରିଥିବା ସୂଚନା ମିଳିଛି। ପୁଲିସ କହିଛି ଯେ, ଗେଷ୍ଟ ହାଉସ ଓ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି ଏବଂ ତଦନ୍ତ ସହ ସମ୍ପୃକ୍ତ ସମସ୍ତଙ୍କୁ ପଚରାଉଚରା କରାଯିବ। ତଦନ୍ତ ପରେ ହିଁ ଘଟଣାର ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଯୁଗଳ ଦେବତା ହେଲେ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ସଭାପତି



**ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ନିର୍ବାଚନରେ ଯୁଗଳ କିଶୋର ଦେବତା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଅଜୟ ରାଉତରାୟ ଉପସଭାପତି, ରଞ୍ଜିତ କୁମାର ରାଉତ ସମ୍ପାଦକ, ସମରେଶ ରାଉତରାୟ ଯୁଗ୍ମ ସମ୍ପାଦକ, ଚିତ୍ତରଞ୍ଜନ ମିଶ୍ର କୋଷାଧ୍ୟକ୍ଷ ଓ ଅଜୟ କୁମାର ମହାନ୍ତି, ପ୍ରଣୟ ଜେଠୀ, ରମେଶ ବାରିକ, ତପନ ଦାସ, କେ. ତମନ୍ନା, ଲିଟୁ ମହାନ୍ତି, କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ସୂଚାରୁ ରୂପେ ବ୍ରଜ କିଶୋର ପ୍ରଧାନ, ଜୁବୁଲି ସୁନ୍ଦରାୟ, ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପରିଚାଳନା କରିଥିଲେ।

## ମୃତ୍ତିକା ସଂରକ୍ଷଣ କ୍ଷେତ୍ର କର୍ମଚାରୀଙ୍କ ବୈଠକ

**ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ, ପ୍ରଥମ କାର୍ଯ୍ୟକାରିଣୀ ଓ ନୂତନ ବର୍ଷର ବନ୍ଧୁମିଳନ ସ୍ଥାନୀୟ ହୋଟେଲ ଖାରବେଳଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସଂଘର ସମ୍ମାନିତ ସଭାପତି ଦ୍ୱାରିକା ନାଥ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ସହ



ଶପଥ ପାଠ କରାଇଥିଲେ। ପରେ ସଂଘର ନୂତନ ବର୍ଷ ୨୦୨୬ କ୍ୟାଲେଣ୍ଡର ମଧ୍ୟ ଉନ୍ମୋଚିତ ହୋଇଥିଲା। ଆଜିର ବୈଠକରେ ସଂଘ ସଭାପତି ହରପ୍ରସାଦ ରଥ, ସାଧାରଣ ସମ୍ପାଦକ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ସୀମାନ୍ତ କେଶରୀ ସ୍ୱାଇଁ ଓ ଉପଦେଷ୍ଟା ରାଧାଶ୍ୟାମ ବଳ ମଞ୍ଚାସୀନ ଥିଲେ। ଏହି ବୈଠକରେ କ୍ୟାଡର ପୁନର୍ଗଠନ ଓ ପଦବୀର ସଂଜ୍ଞା ପରିବର୍ତ୍ତନ ଏବଂ ରାଜଧାନୀରେ ଏକ ସରକାରୀ ଘର ଯୋଗାଇ ଦେବା ଆଦି ଉପରେ ଗତ ସମ୍ମିଳନୀରେ ଗୃହୀତ ବିଭିନ୍ନ ଦାବି ପୂରଣ ପାଇଁ ମୁଖ୍ୟ ଉପଦେଷ୍ଟାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ଉପସ୍ଥିତ ମୁଖ୍ୟ ଉପଦେଷ୍ଟା ଶ୍ରୀ ଦାସ ସମସ୍ତ ସମସ୍ୟା ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରି ସମାଧାନ ସକାଶେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆଗାମୀ ଦିନରେ ସଂଗଠନ କିପରି ସୁଦୃଢ଼ ହେବ, ସେ ଦିଗରେ ନିର୍ବାଚିତ କର୍ମକର୍ତ୍ତାମାନେ ଉଦ୍ୟମ କରିବେ ବୋଲି କହିଛନ୍ତି।

### ଘର ଜଳି ବୃଦ୍ଧ ଜୀବନ୍ତ ଦଗ୍ଧ ଘଟଣା

## ତହସିଲଦାରଙ୍କ ଘଟଣାସ୍ଥଳ ପରିଦର୍ଶନ

**ବାରିପଦା, ୨୧।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବଡଗାଁ ପଞ୍ଚାୟତର ଜୁହା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଶୀତ ଦାଉରୁ ରକ୍ଷାପାଇବା ପାଇଁ ଚାଳ ଛପର ଘର ଭିତରେ ନିଆଁ ଜାଳି ଶେକି ହୋଇ ସପରିବାର ଶୋଇଯିବା ପରେ ରାତିରେ ଏହି ନିଆଁରୁ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଚାଳଛପର ଘରର ଗୋଟିଏ ବଖରାରେ ଶୋଇଥିବା ଶ୍ୱଶୁର ଆନନ୍ଦ ସିଂ(୬୫) ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ବଖରାରେ ଶୋଇଥିବା ପୁଅ ବୋହୂ ଓ ଆନନ୍ଦଙ୍କ ପତ୍ନୀ ମୃତ୍ୟୁ ମୁଖରୁ ଅଳ୍ପକେ



ବର୍ତ୍ତି ଯାଇଛନ୍ତି। ଖବର ପାଇ ଆଜି ସକାଳେ ବାଙ୍ଗିରିପୋଷି ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିବା ସହିତ କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି ଗ୍ରାମବାସୀ।

### ● ସାପ ଉଦ୍ଧାର ଓ ଥଇଥାନ କର୍ମଶାଳା

## ଯୋଗଦେଲେ ୪ ରେଞ୍ଜ୍‌ର, ୪୦ କର୍ମଚାରୀ

**ଆନନ୍ଦପୁର, ୨୧।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ଡିଭିଜନ ପରିସରରେ ଏକ ଦିନିକିଆ ସାପ ଉଦ୍ଧାର ଓ ଥଇଥାନ କର୍ମଶାଳା




ଅନୁଷ୍ଠିତ ହୋଇଛି। ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ମାଷ୍ଟର ଟ୍ରେନର ଭାବେ ରାଜ୍ୟ ସ୍ନେକ୍ ହେଲ୍ପ ଲାଇନ୍‌ର ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଓ ତାଙ୍କ ସାଥୀ ଏହି କର୍ମଶାଳାରେ ଯୋଗଦେଇ ଆନନ୍ଦପୁର ବନଖଣ୍ଡ ଅଧୀନରେ ଥିବା ବନକର୍ମଚାରୀମାନଙ୍କୁ ସାପ ଉଦ୍ଧାର ସହ ପରବର୍ତ୍ତୀ ପର୍ଯ୍ୟାୟରେ ଥଇଥାନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି କର୍ମଶାଳାରେ ଆନନ୍ଦପୁର ଡିଭିଜନର ୪ଟି ରେଞ୍ଜ୍‌ରୁ ୪୦ରୁ ଉର୍ଦ୍ଧ୍ୱ ବନ କର୍ମଚାରୀ ଯୋଗଦେଇ ସାପ ଉଦ୍ଧାର ସଂକ୍ରାନ୍ତ ସ୍ୱତନ୍ତ୍ର କଳା କୌଶଳ ସମ୍ପର୍କରେ ତାଲିମ୍ ଗ୍ରହଣ କରିଛନ୍ତି। ସେହିପରି ସାପ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ ହୋଇଥିବା କର୍ମଚାରୀଙ୍କୁ ନେଇ ଆଗାମୀ ଦିନରେ ଏକ ଟିମ୍ ଗଠନ କରାଯାଇ ସେମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବାକୁ ଲକ୍ଷ୍ୟ ରହିଥିବା ଡିଏଫଓ କହିଛନ୍ତି। ଏହି କର୍ମଶାଳାରେ ସାପଙ୍କୁ ନିରାପଦ ଭାବେ ଧରି ଉପଯୁକ୍ତ ସ୍ଥାନରେ ଛାଡ଼ିବା, ସାପ କାମୁଡ଼ିବା ପରେ ପ୍ରାଥମିକ ଓ ଜରୁରୀ ଚିକିତ୍ସା, ସାପ-ମଣିଷ ବିବାଦ ହ୍ରାସ ଉପରେ ମଧ୍ୟ କର୍ମଶାଳାରେ ବ୍ୟାପକ ଆଲୋଚନା ହୋଇଛି।

## ଯୁବକଙ୍କୁ ନିଶା ମାଫିଆଙ୍କ ସଂଘବଦ୍ଧ ଆକ୍ରମଣ




**ଭଦ୍ରକ,୨୧।୧୨(ସଂଚାର ବ୍ୟୁରୋ):** ବ୍ରାଉନ୍‌ସୁଗର କାରବାରକୁ ବିରୋଧ କରିବାରୁ ଜନୈକ ଯୁବକଙ୍କୁ କେତେକ ନିଶା ମାଫିଆ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ଥାନା ମଧୁସୂଦନପୁର ଗାଁର ମୁକେଶ ସାହୁ ବ୍ରାଉନସୁଗର ଓ ଗଞ୍ଜେଇ କାରବାର କରୁଥିବା କେତେକ ଯୁବକଙ୍କୁ ବିରୋଧ କରିଆସୁଥିଲେ। ତେବେ ଏଥିରେ ସେମାନେ ଉତକ୍ଷିପ୍ତ ହୋଇ ଆଜି ମୁକେଶଙ୍କୁ ସଂଘବଦ୍ଧ ଭାବେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ମୁକେଶ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ବିପୁଳ ଦେଶୀ ମଦ ସହ କାର୍ ଜବତ, ୧ ଗିରଫ

**ଭଦ୍ରକ,୨୧।୧୨ (ସଂଚାର ବ୍ୟୁରୋ):** ଭଦ୍ରକ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସ ଏବଂ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ଷ୍ଟାଫଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଭଦ୍ରକ ଟାଉନ ଥାନା ଅଧୀନସ୍ଥ ଆରଡ଼ି ଛକଠାରେ ଚଢ଼ାଉ କରି ୭୦୦ ଲିଟର ଦେଶୀ ମଦ ସହ ଏକ ମାରୁତି ସୁଜୁକି ଇକୋ କାର୍ ଜବତ କରିଛି। ଏହି ଚୋରା ମଦ କାରବାରରେ ସମ୍ପୃକ୍ତ ଥିବା ଜଣଙ୍କୁ ମଧ୍ୟ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ମଦ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଏଏସ୍‌ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ କୁମାର ସିଙ୍ଗୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲେଇ, ଜେମାମଣୀ ଜାମୁଦା ପ୍ରଭୃତି ସାମିଲ ଥିଲେ। ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ ଗୋଟିଏ ମାମଲା ରୁଜ୍ଜୁ କରାଯାଇଛି।

## ପୋଷ୍ଟରରେ ଫଟୋ ନଥିବାରୁ ରାଗିଗଲେ ସାଂସଦ

● ଜିଲ୍ଲାପାଳଙ୍କୁ ତାଗିଦ୍ କଲେ, ବୁଝାଇଲେ ଉପମୁଖ୍ୟମନ୍ତ୍ରୀ


**ଝାରସୁଗୁଡ଼ା,୨୧।୧୨(ସଂଚାର ବ୍ୟୁରୋ):** ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ୍‌ଠାରେ ଆଜି ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ଯୋଗଦେଇଥିଲେ। ତେବେ ଉକ୍ତ ସମାବେଶ ପାଇଁ ପ୍ରସ୍ତୁତ ହୋଇଥିବା ବ୍ୟାନରରେ ତାଙ୍କ ଫଟୋ ନଥିବା ଦେଖି ସାଂସଦ କ୍ରୋଧାନ୍ୱିତ ହେବା ସହ ଏନେଇ ସ୍ଥାନୀୟ ଜିଲ୍ଲାପାଳ କୃଣାଲ୍ ମୋତିରାମ ଚୌହାନ୍‌ଙ୍କୁ ତାଗିଦ କରିଛନ୍ତି। ଏଥିସହ ଉକ୍ତ ସମାବେଶରେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସାଂସଦଙ୍କୁ ଏପରି ଏକ ଭୁଲ୍‌ରେ ନ ରାଗିବାକୁ ସାଂସଦଙ୍କୁ ପରାମର୍ଶ ଦେବା ସହ ଆଗାମୀ ଦିନରେ ଆଉ ଏପରି ଭୁଲ୍‌ର ପୁନରାବୃତ୍ତି ହେବ ନାହିଁ ବୋଲି କହି ତାଙ୍କୁ ବୁଝାଇ ଦେଇଥିଲେ। କୋଲାବିରା ବ୍ଲକରେ ହେଉଥିବା ଏହି ସମାବେଶରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ବ୍ୟତୀତ ଝାରସୁଗୁଡ଼ା ବିଧାୟକ




ଟଙ୍କଧର ତ୍ରିପାଠୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଞ୍ଚରେ ପହଞ୍ଚିଥିଲେ। ବିଧାୟକ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟ ପରେ ସାଂସଦ ଶ୍ରୀ ପୁରୋହିତ ନିଜ ବକ୍ତବ୍ୟ ରଖିବା ସମୟରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ମୋତେ ଅପମାନିତ କରିବାକୁ ଏଠାକୁ ଡକାଯାଇଛି। ଜଣେ ସାଂସଦ ଭାବେ ବ୍ୟାନର୍‌ରେ ତାଙ୍କ ନାମ ଉଲ୍ଲେଖ ରହିବା ଉଚିତ ଥିଲା। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବିଜେପି ବିଧାୟକ ଓ ସାଂସଦମାନଙ୍କୁ ଅବହେଳା କରାଯାଉଥିଲା। ତତ୍କାଳୀନ ସାଂସଦ ସୁରେଶ ପୂଜାରୀଙ୍କ ଫଟୋ କୌଣସି କାର୍ଯ୍ୟକ୍ରମରେ ସ୍ଥାନ ପାଉନଥିଲା। କିନ୍ତୁ ବର୍ତ୍ତମାନ ଆମ ଦଳର ସରକାର ଥିବା ସତ୍ତ୍ୱେ ଆମର ଫଟୋ ନ ରହିବା ଦୁଃଖର ବିଷୟ ବୋଲି ସାଂସଦ କହିବା ସହ ଏପରି ବ୍ୟବହାରକୁ ଆଦୌ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳଙ୍କୁ ତାଗିଦ୍ କରିଥିଲେ। ଏଥିସହ ଆଗାମୀ ଦିନରେ ଏଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ସାଂସଦ ପରାମର୍ଶ ଦେଇଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଭିଭାଷଣ ରଖି ସାଂସଦଙ୍କୁ ମନ ଦୁଃଖ ନ କରନ୍ତୁ ବୋଲି କହିଥିଲେ।

## ଆଇଜି ପାର୍କ ଅସଦାଚରଣ ମାମଲାରେ ଦୁଇ ଗିରଫ

**ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ):** ଗତକାଲି ରାଜଧାନୀର ପ୍ରମୁଖ ସ୍ଥାନ ଇନ୍ଦିରା ଗାନ୍ଧି ପାର୍କଠାରେ ଜନୈକା ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଅସଦାଚରଣ କରାଯାଇଥିବା ବେଳେ ଏହି ମାମଲାରେ ଦୁଇ ଜଣଙ୍କୁ ସ୍ଥାନୀୟ କ୍ୟାପିଟାଲ୍ ଥାନା ପୁଲିସ୍ ଗିରଫ କରିଛି। ସେମାନଙ୍କ ନାମ ରାକେଶ ଓ ଆଶିଷ ବୋଲି ଜଣାପଡ଼ିଛି। ଉକ୍ତ ଅସଦାଚରଣ ସମୟର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଗତକାଲି ସନ୍ଧ୍ୟା ସମୟରେ ସମ୍ପୃକ୍ତ ଯୁବତୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ପାର୍କରେ ବୁଲୁଥିବା ସମୟରେ କମେଣ୍ଟମରାକୁ କେନ୍ଦ୍ର କରି ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ପରେ ଉକ୍ତ ଯୁବତୀଙ୍କୁ ଅସଦାଚରଣ କରିଥିଲେ ୪ ଜଣ ଯୁବକ। ସେମାନେ ପ୍ରଥମେ ଉକ୍ତ ଯୁବତୀଙ୍କୁ ଟଣାଓଟରା କରିଥିଲେ। ତାଙ୍କ ପୁରୁଷ ବନ୍ଧୁ ଏହାର ବିରୋଧ କରିବାରୁ ସେମାନେ ତାଙ୍କୁ



ମାଡ଼ ମାରିଥିଲେ। ଏଥିସହ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଯୁବତୀଙ୍କ ଅସଦାଚରଣ କରିବା ସମୟରେ ଅନ୍ୟ ଦୁଇ ଜଣ ଭିଡିଓ ଉତ୍ତୋଳନ କରିଥିଲେ। ତେବେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଖୁବ୍ ଜୋରରେ ପାଟି କରିବାରୁ ଆଖପାଖରେ ଥିବା ଲୋକମାନେ ସେଠାକୁ ଆସିଯିବାରୁ ଉକ୍ତ ଅସାମାଜିକ ଯୁବକମାନେ ସେଠାରୁ ପଳାଇଯାଇଥିଲେ। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ପୁରୀରୁ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏଥିସହ ଆଜି ସେମାନଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିବା ନେଇ କ୍ୟାପିଟାଲ୍ ଥାନା ପୁଲିସ୍ ସୂଚନା ଦେଇଛି। ଏଥିସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ ଦୃଢ଼ୋକ୍ତି ପ୍ରକାଶ କରିଛି।

## ମନ୍ଦିର କବାଟ ଭାଙ୍ଗି ଦାନହୁଣ୍ଡିରୁ ନେଇଗଲେ ନୋଟ୍, ଛାଡ଼ିଗଲେ ଖୁଚୁରା

**ପାଟଣା,୨୧।୧୨(ସଂଚାର ବ୍ୟୁରୋ):** ମନ୍ଦିରର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଦାନ ହୁଣ୍ଡିରୁ ଲୁଟ୍ କରିଛନ୍ତି। କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରୁ ଗତକାଲି ରାତିରେ ଲୁଟ୍ ହୋଇଛି। ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୁଲିସ୍ ତଦନ୍ତ ଚଳାଇଛି। ତେବେ ତଦନ୍ତ ସମୟରେ ଦୁର୍ବୃତ୍ତମାନେ ହୁଣ୍ଡିରେ ଥିବା ନୋଟ୍‌କୁ ନେଇଯାଇଛନ୍ତି ଓ କେବଳ ଖୁଚୁରା ପଇସାକୁ ଛାଡ଼ିଯାଇଥିବା ଦେଖିବାକୁ ମିଳିଛି। ଶିବ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର ଓ ରାମ ମନ୍ଦିରର କବାଟ ଭାଙ୍ଗି ଗତକାଲି ବିଳମ୍ବିତ ରାତିରେ ଏହି ଲୁଟ୍ ହୋଇଛି। ଲୁଟେରାମାନେ ମନ୍ଦିରରେ ଥିବା ଦାନ ହୁଣ୍ଡିକୁ ଭାଙ୍ଗି ତା' ଭିତରେ ଥିବା ଖୁଚୁରା ପଇସାକୁ ଛାଡ଼ି କେବଳ ନୋଟ୍ ନେଇ ଯାଇଛନ୍ତି। ଆଜି ସକାଳୁ ମନ୍ଦିରର ପୂଜକ ପୂଜା କରିବା ପାଇଁ ଆସିବା ସମୟରେ ହୁଣ୍ଡି ବାକ୍ସ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ପାଟଣା ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବାୟୁ ପ୍ରଦୂଷଣ; ପ୍ରତିଷେଧକ ବ୍ୟବସ୍ଥା ନାହିଁ

**ଭୁବନେଶ୍ୱର,୨୧।୧୨:** ପ୍ରାୟ ମାସେ ଧରି ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ଶିଳ୍ପ ପ୍ରଧାନ ଅଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣ ମାତ୍ରା ଅତି ଖରାପ ସ୍ଥିତିରେ ଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ କିନ୍ତୁ କିଛି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ।

ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ୭୫ରୁ କମ୍ ରହିଲେ ଏହା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ନୁହେଁ। ବିଶ୍ୱର ବହୁ ଶୀତପ୍ରଧାନ ଅଞ୍ଚଳରେ ଏକ୍ୟୁଆଇ ୨୦ ତଳକୁ ରହୁଥିବା ବେଳେ ଭାରତର ରାଜଧାନୀରେ ତାହା ବେଳେବେଳେ ୫୦୦କୁ ଟପିଯାଉଛି, ଯାହାକି ଅତ୍ୟନ୍ତ କ୍ଷତିକାରକ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ରାଜଧାନୀ ଭୁବନେଶ୍ୱରର କେତେକ ସ୍ଥାନରେ ବାୟୁ ପ୍ରଦୂଷଣର ମାତ୍ରା ପ୍ରଦର୍ଶିତ ହେଉଛି। ବିଶେଷକରି ବିଧାନସଭା ନିକଟବର୍ତ୍ତୀ



ରବୀନ୍ଦ୍ର ମଣ୍ଡପ ଛକ ନିକଟରେ ଥିବା ସୂଚନା ଫଳକରେ ରବିବାର ଅପରାହ୍ନରେ ଏକ୍ୟୁଆଇ ୩୧୮ ବୋଲି ଉଲ୍ଲେଖ କରାଯିବା ସହ ତାହା କାଳେ 'ଭେରି ପୁଅର' ବା 'ଅତି ଖରାପ' ବୋଲି ଦର୍ଶାଯାଇଥିଲା। ଉଭୟ ଚିକିତ୍ସା ବିଜ୍ଞାନୀ, ପରିବେଶବିତ୍ ଓ ବୈଜ୍ଞାନିକମାନେ ଏଥିପ୍ରତି ଘୋର ଉଦ୍‌ବେଗ ପ୍ରକାଶ କରୁଛନ୍ତି। ରାଜଧାନୀ ସମେତ ଅନୁଗୁଳ, ଝାରସୁଗୁଡା, ରାଉରକେଲା, ସୁନ୍ଦରଗଡ ଆଦି ଅଞ୍ଚଳରେ ମଧ୍ୟ ଏକ୍ୟୁଆଇ ଅତି ଖରାପ ବୋଲି କୁହାଯାଇଛି। ମୋଟାମୋଟି ଭାବେ ଓଡ଼ିଶାର କୋଟି କୋଟି ଲୋକ ସେମାନଙ୍କ ଅଜଣାତରେ ପ୍ରଦୂଷିତ ବାୟୁ ସେବନ କରି ବିଭିନ୍ନ ରୋଗ ବ୍ୟାଧିରେ ଘାଣ୍ଟି ହେଉଛନ୍ତି। ଏମିତିକି ଏଥି ଯୋଗୁଁ କାହାର କାହାର ମଧ୍ୟ ମୃତ୍ୟୁ ଘଟୁଛି।

ଏହି ପରିପ୍ରେକ୍ଷୀରେ ଥଣ୍ଡା, ସର୍ଦ୍ଦି, କାଶ ଆଦିକୁ ହାଲୁକା ଭାବରେ ନନେବାପାଇଁ ଡାକ୍ତର ଓ ବୈଜ୍ଞାନିକମାନେ ବାରମ୍ବାର ସତର୍କ କରାଯିବା ସହିତ ତୁରନ୍ତ ଏହାର ଚିକିତ୍ସା ଲାଗି ପରାମର୍ଶ ଦେଇଛନ୍ତି। ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଏବେ ବାୟୁ ପ୍ରଦୂଷଣ ଜନିତ ରୋଗର ପଡୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବହୁ ଡାକ୍ତର, ଔଷଧ ଦୋକାନୀ ଓ ସାଧାରଣ ଲୋକ ସ୍ୱୀକାର କରୁଛନ୍ତି। ସ୍ଥିତି ବିଗୁଡୁଥିବାରୁ ଲୋକେ ମାସ୍କ ପିନ୍ଧିବା ସହିତ ଆବଶ୍ୟକ ନଥିଲେ ଘରୁ ନବାହାରିବାପାଇଁ ପରାମର୍ଶ ଦିଆଯାଉଛି।

ଅତି ଖରାପ ମାନର ବାୟୁ ସେବନ କରିବା ଫଳରେ ତଣ୍ଟି, ଶ୍ୱାସନଳୀ, ଫୁସ୍‌ଫୁସ୍ ଆଦି ସଂକ୍ରମିତ ହେଉଛି ଏବଂ ପରେ ପରେ ଏହାର କୁପ୍ରଭାବ କ୍ଷେତ୍ରବିଶେଷରେ ହୃଦଯନ୍ତ୍ର, ବୃକକ୍, ଯକୃତ, ମସ୍ତିଷ୍କ, ଚକ୍ଷୁ, ସ୍ନାୟୁ ଆଦି ଉପରେ ମଧ୍ୟ ପଡୁଛି। ବିଶେଷକରି ଛୋଟ ପିଲା ଏବଂ ବୟସ୍କ ବ୍ୟକ୍ତିମାନେ ବାୟୁ ପ୍ରଦୂଷଣ ଜନିତ ସମସ୍ୟାରେ ଶୀଘ୍ର ରୋଗାକ୍ରାନ୍ତ ହେଉଛନ୍ତି। ବାୟୁରେ ଯେଉଁଭଳି କାର୍ବନ ସମେତ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ମାତ୍ରା ନବଢେ ଏବଂ ଧୂଳି ବାଲି ସମେଣ୍ଟଗୁର୍ଡ ଆଦି ବେଶି ପରିମାଣରେ ନମିଶେ ତାହାକୁ ଆଖିଆଗରେ ରଖି ପ୍ରତିକାର ପାଇଁ ମତ ପ୍ରକାଶ ପାଉଛି।

ଇତି ମଧ୍ୟରେ ସହରାଞ୍ଚଳରେ ମୋଟର ଯାନ ପ୍ରଦୂଷଣର ଅନ୍ୟତମ କାରଣ ବୋଲି ଦର୍ଶାଇ ବୈଧ ପ୍ରଦୂଷଣ ସାର୍ଟିଫିକେଟ ନ ଥିବା ଯାନବାହନଗୁଡ଼ିକୁ ପେଟ୍ରୋଲ ଡିଜେଲ ଆଦି ମିଳିବ ନାହିଁ ବୋଲି କୁହାଯିବା ପରେ ବହୁ ଗାଡ଼ି ଚାଳକ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଧାଡ଼ି ଲଗାଇଛନ୍ତି। ତେବେ ରାସ୍ତାଘାଟ ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ବାୟୁ ପ୍ରଦୂଷଣ ବଢୁଥିବା ପରିପ୍ରେକ୍ଷୀରେ ସେଗୁଡ଼ିକ ପ୍ରତି କିନ୍ତୁ କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା ଅଭିଯୋଗ ଉଠୁଛି। (ତଥ୍ୟ)

ଓଁ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live


ସମ୍ପାଦକୀୟ

SANCHAR
ସଂଚାର

୪ ସୋମବାର ୨୨ ଡିସେମ୍ବର ୨୦୨୫, ଭୁବନେଶ୍ୱର
Monday 22 December 2025, Bhubaneswar

# ଲୋକତନ୍ତ୍ର ଓ ଏସ୍‌ଆଇଆର୍

ନିର୍ବାଚନ କମିଶନ୍ ଅଫ୍ ଇଣ୍ଡିଆ (ଇସିଆଇ) ଦ୍ୱାରା ଚାଲିଥିବା ସ୍ପେସିଆଲ୍ ଇଣ୍ଟେନସିଭ ରିଭିଜନ୍ (ଏସ୍‌ଆଇଆର୍) ହେଉଛି ଏକ ବଡ଼ ପଦକ୍ଷେପ, ଯାହା ଭାରତର ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ ଓ ନ୍ୟାୟପରାୟଣ କରିବା ପାଇଁ ଉଦ୍ଦିଷ୍ଟ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ୨୪ ବର୍ଷ ପରେ ଆରମ୍ଭ ହୋଇଛି, ଯାହା ୨୦୦୨ ପରେ ପ୍ରଥମ। ଏହା ଦ୍ୱାରା ଭୋଟର୍ ତାଲିକାରେ ଥିବା ଅନେକ ଅସଙ୍ଗତିକୁ ଦୂର କରାଯାଇପାରିବ, ଯେପରିକି ଡୁପ୍ଲିକେଟ୍ ନାମ, ମୃତକଙ୍କ ନାମ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ। କିନ୍ତୁ ଏହାର ପ୍ରଭାବ କେବଳ ସକାରାତ୍ମକ ନୁହେଁ, କିଛି ନକାରାତ୍ମକ ଦିଗ ମଧ ରହିଛି, ଯାହା ଆମ ଲୋକତନ୍ତ୍ରର ମୂଳଦୁଆକୁ ପ୍ରଭାବିତ କରିପାରେ।



ପ୍ରଥମେ ସକାରାତ୍ମକ ପ୍ରଭାବକୁ ଦେଖିବା। ଏସ୍‌ଆଇଆର୍ ମାଧମରେ ଘରେ ଘରେ ଯାଞ୍ଚ କରାଯାଉଛି, ଯେଉଁଥିରେ ବୁଥ୍ ଲେଭଲ୍ ଅଫିସର୍ (ବିଏଲ୍‌ଓ) ମାନେ କମ୍ ସେ କମ୍ ତିନିଥର ଘର ଯାଇ ଫର୍ମ୍ ବାଣ୍ଟୁଛନ୍ତି ଓ ସଂଗ୍ରହ କରୁଛନ୍ତି। ଏହାଦ୍ୱାରା ନୂଆ ଭୋଟରଙ୍କୁ ଯୋଡ଼ାଯିବ, ଯେଉଁମାନେ ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ତାଲିକାରେ ନାହାନ୍ତି। ଓଡ଼ିଶାରେ ପ୍ରାୟ ୪୫,୦୦୦ ବୁଥ୍ ପାଇଁ ଲୋକ ଶକ୍ତି ମୁତୟନ କରାଯାଇଛି, ଯାହା ଏକ ବଡ଼ ଉଦ୍ୟମ। ଫଳସ୍ୱରୂପ, ଭୋଟର୍ ତାଲିକା ଆହୁରି ସଠିକ୍ ହେବ, ଯାହା ନିର୍ବାଚନରେ ଧୋକାବାଜି କମାଇବ ଓ ପ୍ରକୃତ ଭୋଟରଙ୍କୁ ଅଧିକାର ଦେବ। ଏହା ଲୋକତନ୍ତ୍ରର ମଜବୁତିକରଣ ପାଇଁ ଆବଶ୍ୟକ, କାରଣ ଏକ ସଠିକ୍ ଭୋଟର୍ ତାଲିକା ହିଁ ନ୍ୟାୟପରାୟଣ ନିର୍ବାଚନର ଆଧାର।

କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ମଧ ଉପେକ୍ଷା କରାଯାଇପାରିବ ନାହିଁ। ଓଡ଼ିଶାରେ ଏହି ପ୍ରକ୍ରିୟା ରାଜନୈତିକ ବିବାଦ ସୃଷ୍ଟି କରିଛି। କିଛି ରାଜନୈତିକ ଦଳ ଆଶଙ୍କା କରୁଛନ୍ତି ଯେ ଏହାଦ୍ୱାରା କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭୋଟରଙ୍କୁ ବାଦ୍ ଦିଆଯାଇପାରେ, ଯାହା ଭୋଟର୍ ଦମନର ରୂପ ନେଇପାରେ। ଉଦାହରଣ ସ୍ୱରୂପ, ଯଦି କୌଣସି ଭୋଟର୍ ଘରେ ନଥାନ୍ତି ବା ଯାଞ୍ଚ ସମୟରେ ଉପସ୍ଥିତ ନଥାନ୍ତି, ତାଙ୍କ ନାମ ବାଦ୍ ପଡ଼ିପାରେ, ଯାହା ପ୍ରକୃତ ଭୋଟରଙ୍କୁ ଅସୁବିଧାରେ ପକାଇବ। ଏହା ଛଡ଼ା, ଡିଜିଟାଲାଇଜେସନ୍ ପ୍ରକ୍ରିୟାରେ ଡୁପ୍ଲିକେଟ୍ ଭୋଟରଙ୍କୁ ହଟାଇବା ସମୟରେ ଭୁଲ୍ ହୋଇପାରେ। ଇସିଆଇର ଦାୟିତ୍ୱ ହେଉଛି ଏହି ଭୁଲଗୁଡ଼ିକୁ ଠିକ୍ କରିବା, କିନ୍ତୁ ବାସ୍ତବରେ ଅନେକ ଭୋଟର୍ ତାଲିକାରେ ଭୁଲ୍ ରହିଯାଉଛି।

ଏହା ଛଡ଼ା, ଏସ୍‌ଆଇଆର୍ ପରେ ପୋଲିଂ ଷ୍ଟେସନଗୁଡ଼ିକର ରାସନାଲାଇଜେସନ୍ ହେବ, ଯାହା କିଛି ଅଞ୍ଚଳରେ ଭୋଟ୍ ଦେବାର ସୁବିଧାକୁ ପ୍ରଭାବିତ କରିପାରେ। ଗ୍ରାମାଞ୍ଚଳରେ ଥିବା ଭୋଟରମାନେ ଯଦି ପୋଲିଂ ଷ୍ଟେସନ୍ ଦୂର ହୋଇଯାଏ, ତେବେ ଭୋଟ୍ ଦେବାର ହାର କମିପାରେ। ଏହା ଲୋକତନ୍ତ୍ରରେ ଅସମାନତା ସୃଷ୍ଟି କରିବ।


ସାରାଂଶରେ, ଏସ୍‌ଆଇଆର୍ ଭୋଟର୍ ତାଲିକାରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ଭାରତୀୟ ରାଜନୀତିକୁ ପୁନର୍ଗଠନ କରିପାରେ। ଓଡ଼ିଶା ଭଳି ରାଜ୍ୟରେ ଏହାର ପ୍ରଭାବ ଅଧିକ ହେବ, କାରଣ ଏଠାରେ ଅନେକ ବର୍ଷର ଅବହେଳା ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଇସିଆଇକୁ ଆବଶ୍ୟକ ଯେ ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ପରିଚାଳନା କରିବା, ଏବଂ ଭୋଟରମାନଙ୍କୁ ସଚେତନ କରିବା ପାଇଁ ଅଧିକ ପ୍ରଚାର କରିବା। ଯଦି ଏହା ସଫଳ ହୁଏ, ତେବେ ଆମର ନିର୍ବାଚନ ବ୍ୟବସ୍ଥା ଆହୁରି ମଜବୁତ୍ ହେବ, କିନ୍ତୁ ଯଦି ଭୁଲ୍ ହୁଏ, ତେବେ ଲୋକତନ୍ତ୍ରର ବିଶ୍ୱାସ ହରାଇବ। ଏହା ସମସ୍ତଙ୍କ ଦାୟିତ୍ୱ ଯେ ଏହି ପ୍ରକ୍ରିୟାରେ ଭାଗ ନେଇ ଏହାକୁ ସଫଳ କରିବା।

# ପଲ୍ଲୀ କବି ନନ୍ଦକିଶୋର



ବାଦଲ ଭୂୟାଁ

ପଲ୍ଲୀକବି ଭାବେ ପ୍ରସିଦ୍ଧ ନନ୍ଦକିଶୋର ବଳଙ୍କୁ ଏହି ଉପାଧି କେହି ଦେହିନାହିଁ; ଅଥଚ ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ୍ତ। କାରଣ, ତାଙ୍କ କବିତାରେ ଅଛି ପଲ୍ଲୀ ପ୍ରାଣତା। ନନ୍ଦକିଶୋର ହିଁ ପ୍ରଥମେ ପଲ୍ଲୀ ଜୀବନକୁ ତାଙ୍କ ସାରସ୍ୱତ ସୃଷ୍ଟିର ମୁଖ୍ୟ ଉପଜୀବ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କ କବିତାଗୁଡ଼ିକର ମୂଲ୍ୟାୟନ କରି ବ୍ୟାସ କବି ଫକୀରମୋହନ ଲେଖିଥିଲେ 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା; କେହି କେବେ କହିନାହିଁ ଏ ପ୍ରକାର କଥା।' ଫକୀରମୋହନଙ୍କ ସହ ତାଙ୍କର ବ୍ୟକ୍ତିଗତ ସ୍ତରର ବନ୍ଧୁତା ଥିଲା। ବାଲେଶ୍ୱରରେ ନନ୍ଦକିଶୋର ଚାକିରି କରୁଥିବା ବେଳେ ଫକୀରମୋହନ କର୍ମମୟ ଜୀବନରୁ ଅବସର ନେଇ, ସେଠାରେ ବାସ କରୁଥିଲେ। ଦୁହେଁ ଏକତ୍ର ସାହିତ୍ୟ ଆଲୋଚନାକୁ ଅଧିକ ସମୟ ଦେଉଥିଲେ। ନନ୍ଦକିଶୋର ବର୍ଣ୍ଣିତ ଏକ ବାସ୍ତବ ଘଟନା ଉପରେ ଫକୀରମୋହନ ରଚନା କରିଥିଲେ ମାମୁଁ। ନନ୍ଦକିଶୋରଙ୍କ ମୂଳ ନାମ ରସାନନ୍ଦ ଜେନା। ପୋଷ୍ୟପୁତ୍ର ହେବା ପରେ ନନ୍ଦକିଶୋର ବଳ ଭାବେ ପରିଚିତ ହୋଇଥିଲେ।



ତାଙ୍କର ବିଦ୍ୟାଳୟ ଛାତ୍ର ଜୀବନ କଟକ ଓ କେନ୍ଦ୍ରାପଡ଼ାରେ କଟିଥିଲା। ଏକାଧିକ ସ୍କୁଲରେ ପଢ଼ିବା ପରେ ସେ ରାଭେନ୍‌ସା ମହାବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ଏହି ସମୟରେ ସେ ସାହିତ୍ୟ ସୃଷ୍ଟି ପାଇଁ ଆଗ୍ରହୀ ହୋଇଥିଲେ। ସେତେବେଳେ ସାହିତ୍ୟ ଚର୍ଚ୍ଚା ନିମନ୍ତେ କଟକ ଆଲୋଚନା ସଭା ନାମକ ଅନୁଷ୍ଠାନଟିଏ ସକ୍ରିୟ ଥାଏ। ଏହି ଅନୁଷ୍ଠାନ ସହ ସମ୍ପୃକ୍ତ ହେବା ପରେ ନନ୍ଦକିଶୋରଙ୍କ ସାରସ୍ୱତ ଜୀବନ ପରିପୁଷ୍ଟ ହୋଇଥିଲା। ଏଠାରେ ହିଁ ସେ କବି ବର ରାଧାନାଥ, ଭକ୍ତକବି ମଧୁସୂଦନ ଆଦିଙ୍କ ସଂସ୍ପର୍ଶରେ ଆସିଥିଲେ। ୧୮୯୮ରେ ପ୍ରକାଶିତ ପଲ୍ଲୀଚିତ୍ର ତାଙ୍କର ପ୍ରଥମ କାବ୍ୟ ଗ୍ରନ୍ଥ। ତାହାପରେ ପ୍ରକାଶିତ ହୋଇଥିଲା ନିର୍ଝରିଣୀ, ପଲ୍ଲୀଚିତ୍ର-୨, ବସନ୍ତ କୋକିଳ, ଚାରୁଚିତ୍ର, ତରଙ୍ଗିଣୀ, ଜନ୍ମଭୂମି, ଆଦି। ଓଡ଼ିଆ ସାହିତ୍ୟକୁ ନନ୍ଦକିଶୋରଙ୍କର ଆଉ ଏକ ପ୍ରମୁଖ ଅବଦାନ ହେଉଛି ଶିଶୁ କବିତା। ନାନାବାୟାଗୀତର ପ୍ରଥମ ଓ ଦ୍ୱିତୀୟ ଭାଗରେ ତାଙ୍କର ଶିଶୁ କବିତାଗୁଡ଼ିକ ସଂକଳିତ। ୧୯୨୫ରେ ପ୍ରକାଶ ପାଇଥିଲା, ତାଙ୍କ ଲିଖିତ ଏକମାତ୍ର ଉପନ୍ୟାସ କନକଲତା। ୧୮୭୫ ଡିସେମ୍ବର ଆଜିର ଦିନରେ ମାହାଙ୍ଗା ଅନ୍ତର୍ଗତ କୁସୁପୁର ଗ୍ରାମରେ ଜନ୍ମ ହୋଇଥିଲେ ପଲ୍ଲୀକବି ନନ୍ଦକିଶୋର।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**

# ମହାପାତ୍ର ନୀଳମଣି ସାହୁ



ଡ଼ଃ.ଅରୁନ୍ଧତୀ ଦେବୀ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ। ସେ ଏକଧାରରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ। ସମାଲୋଚନା, ରମ୍ୟ ରଚନା, ଶିଶୁ ସାହିତ୍ୟ, କବିତା, ଅନୁବାଦ, ଆଧାତ୍ମିକ ରଚନା ଓ ସମ୍ପାଦନ କ୍ଷେତ୍ରରେ ମଧ ତାଙ୍କର ଶକ୍ତିଶାଳୀ ଉପସ୍ଥିତି ସ୍ପଷ୍ଟ ଅନୁଭବ କରାଯାଏ। ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ। ଜଗତ୍‌ରେ ଯାହାଘଟେ, ତାହା ମୁଁ ନିଜେ ଅନୁଭବ ନକରି ଲେଖେନାହିଁ। ଆଉ ମଧ ଆମର ଏ ଜଗତରେ ଯାହା କିଛି ଘଟିବା ଉଚିତ ବୋଲି ମୁଁ ମନେକର, ତାହା ବି ମୁଁ ନିଜେ ମୋ ଜୀବନରେ ପ୍ରଥମେ ପ୍ରୟୋଗ ନ କରି ଲେଖେନାହିଁ। ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି। କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ ଲେଖନୀରୁ ବାହାରିନାହିଁ। ମହାପାତ୍ର ନୀଳମଣି ଲେଖୁଥିଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ। ନିଜ ଲେଖାଗୁଡ଼ିକର ହିନ୍ଦୀ ବା ଇଂରେଜୀ ଅନୁବାଦ ପାଇଁ ତାଙ୍କର ଆଗ୍ରହ ନଥିଲା। କେବଳ ଓଡ଼ିଆ ପାଠକ ପାଠିକାଙ୍କର ଅଭିମତ ଶୁଣିବା ଲାଗି ସେ ସର୍ବଦା ବ୍ୟଗ୍ର ଥିଲେ। ସେ ସମାଜ ସଚେତନ ଲେଖକ। ସତ୍ୟ ପଛରେ ଧାଇଁଲା ବେଳେ ସେ ଦାର୍ଶନିକ ଓ ଯୋଗୀ। ଶିବ ବା ମଙ୍ଗଳ ପଛରେ ଧାଇଁଲା ବେଳେ ସେ କର୍ମୀ। ସୁନ୍ଦର ପଛରେ ଧାଇଁଲା ବେଳେ ପ୍ରେମୀ ଏବଂ ମହତ୍ ପଛରେ ଧାଇଁଲା ବେଳେ ଭକ୍ତ। ତାଙ୍କ ରଚନାରେ ମିଳେ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତିର ଉପାଦାନ ଏବଂ ସେଥି ଲାଗି ପ୍ରେରଣା। ୧୯୮୧ରେ ଆକାଶ ପାତାଳ ପାଇଁ ସେ ଲାଭ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ଏବଂ ୧୯୮୪ରେ ଅଭିଶପ୍ତ ଗନ୍ଧର୍ବ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର। ୧୯୬୫-୧୯୬୯ ଝଙ୍କାର ପତ୍ରିକାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଅଧାପନା ଥିଲା ତାଙ୍କର ବୃତ୍ତି। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧାପନା କରି ୧୯୮୪ରେ ବିଜେପିରୁ ଉପାଧକ୍ଷ ଭାବେ ଅବସର ନେଇଥିଲେ। ଧରା ଓ ଧାରା, ତାମସୀ ରାଧା, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ସୁମିତ୍ରାର ହସ, ଆମେ ଓଡ଼ିଆ, ଯାଆ ନିଶା ସର୍ବଭୂତେଷୁ ଆଦି ତାଙ୍କର ଶ୍ରେଷ୍ଠ କୃତି ତାଲିକା ଅନ୍ତର୍ଭୁକ୍ତ। ୧୯୨୬ ଡିସେମ୍ବର ଆଜିର ଦିନରେ ନିଆଳିରେ ସେ ଜନ୍ମ ହୋଇଥିଲେ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

# ଅନ୍ୟ ପାଇଁ ବଞ୍ଚିବାର ସଙ୍କଳ୍ପ ନେବା



ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧରୁ ମନୁଷ୍ୟ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣ୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହା
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ। ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ। କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ। ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା।

ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ। ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡ଼ିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡ଼ିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡ଼ିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ।



ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି। ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା, ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ '

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି। ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡ଼ିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି। ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି।ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ। ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ। ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି। ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି। ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ ନିଜ ଜୀବନ ବଞ୍ଚାଇପାରିନଥିଲେ। ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ। ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି-

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା।

**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ-୭୦୨୦୬୧୧୩୦୦**


# ଆର୍ଯ୍ୟକୃଷ୍ଟି ପତାକା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆର୍ଯ୍ୟକୃଷ୍ଟି ପତାକା ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆମେ ପ୍ରଥମେ ବୁଝିବା ଉଚିତ - ଆର୍ଯ୍ୟକୃଷ୍ଟି କ'ଣ? ଆର୍ଯ୍ୟକୃଷ୍ଟି ଶବ୍ଦଟି ଆର୍ଯ୍ୟ ଓ କୃଷ୍ଟି, ଏହି ଦୁଇ ଶବ୍ଦକୁ ନେଇ ସୃଷ୍ଟି ହୋଇଛି। ଆର୍ଯ୍ୟ ଶବ୍ଦଟି ଆସିଛି 'ଋ' ଧାତୁରୁ। 'ଋ' ଧାତୁର ଅର୍ଥ ହେଉଛି ଗମନ କରିବା, ବୃଦ୍ଧି ପାଇବା ଓ ପ୍ରାପ୍ତ ହେବା। ଅର୍ଥାତ୍ ଯାହାର ଗତି, ବୃଦ୍ଧି ଓ ପ୍ରାପ୍ତି ଅଛି ତାହା ହିଁ ହେଲା ଆର୍ଯ୍ୟ। ଏହାର ତାତ୍ପର୍ଯ୍ୟ ହେଉଛି ପ୍ରାପ୍ତିଯୋଗ୍ୟ ବର୍ଦ୍ଧନମୁଖର ଗତିଶୀଳତା। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅନୁଶ୍ରୁତି ପୁସ୍ତକରେ କହିଛନ୍ତି - 'ଆର୍ଯ୍ୟ ତାଙ୍କୁ ହିଁ କହେ, କୃଷ୍ଟି ପଥରେ ଦୃଷ୍ଟି ନେଇ ଇଷ୍ଟ ପଥରେ ରହେ, ରକ୍ତରେ ଗୁନ୍ଥା ଆର୍ଯ୍ୟ ଆଭା ତପଃ କୌତୁହଳେ।' 'ଋ' ଧାତୁର ଏହି ଗତି ହେଲା - ତାର ଉତ୍ସରୁ ନିରନ୍ତର ଚଳମାନତା, ବୃଦ୍ଧି ହୋଇ ବହୁରେ ବିସ୍ତାର ଲାଭ କରିବା ଏବଂ ପ୍ରାପ୍ତି ହେଲା - ସେହି ବହୁକୁ ନେଇ ପୁନରାୟ ଉତ୍ସରେ ସାର୍ଥକ ହୋଇ ଉଠିବା, ଏକ ଅଦ୍ୱିତୀୟରେ ସାର୍ଥକ ହୋଇ ଉଠିବା।

ଆଉ 'କୃଷ୍ଟି' ଆସିଛି 'କୃଷ୍' ଧାତୁରୁ। କୃଷ୍ ଧାତୁର ଅର୍ଥ କର୍ଷଣ, ଆକର୍ଷଣ ଓ ଆଧିପତ୍ୟ ଅର୍ଜ୍ଜନ। ଗୋଟିଏ କଥାରେ କୃଷ୍ଟି ଶବ୍ଦର ତାତ୍ପର୍ଯ୍ୟ ହେଲା - ଯେଉଁ କର୍ଷଣ ବା ଅନୁଶୀଳନ ଦ୍ୱାରା ମନୁଷ୍ୟ ତାର ନିଜ - ନିଜ - ପ୍ରାଚୀନ ଜୀବନ ବର୍ଦ୍ଧନୀ ଅନୁଶୀଳନର ଧାରାକୁ ବର୍ତ୍ତମାନ ଆଦର୍ଶଙ୍କ ମାଧମରେ ପରିବର୍ଦ୍ଧିତ କରି ବୃଦ୍ଧି ପଥରେ ସଞ୍ଚାଳିତ ହୁଏ, ତେଣୁ ଆର୍ଯ୍ୟକୃଷ୍ଟି ମାନେ ବୃଦ୍ଧିମୁଖୀ କୃଷ୍ଟି। 'କୃଷ୍ଟି'ର ଏକ ଉଦାହରଣରେ ବୁଝାଯାଉଛି ଯେ କୃଷକ କ୍ଷେତକୁ ବାରମ୍ବାର କର୍ଷଣ କରି ଫସଲ ପାଇଁ ଉପଯୁକ୍ତ କରି ଗଢ଼ିତୋଳେ। ସେହିପରି ଶ୍ରେଷ୍ଠ ଲୋକମାନେ ଦୀର୍ଘଦିନ ଧରି ପର୍ଯ୍ୟବେକ୍ଷଣ କରି କତିପୟ ପରମ୍ପରା ଓ ନିୟମକୁ ସ୍ଥାପିତ କରିଯାଇଛନ୍ତି, ଯାହାକୁ ଅନୁଶୀଳନ କରି ଚାଲିଲେ ଲୋକମାନେ ଉପଯୁକ୍ତ ହୋଇପାରିବେ ତଥା ଭବିଷ୍ୟତରେ ମଧ ଉପଯୁକ୍ତ ଜାତକ ଜନ୍ମଗ୍ରହଣ କରିପାରିବେ। ତେଣୁ, ଶ୍ରେଷ୍ଠ ଲୋକମାନଙ୍କର ଅନୁଭବ ଉପରେ ସ୍ଥାପିତ ପରମ୍ପରା ଓ ନୀତି ନିୟମକୁ ହିଁ ଆର୍ଯ୍ୟକୃଷ୍ଟି କୁହାଯାଏ। ଏହି ଶୁଭ ସନ୍ଦିପନୀ ନିୟମ ମଧରୁ ସବୁଠାରୁ ପ୍ରଥମ ଓ ପ୍ରଧାନ ନିୟମ ଯାହାକୁ ଋଷିମାନେ ଜୀବନରେ ଅନିବାର୍ଯ୍ୟ ବୋଲି କହି ଯାଇଛନ୍ତି - ତାହା ହେଉଛି 'ଇଷ୍ଟଗ୍ରହଣ'। ଦିନେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପ୍ରଶ୍ନ କରାଯାଇଥିଲା ଯେ ମଣିଷକୁ ଉପଯୁକ୍ତ ଓ ପ୍ରକୃତ ମଣିଷ ଭଳି ମଣିଷ ଗଢ଼ି ତୋଳିବାର ଉପାୟ କ'ଣ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୋଟିଏ ବାକ୍ୟରେ ତାର ଉତ୍ତର ଦେଇଥିଲେ ଯେ 'ଆର୍ଯ୍ୟକୃଷ୍ଟି'ରେ ହିଁ କେବଳ ମଣିଷକୁ ପ୍ରକୃତ ମଣିଷ କରି ଗଢ଼ି ତୋଳିବା ଓ ଭଲ ଭାବରେ ରହିବାର ପ୍ରକ୍ରିୟା କୁହାଯାଇଛି।



ଆଜି ଆମେ ସେହି ଆର୍ଯ୍ୟକୃଷ୍ଟି ଓ ବର୍ଣ୍ଣାଶ୍ରମର ଧାରାକୁ ଭୁଲି ଯାଇଛୁ, ଭାରତୀୟ ଆର୍ଯ୍ୟ ସଂସ୍କୃତିକୁ ଭୁଲିଯାଇ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଚାଲିଛୁ। କିନ୍ତୁ ଆମର ପୂର୍ବବର୍ତ୍ତି ଋଷିମାନେ ଯେଉଁ ଆର୍ଯ୍ୟ ସଂସ୍କୃତି ଓ ବର୍ଣ୍ଣାଶ୍ରମ ଧାରାକୁ ବହନ କରିନେଇ ଚାଲିଥିଲେ ସେହି ଶାଣ୍ଡିଲ୍ୟ, ଭରଦ୍ୱାଜ, ପରାଶର ଓ ନାଗେଶ୍ୱର ଇତ୍ୟାଦି ଋଷିମାନଙ୍କ କଥାକୁ ମନେ ପକାଇଦେବା ପାଇଁ, ବର୍ଣ୍ଣାଶ୍ରମକୁ ପୁଣି ଉଜ୍ଜିବୀତ କରି ତୋଳିବା ପାଇଁ, ଏକ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ, ପରସ୍ପର ପରସ୍ପର ମଧରେ ଭ୍ରାତୃତ୍ୱ, ବନ୍ଧୁତା ଓ ସହଯୋଗ ରକ୍ଷାକରି ଚାଲିବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କର ଏହି ଆର୍ଯ୍ୟକୃଷ୍ଟି ପତାକା ପ୍ରବର୍ତ୍ତନର ଉଦ୍ଦେଶ୍ୟ ଓ ଉପଯୋଗୀତା ଯଥେଷ୍ଟ ରହିଛି। ଅନୁଶ୍ରୁତି ପୁସ୍ତକରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - 'ଶୂଦ୍ର ହିଁ ତ ଜାତିର ଚକା, ବୈଶ୍ୟ ଯୋଗାଏ ଦେଶର ଟଙ୍କା, କ୍ଷତ୍ରିୟମାନେ ରାଜାଙ୍କ ଜାତ, ସଭିଙ୍କ ପୂରଣ ବିପ୍ରର ଧାତା ଅର୍ଥାତ୍ ଶୂଦ୍ରମାନେ ହେଉଛନ୍ତି ଜାତିର ଚକ ସଦୃଶ, ବୈଶ୍ୟମାନେ ବେପାର ବାଣିଜ୍ୟ କରି ଦେଶକୁ ଟଙ୍କା ଯୋଗାନ୍ତି। କ୍ଷତ୍ରିୟମାନେ ରାଜାର ଜାତି, ଅର୍ଥାତ୍ କ୍ଷତରୁ ତ୍ରାଣ କରନ୍ତି, ଦେଶକୁ ସୁରକ୍ଷା କରନ୍ତି। ଆଉ ସମସ୍ତଙ୍କର ପରିପୂରଣ କରନ୍ତି ବିପ୍ର। ଆର୍ଯ୍ୟକୃଷ୍ଟି ପତାକାର ଏହି ଚାରି ବର୍ଣ୍ଣ ଅର୍ଥାତ୍ ଶ୍ୱେତ (ଧଳା), ରକ୍ତ (ନାଲି), ପୀତ (ହଳଦିଆ) ଓ ହରିତ୍ (ସବୁଜ) କ୍ରମାନ୍ୱୟରେ ଶ୍ୱେତ-ରକ୍ତ-ପୀତ-ହରିତ ଉପରୁତଳ ଏମିତି ଭାବରେ ରଙ୍ଗରେ ରଞ୍ଜିତ ହୋଇଛି।

ସବୁଠାରୁ ଉପରେ ରହିଛି ଧଳା ବା ଶ୍ୱେତ ଯାହା ବିପ୍ରର ପ୍ରତୀକ। ଯାହା ମସ୍ତିଷ୍କର କାର୍ଯ୍ୟ କରେ। ବିପ୍ରର କାର୍ଯ୍ୟ - ସତ୍ ସଦାଚାର, ସାତ୍ତ୍ୱିକ, ଦାନ, ଧର୍ମ ଓ ଶାନ୍ତି। କ୍ଷତ୍ରିୟମାନେ ଦେଶକୁ ଯୁଦ୍ଧ କରି ସୁରକ୍ଷା କରନ୍ତି ସେମାନଙ୍କର ରଙ୍ଗ ରକ୍ତ (ନାଲି) ବର୍ଣ୍ଣ, ଅର୍ଥାତ୍, ଶୌର୍ଯ୍ୟ ଅସତ୍ ନିରୋଧୀ ପରାକ୍ରମ, କ୍ଷତର ତ୍ରାଣ କରିବା ଇତ୍ୟାଦି ଯାହାକି ମଣିଷର ବାହୁ ବା ହାତର କାର୍ଯ୍ୟ। ତେଣୁ କ୍ଷତ୍ରିୟ ମାନେ ମଣିଷର ବାହୁ ସଦୃଶ କାର୍ଯ୍ୟ କରନ୍ତି। ବୈଶ୍ୟ ଯେଉଁମାନେ କି ଦେଶ ପାଇଁ କୃଷି, ବେପାର, ବାଣିଜ୍ୟ, ଗୋପାଳନ, ଶିଳ୍ପ ଇତ୍ୟାଦି କାର୍ଯ୍ୟ କରି ଅର୍ଥନୈତିକ ଉନ୍ନତି ସାଧନ କରନ୍ତି ସେମାନଙ୍କର ରଙ୍ଗ ହଳଦିଆ। ଯାହାକୁ ମଣିଷର ଉଦର ସହିତ ତୁଳନା କରାଯାଇଛି। ପତାକାର ସବାତଳେ ରହିଛି ସବୁଜ ରଙ୍ଗ ଯାହାକି ଶୂଦ୍ରର ପ୍ରତୀକ। ଶୂଦ୍ରମାନେ ସେବା, ଶ୍ରମଦାନ ଓ ପରିଚର୍ଯ୍ୟା ଇତ୍ୟାଦି କର୍ମ କରି ଜାତିର ଚକ ସଦୃଶ କାର୍ଯ୍ୟ କରନ୍ତି, ତେଣୁ ସେମାନଙ୍କୁ ମଣିଷର ହାତ ପାଦ ସହିତ ତୁଳନା କରାଯାଇଛି।

ଆଉ ଏହି ଚାରୋଟି ରଙ୍ଗଙ୍କୁ ସ୍ପର୍ଶ କରି ମଧ ଭାଗରେ ରହିଛି ସୁଦର୍ଶନ ଚକ୍ର। ଯାହାକି ସାମ୍ୟର ପ୍ରତୀକ, ନିୟନ୍ତ୍ରଣର ପ୍ରତୀକ, ଚକ୍ର ମଧରେ ରହିଛି ଏକ ବିଦ୍ୟୁତ୍ ଝଲକର ଚିହ୍ନ ଯାହାକି ଉଜ୍ଜ୍ୱଳତା ଓ ଗତିର ପ୍ରତୀକ, ଏକ ଆଦର୍ଶଙ୍କୁ କେନ୍ଦ୍ର କରି ଚାଲିବାର ପ୍ରତୀକ। ଏହିପରି ଭାବରେ ଆର୍ଯ୍ୟକୃଷ୍ଟି ପତାକାର ବିଭିନ୍ନ ରଙ୍ଗ ସହିତ ବିଭିନ୍ନ ବର୍ଣ୍ଣର ସାମଞ୍ଜସ୍ୟ ଓ ତାର ବିଶେଷତ୍ୱ ବର୍ଣ୍ଣିତ ହୋଇଛି। ଏହି ଚାରୋଟି ବର୍ଣ୍ଣ ମଧରେ କିପରି ସମନ୍ୱୟ ଓ ସହଯୋଗ ରହିବ ଏବଂ ପରସ୍ପର ପରସ୍ପର ମଧରେ ଐକ୍ୟ ବଜାୟ ରହିବ ସେ ବିଷୟରେ ବିଷଦ ଭାବରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବର୍ଣ୍ଣନା କରିଛନ୍ତି। ଆମର ଋଷି ମହାପୁରୁଷ ମାନେ ଯାହା କରି ଯାଇଛନ୍ତି ତା'ହେଲା ପ୍ରାକୃତିକ ବିଧାନ। ସେଥିପାଇଁ ପ୍ରୟୋଜନ - ସମସ୍ତଙ୍କୁ ଧାରଣ, ପାଳନ, ପୋଷଣ ଓ ପୂରଣ କରୁଥିବା ଏପରି ଏକ ମୂର୍ତ୍ତ ଆଦର୍ଶରେ ସଂନ୍ୟସ୍ତ ହେବା। ତଦ୍ୱାରା ପ୍ରତ୍ୟେକେ ତାର ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖି ମଧ ଐକ୍ୟବଦ୍ଧ ଓ ପାରସ୍ପରିକତାରେ ସମ୍ବନ୍ଧ ହୋଇ ଉଠନ୍ତି। ପରିଶେଷରେ ଆସନ୍ତୁ, ସମସ୍ତେ ଏହି ଆର୍ଯ୍ୟକୃଷ୍ଟି ପତାକା ତଳେ ସମବେତ ହୋଇ ପରସ୍ପର ମଧରେ ଐକ୍ୟ, ସୁସଙ୍ଗତି ଓ ସହଯୋଗ ବଜାୟ ରଖି ସଭିଏଁ ସଭିଙ୍କୁ ପ୍ରେମଡୋରୀରେ ବାନ୍ଧି ଏକ ସ୍ୱରରେ ଗାଇ ଉଠିବା - 'ବନ୍ଦେ ପୁରୁଷୋତ୍ତମମ୍, ବନ୍ଦେ ଆର୍ଯ୍ୟପିତୃନ୍, ବନ୍ଦେ ମାତୃବର୍ଗାନ୍, ବନ୍ଦେ ଅହଂ କୃଷ୍ଟି ଦୈବତଂ, ବନ୍ଦେ ପୁରୁଷୋତ୍ତମମ୍।' ଜୟଗୁରୁ।

**ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ପ୍ରତିରକ୍ଷା ମନ୍ତ୍ରଣାଳୟର ଲେଫ୍ଟନାଣ୍ଟ କର୍ଣ୍ଣେଲ ଗିରଫ

- ଲାଞ୍ଚ ନେଇ ଫସିଲେ
- ୨.୩୬ କୋଟି ଟଙ୍କା ଜବତ

**ନୂଆଦିଲ୍ଲୀ,୨୧।୧୨:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରତିରକ୍ଷା ମନ୍ତ୍ରଣାଳୟରେ ନିୟୋଜିତ ଜଣେ ସେନା ଅଧିକାରୀଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି। ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କ ବିରୁଦ୍ଧରେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେବାର ଅଭିଯୋଗ ହୋଇଛି।

ଶର୍ମାଙ୍କ ଘରୁ ସିବିଆଇ ୨.୩୬ କୋଟି ଟଙ୍କା ମଧ୍ୟ ଜବତ କରିଛି। ଶର୍ମାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ୍ୟ ସିବିଆଇ ମାମଲା ରୁଜୁ କରିଛି। ତଲାସୀ ସମୟରେ କାଜଲଙ୍କ ଘରୁ ୧୦ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। କାଜଲ ଶ୍ରୀଗଙ୍ଗାନଗରରେ ଥିବା ଡିଭିଜନର କମାଣ୍ଡିଂ ଅଫିସର। ଏହି ମାମଲାରେ ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ।

ଡିସେମ୍ବର ୧୯ ତାରିଖରେ ମିଳିଥିବା ସୂଚନା ଆଧାରରେ ମାମଲା ରୁଜୁ କରାଯାଇଛି । ସିବିଆଇ




ଅନୁଯାୟୀ, ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ବିରୋଧରେ ପ୍ରତିରକ୍ଷା ଉତ୍ପାଦର ନିର୍ମାଣ ଏବଂ ରପ୍ତାନିରେ ଜଡିତ ଘରୋଇ କମ୍ପାନୀଗୁଡ଼ିକୁ ଲାଭ ପହଞ୍ଚାଇବାର ଅଭିଯୋଗ ରହିଛି। ଭାରତ ସରକାରଙ୍କ ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେନା ଅଧିକାରୀଙ୍କ ଗିରଫଦାରୀ ଦୁର୍ନୀତି ରୋକିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ସିବିଆଇକୁ ବେଙ୍ଗାଲୁରୁର ଏକ କମ୍ପାନୀରୁ ସମ୍ଭାବ୍ୟ ଲାଞ୍ଚ ପ୍ରଦାନ ବିଷୟରେ ସୂଚନା ମିଳିଥିଲା। ଏହାର କାର୍ଯ୍ୟ ରାଜୀବ ଯାଦବ ଏବଂ ରଭଜିତ ସିଂହ ନାମକ ବ୍ୟକ୍ତି ପରିଚାଳନା କରୁଥିଲେ। ଦୁହେଁ ଶର୍ମାଙ୍କ ସହିତ ଯୋଗାଯୋଗରେ ଥିଲେ ଏବଂ ବିଭିନ୍ନ ସରକାରୀ ବିଭାଗ ଏବଂ ମନ୍ତ୍ରଣାଳୟରୁ କମ୍ପାନୀ ପାଇଁ ବେଆଇନ ରାଶି ହାସଲ କରିବାକୁ ଚେଷ୍ଟା କରୁଥିଲେ।

ଗିରଫ ହୋଇଥିବା ଦ୍ୱିତୀୟ ଅଭିଯୁକ୍ତ ବିନୋଦ କୁମାର, ବେଙ୍ଗାଲୁରୁର ଏହି କମ୍ପାନୀର ନିର୍ଦ୍ଦେଶରେ ଡିସେମ୍ବର ୧୮ ତାରିଖରେ ଦୀପକ କୁମାର ଶର୍ମାଙ୍କୁ ୩ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିଲେ। ସୂଚନା ପାଇବା ପରେ, ତଦନ୍ତକାରୀ ସଂସ୍ଥା ଶ୍ରୀଗଙ୍ଗାନଗର, ବେଙ୍ଗାଲୁରୁ ଏବଂ ଜମ୍ମୁ ସମେତ ଅନେକ ସ୍ଥାନରେ ଚଢ଼ାଉ କରିଥିଲା। ଦିଲ୍ଲୀରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଶର୍ମାଙ୍କ ଘରେ ଚଢ଼ାଉ ସମୟରେ ୩ ଲକ୍ଷ ସମେତ ୨.୨୩ କୋଟି ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି।

### ରୁଷୀୟ ବିଶ୍ୱବିଦ୍ୟାଳୟରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଶେଷ ସୁବିଧା

# ବିନା ଏଣ୍ଟ୍ରାନ୍ସରେ ପାଇବେ ଆଡମିସନ

**ନୂଆଦିଲ୍ଲୀ ୨୧।୧୨:** ଭାରତୀୟ ଛାତ୍ରଛାତ୍ରୀଙ୍କ ଲାଗି ରଷିଆରୁ ବଡ଼ ଖବର ଆସୁଛି। ଏବେ ଭାରତୀୟ ବିଦ୍ୟାର୍ଥୀ ରଷିଆରେ ବିନା କୌଣସି ଏଣ୍ଟ୍ରାନ୍ସରେ ସରକାରୀ ଛାତ୍ରବୃତ୍ତି ପାଇପାରିବେ। ଏହି ଛାତ୍ରବୃତ୍ତି ସ୍ନାତକରୁ ନେଇ ଉଚ୍ଚତର ପ୍ରଶିକ୍ଷଣ ଓ ପିଏଚଡି ପର୍ଯ୍ୟନ୍ତ ଉଚ୍ଚତର ପାଠ୍ୟକ୍ରମ ଲାଗି ଉପଲବ୍ଧ ହେବ। ରଷିଆ ପ୍ରଶାସନ ଅନୁସାରେ ଏହି ଛାତ୍ରବୃତ୍ତି ମେଡିସିନ, ଇଞ୍ଜିନିୟରିଂ, ଫାର୍ମାସୀ ଓ ସ୍ପେସ୍ ଷ୍ଟଡିଜ ସମେତ ଅନ୍ୟ କେତେକ ବିଷୟରେ ଦିଆଯିବ।




ସେହିପରି ଯେଉଁ ଛାତ୍ରଛାତ୍ରୀଙ୍କୁ ରଷୀୟ ଭାଷା ନ ଆସୁଛି ସେମାନଙ୍କ ଲାଗି ବର୍ଷକର ପ୍ରିପରେଟରୀ ଭାଷା କୋର୍ସ ମଧ୍ୟ ରଖାଯାଇଛି। ଏଣୁ ଛାତ୍ରଛାତ୍ରୀ ସେମାନଙ୍କ ମୁଖ୍ୟ ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ରଷିଆ ଭାଷା ଶିଖିପାରିବେ। ତେବେ ଅନେକ କୋର୍ସ ଇଂରାଜୀରେ ମଧ୍ୟ ଉପଲବ୍ଧ ଅଛି। ଏହି ଛାତ୍ରବୃତ୍ତି କାର୍ଯ୍ୟକ୍ରମ ୨୦୨୬-୨୭ବର୍ଷ ନିମନ୍ତେ ଭାରତୀୟ ଛାତ୍ରଛାତ୍ରୀଙ୍କ ଠାରୁ ଆମନ୍ତ୍ରଣ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ଭାରତୀୟ ଛାତ୍ରଛାତ୍ରୀଙ୍କୁ ରଷୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଉଚ୍ଚଶିକ୍ଷା ପ୍ରାପ୍ତ କରିବାକୁ ଅବସର ପ୍ରଦାନ କରିବା।

ରିପୋର୍ଟ ଅନୁସାରେ ଏଥିପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଚୟନ ପରୀକ୍ଷା ବିନା କେବଳ ପ୍ରବେଶ ପରୀକ୍ଷା କରାଯିବ। ପ୍ରାର୍ଥୀଙ୍କୁ ସେମାନଙ୍କ ପିଛିଲା ଶିକ୍ଷା ରେକର୍ଡ ଓ ପୋର୍ଟପୋଲିଓ ଆଧାରରେ ଚୟନ କରାଯିବ। ପୋର୍ଟପୋଲିଓରେ ରିସର୍ଚ୍ଚ ପେପର, ସୁପାରିଶ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାର ପ୍ରମାଣପତ୍ର ଓ ଅନ୍ୟ କାଗଜପତ୍ର ସାମିଲ ହୋଇପାରେ। ଏଥିପାଇଁ ଚୟନ ପ୍ରକ୍ରିୟା ୨ଟି ପର୍ଯ୍ୟାୟରେ ପୂରଣ ହେବ। ଏଥିରୁ ପ୍ରଥମ ପର୍ଯ୍ୟାୟ ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ଦ୍ୱିତୀୟ ପର୍ଯ୍ୟାୟରେ ରଷୀୟ ବିଜ୍ଞାନ ଓ ଉଚ୍ଚଶିକ୍ଷା ମନ୍ତ୍ରାଳୟ, ଭାଗ ନେଉଥିବା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଂସ୍ଥାନରେ ଆବଣ୍ଟିତ କରିବେ ଓ ଭିସା ସମ୍ପର୍କିତ କାଗଜପତ୍ର ଜାରି କରିବେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ସହର ଯେପରିକି ମସ୍କୋ, ସେଣ୍ଟ ପିଟର୍ସବର୍ଗ, କାଜନ, ଭ୍ଲାଦିଭୋଷ୍ଟକ ଓ କ୍ୟାଲେନିନଗ୍ରାଦ ରେ ଅଧ୍ୟୟନ କରିପାରିବେ। ଏଣୁ ଇଚ୍ଛୁକ ଛାତ୍ରଛାତ୍ରୀ ଏଜୁକେସନ-ଇନ-ରଷିଆ ଡଟକମକୁ ଯାଇ ବିସ୍ତୃତ ସୂଚନା ଓ ଆବେଦନ ପ୍ରକ୍ରିୟା ଦେଖି ପାରିବେ। ଏହି ପଦକ୍ଷେପ ଭାରତୀୟ ଛାତ୍ରଛାତ୍ରୀଙ୍କ ଲାଗି ରଷିଆରେ ଉଚ୍ଚଶିକ୍ଷା ଦିଗରେ ଏକ ସୁବର୍ଣ୍ଣ ସୁଯୋଗ ସାବ୍ୟସ୍ତ ହୋଇପାରେ।

### ଇଲେକ୍ଟୋରାଲ ବଣ୍ଡ ବନ୍ଦ ପରେ ବି ୩ ଗୁଣା ଅଧିକ ଚାନ୍ଦା

# ୩୮୧୧ କୋଟି ପାଇ ବିଜେପି ନଂ.୧



**ନୂଆଦିଲ୍ଲୀ, ୨୧।୧୨:** ସୁପ୍ରିମକୋର୍ଟଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ଉପରେ ପ୍ରତିବନ୍ଧକ ଲାଗିବାର ଗୋଟିଏ ବର୍ଷ ପରେ ଆଶ୍ଚର୍ଯ୍ୟଜନକ ଚିତ୍ର ସାମ୍ନାକୁ ଆସିଛି। କମ୍ପାନିମାନଙ୍କ ଦ୍ୱାରା ସମର୍ଥିତ ରାଜନୈତିକ ଦଳଙ୍କୁ ଆଖି ଖୋସି ହୋଇଗଲା ଭଳି ଚାନ୍ଦା ମିଳିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ବନ୍ଦ କରାଯିବା ପରେ ପ୍ରଥମ ଆର୍ଥିକ ବର୍ଷରେ ରାଜନୈତିକ ଦଳମାନଙ୍କ ଉପରେ ଟଙ୍କା ବର୍ଷା ହୋଇଛି। ଚାନ୍ଦା ଦେବା ମାମଲାରେ ୩ ଗୁଣା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଇଲେକ୍ଟୋରାଲ ଟ୍ରଷ୍ଟ ମୋଟ ୩୮୧୧ କୋଟି ଟଙ୍କା ବିଭିନ୍ନ ଦଳକୁ ଚାନ୍ଦା ଆକାରରେ ମିଳିଛି। ଏଥିରେ ସବୁଠାରୁ ଅଧିକ ଚାନ୍ଦା ବିଜେପିକୁ ମିଳିଥିବା ବେଳେ ଦ୍ୱିତୀୟ ସ୍ଥାନରେ କଂଗ୍ରେସ ରହିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ଉପରେ ପ୍ରତିବନ୍ଧକ ଲଗାଯିବା ପରେ କର୍ପୋରେଟ୍ ସମର୍ଥିତ ଇଲେକ୍ଟୋରାଲ ଟ୍ରଷ୍ଟ ମାଧ୍ୟମରେ ରାଜନୈତିକ ଦଳମାନେ ଭରପୂର ଚାନ୍ଦା ପାଉଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଚାନ୍ଦା ଆକାରରେ ୧୨୧୮ କୋଟି ଟଙ୍କା ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଚାନ୍ଦାର ପରିମାଣ ୩୮୧୧ କୋଟିରେ ପହଞ୍ଚିଛି। ଇସିଙ୍କ ନିକଟରେ ଦାଖଲ କରାଯାଇଥିବା ବିବରଣୀରେ ଏହି ରାଶିର ସବୁଠାରୁ ବଡ଼ ଭାଗ ବିଜେପିକୁ ଯାଇଛି। ମୋଟ ଚାନ୍ଦାର ୮୨ ପ୍ରତିଶତ ବିଜେପିକୁ ଯାଇଥିବା କୁହାଯାଉଛି। ସେହିଭଳି କଂଗ୍ରେସକୁ ୨୯୯ କୋଟି ଅର୍ଥାତ ୮ ପ୍ରତିଶତ ମିଳିଥିବା ବେଳେ ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କୁ ମୋଟ ୧୦ ପ୍ରତିଶତ ଚାନ୍ଦା ଆକାରରେ ମିଳିଛି।

ଏପର୍ଯ୍ୟନ୍ତ ମୋଟ ୧୯ ଟି ଇଲେକ୍ଟୋରାଲ ଟ୍ରଷ୍ଟ ପଞ୍ଜିକୃତ ହୋଇଛନ୍ତି। ହେଲେ ଡିସେମ୍ବର ୨୦ ତାରିଖ ସୁଦ୍ଧା ୧୩ ଟି ଟ୍ରଷ୍ଟର ବିବରଣୀ ନିର୍ବାଚନ ଆୟୋଗ ୱେବସାଇଟରେ ପ୍ରକାଶ ପାଇଛି। ଏଥିରେ ୯ ଟି ଟ୍ରଷ୍ଟ ଚାନ୍ଦା ଦେବା ତାଲିକାରେ ରହିଛନ୍ତି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ବିଜେପିକୁ ସବୁଠାରୁ ଅଧିକ ଚାନ୍ଦା ଦେଇଛି। ଏହି ଟ୍ରଷ୍ଟ ବିଜେପିକୁ ୨୧୮୦ କୋଟି ଟଙ୍କା ଚାନ୍ଦା ଦେଇଛି। ପ୍ରୁଡେଣ୍ଟ ଟ୍ରଷ୍ଟ ସହିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ମେଘା ଇଂଜିନିୟରିଂ, ଭାରତୀ ଏୟାରଟେଲ, ଅରୋବିନ୍ଦ ଫାର୍ମା ଓ ଟରେଣ୍ଟୋ ଫାର୍ମାସ୍ୟୁଟିକାଲ ଜଡ଼ିତ ରହିଛି।

### ଗଗନୟାନ ମିସନ ପାଇଁ ଆଉ ଏକ ସଫଳତା

# 'ଇସ୍ରୋ'ର ଡ୍ରୋଗ ପାରାସୁଟ୍ ପରୀକ୍ଷଣ ସଫଳ

**ଚଣ୍ଡିଗଡ଼, ୨୧।୧୨:** ଗଗନୟାନ ମିସନରେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ଙ୍କୁ ଆଉ ଏକ ସଫଳତା ମିଳିଛି। ଇସ୍ରୋ ଗଗନୟାନ ଚାଳକ ଦଳ ମଡ୍ୟୁଲଙ୍କ ଲାଗି ଗତି-ମନ୍ଦନ ପ୍ରଣାଳୀ (ଡିଲେରେସନ ସିଷ୍ଟମ) ବିକଶିତ କରିବା ନିମନ୍ତେ ଡ୍ରୋଗ ପାରାସୁଟର ସିରିୟେଲ ପରୀକ୍ଷଣ କରିଛି। ଏହି ସବୁ ପରୀକ୍ଷଣ ସଫଳ ହୋଇଥିବା ଏଜେନ୍ସୀ ସୂଚନା ଦେଇଛି। ଇସ୍ରୋଙ୍କ ସୂଚନା ଅନୁସାରେ ଏହି ପରୀକ୍ଷଣ ଚଣ୍ଡିଗଡ଼ର ଟର୍ମିନାଲ ବାଲିଷ୍ଟିକ ରିସର୍ଚ୍ଚ ଲାବୋରେଟରୀ (ଟିବିଆରଏଲ) ରେଲ ଟ୍ରାକ୍ ରକେଟ ସେଡରେ କରାଯାଇଥିଲା।



ଏଜେନ୍ସୀ ଏକ ବୟାନରେ କହିଛି ଯେ, ଗଗନୟାନ କ୍ରୁ ମଡ୍ୟୁଲର ଡିଲେରେସନ ସିଷ୍ଟମରେ ୪ ପ୍ରକାରର ମୋଟ ୧୦ଟି ପାରାସୁଟ ରହିବ। ଇସ୍ରୋଙ୍କ ଅନୁସାରେ ଅବରୋହଣ କ୍ରମ ଆରମ୍ଭରେ ଦୁଇ ଏପେକ୍ସ କଭର ସେପାରେସନ ପାରସୁଟରୁ ଅଲଗା ହେବା ସହିତ ହୋଇଥାଏ। ଏହା ପରେ ଡ୍ରୋଗ ପାରସୁଟ ଖୋଲିଥାଏ, ଯାହା ମଡ୍ୟୁଲକୁ ସ୍ଥିର କରିବା ଓ ଏହାର ଗତିକୁ ମନ୍ଥର କରିବାରେ ସହାୟତା କରିଥାଏ। ଇସ୍ରୋ କହିଛନ୍ତି ଯେ ଡ୍ରୋଗ ପାରାସୁଟ୍ ଖୋଲିବା ପରେ ୩ ପାଇଲଟ ପାରାସୁଟ ଖୋଲିଥାଏ, ଏଥିରୁ ୩ଟି ମୁଖ୍ୟ ପାରାସୁଟ୍ ବାହାରକୁ ବାହାରିଥାଏ। ଏହି ମୁଖ୍ୟ ପାରାସୁଟ କ୍ରୁ ମଡେଲର ଗତିକୁ ଆହୁରି କମ କରିଥାଏ। ଏଣୁ ସୁରକ୍ଷିତ ଲ୍ୟାଣ୍ଡିଂ ସୁନିଶ୍ଚିତ ହୁଏ।

ଡ୍ରୋଗ ପାରାସୁଟ ମିସନର ଏକ ଗୁରୁତ୍ୱପୂର୍ଣ୍ଣ ଘଟକ। ଏହା ଦ୍ୱାରା ପୁନଃ ପ୍ରବେଶ କାଳରେ ଗତିକୁ ସୁରକ୍ଷିତ ସ୍ତର ପର୍ଯ୍ୟନ୍ତ ହ୍ରାସ କରି କ୍ରୁ ମଡେଲକୁ ସ୍ଥିର କରିବାରେ ସହାୟତା କରିଥାଏ। ଏହି ବିଶେଷ ପରୀକ୍ଷଣ ଶୃଙ୍ଖଳା ସମ୍ପର୍କରେ ଇସ୍ରୋ କହିଛି ଯେ ଏଗୁଡ଼ିକୁ ଚରମ ପରିସ୍ଥିତିରେ ଡ୍ରୋଗ ପାରାସୁଟର କାର୍ଯ୍ୟକ୍ଷମତା ଓ ବିଶ୍ୱସନୀୟତାର ମୂଲ୍ୟାଙ୍କନ କରିବା ଲାଗି ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷଣରେ ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର, ଇସ୍ରୋ, ଏରିୟଲ ଡେଲିଭରି ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ, ଡିଆରଡିଓ ଏବଂ ଟିବିଆରଏଲ ସକ୍ରିୟ ସହାୟତା ଓ ଭାଗିଦାରୀ ହୋଇଥିଲା।

## କୁହୁଡ଼ି ଯୋଗୁ ୧୧୦ ଉଡ଼ାଣ ବାତିଲ

**ନୂଆଦିଲ୍ଲୀ ୨୧।୧୨:** ଦିଲ୍ଲୀ ଇନ୍ଦିରାଗାନ୍ଧି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଘନ କୁହୁଡ଼ି ଓ ଦୃଶ୍ୟତା ହ୍ରାସ ଯୋଗୁ ବିମାନ ଯାତାୟାତ ରବିବାର ଗୁରୁତର ପ୍ରଭାବିତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ, ଏ ପର୍ଯ୍ୟନ୍ତ ପାଖାପାଖି ୧୧୦ ଉଡାଣ ବାତିଲ ହେଲାଣି। ସେହିପରି ୩୭୦ରୁ ଅଧିକ ବିମାନ ବିଳମ୍ବିତ ହେଉଛି। ଯାତ୍ରୀଙ୍କୁ ଦୀର୍ଘ ଅପେକ୍ଷା କରିବାକୁ ପଡୁଥିବା ବେଳେ ଏୟାରପୋର୍ଟରେ ଜନଗହଳି ବଢ଼ିବାରେ ଲାଗିଛି। ଏୟାରପୋର୍ଟ ଅଧିକାରୀଙ୍କ ଅନୁସାରେ ରଦ୍ଦ ହୋଇଥିବା ୧୧୦ ଉଡାଣ ମଧ୍ୟରୁ ୫୯ଟି ଆସିବାକୁ ଥିବା ଓ ୫୧ଟି ଯିବାକୁ ଥିବା ଫ୍ଲାଇଟ୍ ଅଛନ୍ତି। ସେହିପରି ୩୭୦ରୁ ଅଧିକ ବିମାନ ଉଡାଣ ଓ ଅବତରଣରେ ୨୬ ମିନିଟ୍ ବିଳମ୍ବ ରେକର୍ଡ କରାଯାଇଛି। ଘନ କୁହୁଡ଼ି ଓ କମ ଦୃଶ୍ୟତା ଯୋଗୁ ଏପରି ପରିସ୍ଥିତି ଉପୁଜିଛି।

### ହିଜାବ ବିବାଦକୁ ନେଇ କେଁ

# ଚାକିରିରେ ଯୋଗଦେଲେନି ଡା. ନୁସରତ ପରୱିନ

**ପାଟନା ୨୧।୧୨:** ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦ୍ୱାରା ମୁସଲିମ ମହିଳା ଡାକ୍ତରଙ୍କ ହିଜାବ ହଟାଇବା ଘଟଣା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥି ମଧ୍ୟରେ ମହିଳା ଡାକ୍ତର ନୁସରତ ପରୱିନ ଚାକିରିରେ ଯୋଗଦାନର ଶେଷ ଦିନ ମଧ ତାଙ୍କ କାର୍ଯ୍ୟସ୍ଥଳରେ ଯୋଗଦେଇ ନାହାନ୍ତି। ଏଣୁ ରାଜ୍ୟ ସ୍ୱାସ୍ଥ୍ୟ ସମିତି ବଡ଼ ନିଷ୍ପତ୍ତି ନେଇଛି। ସମିତି ଚାକିରିରେ ଯୋଗଦାନ ତାରିଖ ସମ୍ପ୍ରସାରଣ କରିଛି। ଏବେ ଚାକିରିରେ ଚୂଡ଼ାନ୍ତ ଯୋଗଦାନ ତାରିଖ ୩୧ ଡିସେମ୍ବର ୨୦୨୫ କରି ଦିଆଯାଇଛି। ୧୯ ଡିସେମ୍ବରରେ ସୂଚନା ମିଳିଥିଲା ଯେ, ୨୦ ଡିସେମ୍ବର ନୁସରତ ତାଙ୍କୁ ଆବଣ୍ଟିତ ହସ୍ପିଟାଲ ପାଟନା ସଦରର ସବଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଦେବେ। ହେଲେ ସନ୍ଧ୍ୟା ୬ଟା ବାଜିବା ପରେ ମଧ୍ୟ ସେ ତାଙ୍କ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ନୁସରତ ଚାକିରିରେ ଯୋଗଦେବେ ବୋଲି ସାରା ଦିନ ସିଭିଲ ସର୍ଜନ ଡା. ଅବିନାଶ କୁମାର ତାଙ୍କ କାର୍ଯ୍ୟାଳୟରେ ବସି ରହିଥିଲେ। ହେଲେ ନୁସରତ ଆସିଲେନି। ନୁସରତ ପରୱିନ ଆୟୁଷ ଚିକିତ୍ସକ ଭାବେ ନିଯୁକ୍ତିପତ୍ର ନେଇଥିଲେ ଓ ଶନିବାର ତାଙ୍କୁ ଶବଲପୁର ପିଏଚସିରେ ଯୋଗ ଦେବାର ଥିଲା। ତେବେ ମହିଳା ଡାକ୍ତର ଚାକିରିରେ ଯୋଗ ଦେବେ କି ନା ସେ ନେଇ ସ୍ୱାସ୍ଥ୍ୟ ବିଭାଗକୁ କୌଣସି ସୂଚନା ଦେଇନାହାନ୍ତି।



ଆଜି କାହିଁକି ଆସିଲେନି ତା'ର ସୂଚନା ମଧ୍ୟ ନାହିଁ। ଏହି ହସ୍ପିଟାଲରେ ଯେଉଁ ଡାକ୍ତରମାନେ ଯୋଗଦାନ କରିବାର ଥିଲା, ତା'ର ସୂଚୀ ଆସିଯାଇଛି। ଏଥିରେ ଡା. ନୁସରତ ପରୱିନଙ୍କ ନାମ ମଧ୍ୟ ରହିଛି। ଅନ୍ୟ ଡାକ୍ତରମାନେ ସେମାନଙ୍କ ଚାକିରିରେ ଯୋଗ ଦେଇଥିବା ବେଳେ ଡା. ନୁସରତ ଯୋଗ ଦେଇନାହାନ୍ତି। ଶନିବାର ଆୟୁଷ ଚିକିତ୍ସକଙ୍କ ଚାକିରିରେ ଯୋଗଦାନର ଶେଷ ଦିନ ଥିଲା। ସେହି ଅନୁସାରେ ୫ ଜଣ ଡାକ୍ତର ସିଭିଲ ସର୍ଜନଙ୍କ ଦପ୍ତରକୁ ଯାଇ ଚିଠି ଆଣିଥିବା ବେଳେ ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ହେଲେ ଡା. ନୁସରତ ପରୱିନ ନା ସିଭିଲ ସର୍ଜନଙ୍କ ହସ୍ପିଟାଲକୁ ଯାଇଛନ୍ତି ନା ସବଲପୁର ପିଏଚସିକୁ ଆସିଛନ୍ତି। ଏପର୍ଯ୍ୟନ୍ତ ସେ ଚାକିରିରେ ଯୋଗ ଦେଇନାହାନ୍ତି।


## ଆଇଏସ୍ ଶିବିରରେ ଏୟାର ଷ୍ଟ୍ରାଇକ

### ଆମେରିକା-ଜୋର୍ଡାନର ମିଳିତ ଆକ୍ରମଣ

**ଦାମାକସ୍,୨୧।୧୨:** ସିରିଆରେ ଇସଲାମିକ୍ ଷ୍ଟେଟ୍ (ଆଇଏସ୍) ବିରୋଧରେ ଚାଲିଥିବା ଯୁଦ୍ଧରେ, ମୁସଲିମ୍ ଦେଶ ଜୋର୍ଡାନ ଏକ ବହୁତ ବଡ଼ ଏବଂ ସାହସିକ ପଦକ୍ଷେପ ନେଇଛି। ଜୋର୍ଡାନ ବାୟୁସେନା ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି ଯେ, ଏହାର ଲଢୁଆ ବିମାନଗୁଡ଼ିକ, ଆମେରିକୀୟ ସେନା ସହିତ ମିଶି ଆତଙ୍କବାଦୀ ଶିବିର ଉପରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ଏହି ସାମରିକ ଅଭିଯାନକୁ ଚଳିତ ମାସ ଆରମ୍ଭରେ ତିନି ଜଣ ଆମେରିକୀୟ ନାଗରିକଙ୍କ ହତ୍ୟାର ଏକ ଉପଯୁକ୍ତ ପ୍ରତିଶୋଧ ବୋଲି ବିବେଚନା କରାଯାଉଛି। ଉଭୟ ଦେଶର ଏହି ମିଳିତ ଅଭିଯାନର ଲକ୍ଷ୍ୟ ହେଉଛି ଦକ୍ଷିଣ ସିରିଆରେ ପୁନର୍ବାର ଦେଖାଯାଉଥିବା ଆତଙ୍କବାଦର ମେରୁଦଣ୍ଡ ଭାଙ୍ଗିବା ଏବଂ ସମଗ୍ର ଅଞ୍ଚଳକୁ ସୁରକ୍ଷିତ କରିବା। ସିରିଆରେ ଜଣେ ବନ୍ଧୁକଧାରୀଙ୍କ ଦ୍ୱାରା ସମ୍ପ୍ରତି ହୋଇଥିବା ଆକ୍ରମଣରେ ଦୁଇ ଜଣ ଆମେରିକୀୟ ସୈନିକ ଏବଂ ଜଣେ ଅନୁବାଦକଙ୍କ ମୃତ୍ୟୁ ହୋଇଥିଲା। ଯାହା ପରେ ଟ୍ରମ୍ପ୍ କଠୋର ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

### ଆରଏସ୍ଏସ୍ର ୧୦୦ତମ ବ୍ୟାଖ୍ୟାନ ଶୃଙ୍ଖଳା

# 'ସଂଘକୁ ବିଜେପି ଚଷମାରେ ଦେଖନାହିଁ'



**କୋଲକାତା,୨୧।୧୨:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ, ସଂଘର ତୁଳନା କିମ୍ବା ଭୁଲ ବ୍ୟାଖ୍ୟା କରିବା ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। କୋଲକାତାରେ ଆରଏସଏସର ୧୦୦ତମ ବ୍ୟାଖ୍ୟାନ ଶୃଙ୍ଖଳାରେ ଭାଷଣ ଦେଇ ସେ ସ୍ପଷ୍ଟ କରିଛନ୍ତି ଯେ, ସଂଘ ଏକ ସାଧାରଣ ସେବା ସଂଗଠନ ନୁହେଁ କିମ୍ବା ଏହାକୁ ବିଜେପିର ଦୃଷ୍ଟିକୋଣରୁ ଦେଖିବା ଉଚିତ୍ ନୁହେଁ। ଆରଏସଏସର ପ୍ରତିଷ୍ଠାର ଉତ୍ତର ଗୋଟିଏ ବାକ୍ୟରେ ଦିଆଯାଇପାରିବ, ତାହା ହେଉଛି ଭାରତ ମାତା କି ଜୟ। ଏଠାରେ, ଭାରତ କେବଳ ଏକ ଦେଶ ନୁହେଁ, ବରଂ ଏକ ଅନନ୍ୟ ନୀତି ଏବଂ ପରମ୍ପରା। ଆମର ଲକ୍ଷ୍ୟ ହେଉଛି ସେହି ପରମ୍ପରାକୁ ବଜାୟ ରଖିବା ଏବଂ ଭାରତକୁ ପୁଣି ଥରେ ବିଶ୍ୱ ଗୁରୁ କରିବା ପାଇଁ ସମାଜକୁ ପ୍ରସ୍ତୁତ କରିବା। ସେ ଜୋର ଦେଇ କହିଛନ୍ତି ଯେ, ଆରଏସଏସ କୌଣସି ରାଜନୈତିକ ଉଦ୍ଦେଶ୍ୟ, ପ୍ରତିଯୋଗିତା କିମ୍ବା ବିରୋଧରୁ ଜନ୍ମ ନେଇନାହିଁ। ଆରଏସଏସ ହିନ୍ଦୁ ସମାଜର ସଂଗଠନ, ଉନ୍ନତି ଏବଂ ସୁରକ୍ଷା ପାଇଁ ସମର୍ପିତ। ମୋହନ ଭାଗବତ ଡିସେମ୍ବର ୧୮ ତାରିଖରେ ତାଙ୍କର ଚାରିଦିନିଆ ପଶ୍ଚିମବଙ୍ଗ ଗସ୍ତ ଆରମ୍ଭ କରିଥିଲେ। ରାଜନୈତିକ ବିଶ୍ଳେଷକମାନଙ୍କ ଅନୁସାରେ ଭାଗବତଙ୍କ ପଶ୍ଚିମବଙ୍ଗ ଗସ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟରେ ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ହେବ। ଭାଗବତ କହିଛନ୍ତି ଯେ, ସୁଭାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁ ପରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ଶେଷ ହୋଇଥିଲା। ତଥାପି, ରାଜା ରାମମୋହନ ରାୟଙ୍କ ସମୟରୁ ଆରମ୍ଭ ହୋଇଥିବା ସାମାଜିକ ସଂସ୍କାର ପ୍ରକ୍ରିୟା ଏକ ନିରନ୍ତର ଲହରୀ ଥିଲା। ଭାଗବତ ଏହାକୁ ସମୁଦ୍ରର ଏକ ଦ୍ୱୀପ ସହିତ ତୁଳନା କରି ଏହା ଗତିଶୀଳ ରହିଥିବା କହିଛନ୍ତି। ମୋହନ ଭାଗବତ ସଂଘର ଗୁରୁତ୍ୱ ଏବଂ ଦେଶର ଶକ୍ତି ଏବଂ ବିଶ୍ୱ ଭୂମିକା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ଭାରତର ଏକ ମହାନ ଐତିହ୍ୟ ଅଛି ଏବଂ ବିଶ୍ୱର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଅତୀତରେ, ଆମେ ବ୍ରିଟିଶମାନଙ୍କ ବିରୋଧରେ ଯୁଦ୍ଧ ହାରିଥିଲୁ, କିନ୍ତୁ ଏବେ ଆମକୁ ଆମ ସମାଜକୁ ସୁଦୃଢ଼ କରିବାକୁ ପଡିବ ବୋଲି ସେ ଆହ୍ୱାନ ଦେଇଥିଲେ।

# ମହାରାଷ୍ଟ୍ର ପୌର ନିର୍ବାଚନରେ ମହାଯୁତିର ଆଧିପତ୍ୟ

**ମୁମ୍ବାଇ,୨୧।୧୨ :** ମହାରାଷ୍ଟ୍ର ପୌର ପରିଷଦ ଏବଂ ନଗର ପଞ୍ଚାୟତ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ମେଣ୍ଟ ମୋଟ ୨୮୮ ଆସନରୁ ୨୧୭ଟି ଜିତିଛି। ସେପଟେ ବିରୋଧୀ ମହା ବିକାଶ ଆଗାଡିର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। କଂଗ୍ରେସ ସର୍ବାଧିକ ୩୬ଟି ଆସନ ପାଇଥିଲା, ଯେତେବେଳେ ଉଦ୍ଧବ ଠାକରେ ଗୋଷ୍ଠୀ ଆଠଟି ଆସନ ଏବଂ



ଶରଦ ପାୱାର ଗୋଷ୍ଠୀ ସାତଟି ଆସନ ପାଇଛି। ଏହି ଫଳାଫଳ ପାଇଁ କଂଗ୍ରେସ ନିର୍ବାଚନ କମିସନଙ୍କୁ ଦାୟୀ କରିଛି।

ମହାରାଷ୍ଟ୍ରର ପାଞ୍ଚଟି ପ୍ରମୁଖ ଡିଭିଜନରେ ପୌର ପରିଷଦ ଏବଂ ନଗର ପରିଷଦ ନିର୍ବାଚନର ସଦ୍ୟତମ ଫଳାଫଳ ପ୍ରକାଶ ପାଇଛି। ଭାରତୀୟ ଜନତା ପାର୍ଟି ମେୟର ଏବଂ କାଉନସିଲର ବର୍ଗରେ ନିଜର ନେତୃତ୍ୱ ବଜାୟ ରଖି ରାଜ୍ୟର ସବୁଠାରୁ ବଡ଼ ଦଳ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ମୋଟ ୨୮୮ଟି ପୌର ପରିଷଦ/ନଗର ପଞ୍ଚାୟତ ମଧ୍ୟରୁ ବିଜେପି ୧୨୯ଟି ମେୟର ପଦବୀ ପାଇଛି। ଏହି ସମୟରେ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନା ୫୧ଟି ଆସନ ଜିତିଥିଛି। ଅଜିତ ପାୱାର ଗୋଷ୍ଠୀର ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ୩୭ଟି ଆସନ ପାଇଛି। ବିରୋଧୀଙ୍କ କଥା କହିବାକୁ ଗଲେ, କଂଗ୍ରେସକୁ ୩୬ଟି, ଶରଦ ପାୱାର ଗୋଷ୍ଠୀ (ଏନସିପି) ୭ଟି ଏବଂ ଉଦ୍ଧବ ଠାକରେ ଗୋଷ୍ଠୀ (ଶିବସେନା) କେବଳ ୮ଟି ମେୟର ପଦବୀରେ ସନ୍ତୁଷ୍ଟ ହେବାକୁ ପଡିଛି।

### ବାଂଲାଦେଶରେ ଉଗ୍ର ହେଉଛି ଭାରତ ବିରୋଧୀ ହିଂସା

# ୭ ବର୍ଷର ଝିଅକୁ ଜୀଅନ୍ତା ଜାଳିଦେଲେ



**ଢାକା,୨୧।୧୨:** ଛାତ୍ର ନେତା ସରିଫ ଓସମାନ ହାଦିଙ୍କ ମୃତ୍ୟୁ ପରେ ବାଂଲାଦେଶରେ ଘଟିଥିବା ବ୍ୟାପକ ହିଂସା ସମୟରେ ଜଣେ ନିର୍ଦ୍ଦୋଷ ୭ ବର୍ଷର ଝିଅକୁ ଜୀବନ୍ତ ଜାଳି ଦିଆଯିବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଶନିବାର ଲକ୍ଷ୍ମୀପୁର ସଦର ଉପଜିଲାରେ ଥିବା ଜଣେ ବିଏନପି ନେତାଙ୍କ ଘରେ ବାହାରୁ ତାଲା ପକାଇ ନିଆଁ ଲଗାଇ ଦିଆଯାଇଥିଲା, ଯେଉଁଥିରେ ଜଣେ ଝିଅର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଥିଲେ।

ଡିସେମ୍ବର ୧୨ରେ ଢାକାର ବିଜୟନଗର ଅଞ୍ଚଳରେ ଏକ ନିର୍ବାଚନ ପ୍ରଚାର ସମୟରେ ମୁଖାପିନ୍ଧା ବନ୍ଧୁକଧାରୀମାନେ ହାଦିଙ୍କ ମୁଣ୍ଡରେ ଗୁଳି ଚଳାଇଥିଲେ ଏବଂ ଗୁରୁବାର ସିଙ୍ଗାପୁରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ୩୨ ବର୍ଷୀୟ ହାଦିଙ୍କୁ ଶନିବାର ଢାକା ବିଶ୍ୱବିଦ୍ୟାଳୟ ମସଜିଦ ନିକଟରେ ଜାତୀୟ କବି କାଜି ନଜରୁଲ ଇସଲାମଙ୍କ ସମାଧି ନିକଟରେ କଡ଼ା ସୁରକ୍ଷା ମଧ୍ୟରେ କବର ଦିଆଯାଇଥିଲା।

ତାଙ୍କ ମୃତ୍ୟୁ ପରେ ବାଂଲାଦେଶରେ ଆକ୍ରମଣ ଏବଂ ଭଙ୍ଗାରୁଜା ହୋଇଥିଲା, ଯେଉଁଥିରେ ଗୁରୁବାର ଚାଟୋଗ୍ରାମରେ ସହାୟକ ଭାରତୀୟ ହାଇକମିଶନରଙ୍କ ବାସଭବନ ଉପରେ ପଥରମାଡ଼ ମଧ୍ୟ ସାମିଲ ଥିଲା। ଶବଦାହ ପରେ ତୁରନ୍ତ, ହାଦିଙ୍କ ଦଳ, ଇନକିଲାବ ମଞ୍ଚ, ତାଙ୍କ ହତ୍ୟା ପାଇଁ ଦାୟୀ ଲୋକଙ୍କୁ ଗିରଫ କରିବା ପାଇଁ ଦାବି କରି ଅନ୍ତରୀଣ ସରକାରଙ୍କୁ ୨୪ ଘଣ୍ଟାର ଅଲଟିମେଟମ ଜାରି କରିଥିଲା।ଇନକିଲାବ ମଞ୍ଚ ହାଦିଙ୍କ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ସରକାରଙ୍କୁ ୨୪ ଘଣ୍ଟାର ଅଲଟିମେଟମ ଦେଇଥିଲା। ଶନିବାର ଅପରାହ୍ନରେ ଢାକାର ଶାହବାଗ ସ୍କୋୟାରରେ ହଜାର ହଜାର ଲୋକ ଏକତ୍ରିତ ହେବା ପରେ ଏହି ଅଲଟିମେଟମ ଆସିଥିଲା। ଇନକିଲାବ ମଞ୍ଚର ମୁଖପାତ୍ର ଏବଂ ଜୁଲାଇ ପିପୁଲ୍ସ ମୁଭମେଣ୍ଟର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ଶରିଫ ଓସମାନ ହାଦି ଶବଦାହ ପ୍ରାର୍ଥନା ପରେ ଏହି ଚେତାବନୀ ଦେଇଥିଲେ।

ଜୁଲାଇ ୨୦୨୪ ବିଦ୍ରୋହର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ସରିଫ ଓସମାନ ହାଦି ଥିଲେ। ଭାରତର ଜଣେ କଠୋର ସମାଲୋଚକ ହାଦି ମଧ୍ୟ ଇନକିଲାବ ମଞ୍ଚର ମୁଖପାତ୍ର ଥିଲେ। ୩୨ ବର୍ଷୀୟ ହାଦି ଘୋଷଣା କରିଥିଲେ ଯେ, ସେ ଢାକା-୮ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ୧୩ତମ ସଂସଦୀୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ହାଦିଙ୍କ ପରିବାର ବାଂଲାଦେଶରେ କ୍ଷମତା ପରିବର୍ତ୍ତନ ପାଇଁ ଆନ୍ଦୋଳନ ଆରମ୍ଭ କରିଥିବା ସ୍ଥାନ ଶାହବାଗରେ ଏକ ସ୍ମାରକୀ ନିର୍ମାଣ କରିବାକୁ ଦାବି କରିଥିଲେ। ୟୁନୁସଙ୍କ ସରକାର ତାଙ୍କ ମୃତ୍ୟୁ ପାଇଁ ଏକ ରାଷ୍ଟ୍ରାୟତ୍ତ ଶୋକ ଦିବସ ଘୋଷଣା କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସମଗ୍ର ଢାକାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବାଂଲାଦେଶରେ ହିଂସା ପରେ, ନୂଆଦିଲ୍ଲୀରେ ଥିବା ବାଂଲାଦେଶ ହାଇକମିଶନର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦିଲ୍ଲୀ ପୁଲିସ ହାଇକମିଶନର ପରିସରରେ ଏବଂ ଏହାର ଆଖପାଖରେ ଅତିରିକ୍ତ ଫୋର୍ସ ମୁତୟନ କରିଛି।

## ଭାରତ ସୀମାରେ ଉଡ଼ାଉଛି ତୁର୍କୀ ଡ୍ରୋନ

ହିଂସାରେ ବୁଡ଼ି ରହିଥିବା ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ଦ୍ରୁତ ଗତିରେ ପ୍ରସାରିତ ହେଉଛି। ଭାରତ ବିରୋଧୀ ଭାବନାର ଏକ ଲହରୀ ସୃଷ୍ଟି ହେଉଛି। ଇନକିଲାବ ମଞ୍ଚର ସଂଯୋଜକ ସରିଫ ଓସମାନ ହାଦିଙ୍କ ମୃତ୍ୟୁ ପରେ, ବାଂଲାଦେଶ ଜଳୁଛି। କିଛି ବାଂଲାଦେଶୀ ମୌଳବାଦୀ ଏହି ସୁଯୋଗରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ତୀବ୍ର କରିଛନ୍ତି। ସେମାନେ ଭାରତ ବିରୁଦ୍ଧରେ ଘୃଣାର ବିଷ ବିସ୍ତାର କରୁଛନ୍ତି। ଭାରତର ଉତ୍ତର-ପୂର୍ବ ରାଜ୍ୟମାନଙ୍କୁ କବଜା କରିବାଠାରୁ ଆରମ୍ଭ କରି ଭାରତୀୟ ହାଇକମିସନ ଉପରେ ଆକ୍ରମଣ ଧମକ ଦେଇଛନ୍ତି। ବାଂଲାଦେଶୀ ମୌଳବାଦୀ ନେତାମାନେ ଭାରତୀୟ ହାଇକମିସନ ଉପରେ ଆକ୍ରମଣ କରିବାକୁ ଧମକ ଦେଉଛନ୍ତି। ଏଥର, ଭାରତର କଡ଼ା ବିରୋଧ ମଧ୍ୟରେ ବାଂଲାଦେଶର ୟୁନୁସ୍ ସରକାର ଆଉ ଏକ ଦୁଃସାହସ କରିଛନ୍ତି। ୟୁନୁସ୍ ସରକାର ଭାରତୀୟ ସୀମାରେ ତୁର୍କୀରୁ କିଣାଯାଇଥିବା 'ବେରାକ-ତାର-ଟିବି-୨' ଡ୍ରୋନ୍ ମୁତୟନ କରିଛନ୍ତି। ୟୁନୁସ୍ ସରକାର ଗତବର୍ଷ ତୁର୍କୀରୁ ଏହି ଡ୍ରୋନଗୁଡ଼ିକୁ କିଣିଥିଲା। ପାକିସ୍ତାନର ମଧ୍ୟସ୍ଥତାରେ ଢାକା ଏହି ଡ୍ରୋନଗୁଡ଼ିକୁ ପାଇଥିଲା। ହସିନା ସରକାରର ପତନ ପରେ, ଯେତେବେଳେ ୟୁନୁସ୍ ସରକାର କ୍ଷମତାକୁ ଆସିଲା, ପାକିସ୍ତାନ ସହିତ ଏହାର ବନ୍ଧୁତା ବୃଦ୍ଧି ପାଇଲା ଏବଂ ପାକିସ୍ତାନ ସହାୟତାରେ ବାଂଲାଦେଶ ଏସବୁ ଡ୍ରୋନ ତୁର୍କୀରୁ ଖରିଦ କରିଛି। ଏସବୁ ଡ୍ରୋନକୁ ବାଂଲାଦେଶ ଭାରତୀୟ ସୀମାରେ ଉଡ଼ାଉଥିବା ଦେଖାଯାଇଛି । ପୂର୍ବରୁ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ସଂଲଗ୍ନ ସୀମାବର୍ତ୍ତୀ ଅଞ୍ଚଳରେ ବାଂଲାଦେଶୀ ଡ୍ରୋନ ଦେଖାଯାଇଛି ଏବଂ ବିଏସଏଫ ମଧ୍ୟ ବିଜିବିକୁ ଏ ବିଷୟରେ ସତର୍କ କରିଥିଲା।

### ୩ କୋଟି ବୀମା ଟଙ୍କା ପାଇଁ ଷଡ଼ଯନ୍ତ୍ର

# ବାପର ଜୀବନ ନେଲେ ୨ ପୁଅ

**ଚେନ୍ନାଇ,୨୧।୧୨:** ବୀମା ଟଙ୍କା ପାଇଁ ଷଡ଼ଯନ୍ତ୍ର। ବାପକୁ ଶେଷ କରିଦେଲେ ଦୁଇ ପୁଅ। ୩ କୋଟି ଟଙ୍କା ହାତେଇବା ପାଇଁ ପ୍ଲାନ୍ ଥିଲା। ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେବା ପାଇଁ ସାପକୁ ନେଇ ବାପ ପାଖରେ ଛାଡ଼ିଥିଲେ। ଏମିତିକି ସାପ ଚୋଟ ମାରିବା ପରେ ସାପକୁ ମାରିଦେଇଥିଲେ ଦୁଇ ପୁଅ। କିନ୍ତୁ ପୁଅଙ୍କ ହାବଭାବକୁ ନେଇ ସନ୍ଦେହ କରିଥିଲା ପୁଲିସ। ଆଉ ଶେଷରେ ଘଟଣାର ପର୍ଦ୍ଦାଫାସ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ।

ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାରୁ ଏଭଳି ଏକ ଅପରାଧିକ ମାମଲା ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡିଛି ଯେ, ମୃତକଙ୍କ ପୁଅମାନେ ହିଁ ପ୍ରାୟ ୩ କୋଟି ବୀମା ଟଙ୍କା ହଡ଼ପ କରିବା ପାଇଁ ଏହି ଭୟଙ୍କର ଷଡ଼ଯନ୍ତ୍ର ରଚିଥିଲେ। ଏକ ସରକାରୀ ସ୍କୁଲରେ ଲ୍ୟାବ ସହାୟକ ଭାବେ ୫୬ ବର୍ଷୀୟ ଗଣେଶନ କାମ କରୁଥିଲେ। ତେବେ ଅକ୍ଟୋବର ୨୨ ତାରିଖରେ ତାଙ୍କୁ ଘରେ ଏକ ସାପ କାମୁଡ଼ିଥିଲା। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ସତ କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରେ ଏହାକୁ ସାଧାରଣ ସାପ କାମୁଡ଼ାଜନିତ ମୃତ୍ୟୁ ବୋଲି କୁହାଯାଇଥିଲା, ଯାହାକୁ ନେଇ ପୁଲିସ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ତଦନ୍ତ ସମୟରେ ବାହାରିଲା ଅନେକ ତଥ୍ୟ, ଯାହାକୁ ନେଇ ପୁଲିସ ଗଣେଶନଙ୍କ ଦୁଇ ପୁଅଙ୍କୁ ସନ୍ଦେହ ଘେରକୁ ଆଣିଥିଲା। ହସ୍ପିଟାଲରେ ଗଣେଶନଙ୍କ ମୃତ୍ୟୁ ଘୋଷଣା ହେବାର ୧୫-୨୦ ମିନିଟ୍ ପରେ, ମୃତକଙ୍କ ପୁଅମାନେ ବୀମା କମ୍ପାନୀ ସହିତ ଯୋଗାଯୋଗ କରିଥିଲେ। ଏନେଇ ପୁଲିସ ଅଧିକ ସନ୍ଦେହ କରିବାକୁ ଲାଗିଲା। ଏହା ପରେ, ଡିଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ ପରେ ଗଣେଶନଙ୍କ ନାମରେ ବିଭିନ୍ନ ବୀମା କମ୍ପାନୀରୁ ୧୧ଟି ପଲିସି ଥିଲା। ଯେଉଁଥିରୁ ଚାରିଟି ବୀମା ପଲିସିରେ ମୋଟ ବୀମା ରାଶି ପ୍ରାୟ ୩ କୋଟି ଥିଲା। ଏସଆଇଟି ଡକ୍ୟୁମେଣ୍ଟ, କଲ୍ ଡିଟେଲ୍ସ ଏବଂ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରିବା ପରେ ପୁଅମାନଙ୍କ ହତ୍ୟା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଥିଲା ପୁଲିସ।

## ଅଣ୍ଡର-୧୯ ଏସିଆ କପ ଫାଇନାଲ୍

# ଚାମ୍ପିଅନ ଆଶା ଚୂରମାର

- ବୋଲିଂ ପରେ ବ୍ୟାଟିଂରେ ବି ଫେଲ୍
- ପାକିସ୍ତାନଠାରୁ ଶୋଚନୀୟ ପରାଜୟ




**ଦୁବାଇ,୨୧।୧୨:** ପାକିସ୍ତାନ ବିରୁଦ୍ଧରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ। ପାକ୍‌ର ପାୱାରଫୁଲ୍ ବ୍ୟାଟିଂ ଓ ଘାତକ ବୋଲିଂ ଫଳରେ ଭାରତୀୟ ଟିମର ଶୋଚନୀୟ ପରାଜୟ ହୋଇଛି। ରବିବାର ଦୁବାଇର ଆଇସିସି ଆକାଡେମୀ ଗ୍ରାଉଣ୍ଡରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅଣ୍ଡର-୧୯ ଏସିଆ କପ ଫାଇନାଲ୍ ମ୍ୟାଚ୍ ଖେଳାଯାଇଛି। ପାକିସ୍ତାନ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୩୪୭ ରନର ବିଶାଳ ସ୍କୋର କରିଥିଲା। ଭାରତ ଏହି ଟାର୍ଗେଟ୍‌କୁ ପିଛା କରି ମାତ୍ର ୨୬.୨ ଓଭରରେ ଅଲଆଉଟ ହେବା ସହିତ ୧୫୬ ରନ୍ ହିଁ କରିପାରିଛି। ଟିମ ଇଣ୍ଡିଆ ଚାମ୍ପିଅନ ହେବାର ଆଶା ଚୁରମାର ହୋଇଯାଇଛି।

ନା ବୋଲିଂ ନା ବ୍ୟାଟିଂ କେଉଁଥିରେ ବି ଭଲ ପ୍ରଦର୍ଶନ କରିପାରି ନଥିଲା ଅଣ୍ଡର-୧୯ ଟିମ୍ ଇଣ୍ଡିଆ। ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ମହାତ୍ରେ, ଆରୋନ ଜର୍ଜ ଓ ଅଭିଜ୍ଞାନ କୁଣ୍ଡୁଙ୍କ ଭଳି ଷ୍ଟାର୍ ବ୍ୟାଟରମାନେ ଏକଦମ ଖରାପ ପ୍ରଦର୍ଶନ କରିଥିଲେ।

୩୪୮ ରନ୍ ଟାର୍ଗେଟକୁ ପିଛା କରି ପଡ଼ିଆକୁ ଓହ୍ଲାଇଥିବା ଭାରତ ଆରମ୍ଭରୁ ଟି-୨୦ ଫର୍ମାଟ୍ ଭଳି ବ୍ୟାଟିଂ କରିଥିଲା। ବୈଭବ ସୂର୍ଯ୍ୟବଂଶୀ ୧୦ ବଲରେ ଧୂଆଁଧାର ବ୍ୟାଟିଂ କରି ୨୬ ରନ୍ କରିଥିଲେ। ହେଲେ ଆୟୂଷ ମାତ୍ରେ ୭ଟି ବଲ୍ ଖେଳିବା ପରେ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ଭାରତ ୨.୨ ଓଭରରେ ୨ ୱିକେଟ୍ ହରାଇ ୩୨ ରନ୍ କରିପାରିଥିଲା। ଦୁଇ ବ୍ୟାଟରଙ୍କ ୱିକେଟ୍ ଯିବା ପରେ ୱିକେଟ୍ ଧାଡ଼ି ଲାଗିଯାଇଥିଲା। ପ୍ରଥମ ୫ ଓଭରରେ ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ମହାତ୍ରେ ଏବଂ ଆରନ୍ ଜର୍ଜ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ। ଏହାପରେ ଭାରତୀୟ ଦଳ ଉପରେ ଚାପ ସୃଷ୍ଟି ହୋଇଥିଲା। ଏହାପରେ ଆଉ ୫ ଓଭର ମଧ୍ୟରେ ବିହାନ ମଲହୋତ୍ରା ଓ ବେଦାନ୍ତ ତ୍ରିବେଦୀଙ୍କ ୱିକେଟ୍ ଚାଲିଯାଇଥିଲା। ଫଳରେ ୧୦ ଓଭର ସୁଦ୍ଧା ଭାରତ ୬୮ ରନ୍ କରି ୫ ବହୁମୂଲ୍ୟ ୱିକେଟ୍ ହରାଇ ସାରିଥିଲା। ୨୬.୨ ଓଭରରେ ଦୀପେଶ ଦେବେନ୍ଦ୍ରନ ଆଉଟ୍ ହେବା ପରେ ଭାରତ ୧୫୬ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା।

ଅନ୍ୟପଟେ ପାକିସ୍ତାନ ଉଭୟ ବ୍ୟାଟିଂ ଓ ବୋଲିଂରେ ଜବରଦସ୍ତ ପ୍ରଦର୍ଶନ କରିଛି। ଦଳ ପକ୍ଷରୁ ଅଲି ରାଜା ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସାୟମ, ଅବଦୁଲ ସୁଭାନ ଓ ହୁଜେଫା ଆହସାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ତେବେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଆଜି ଭାରତ ବିରୁଦ୍ଧରେ ବିସ୍ଫୋରକ ବ୍ୟାଟିଂ କରି ବିଶାଳ ୩୪୭ ରନ କରିଥିଲା। ଦଳ ପକ୍ଷରୁ ସମୀର ମିନହାସ ଆଜି ରେକର୍ଡ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୧୧୩ ବଲ୍‌ରେ ୧୭୨ ରନ୍‌ର ବଡ଼ ଇନିଂସ ଖେଳିଥିଲେ। ଯାହା ବଳରେ ପାକିସ୍ତାନ ଭାରତକୁ ୩୪୮ ରନ୍‌ର ଟାର୍ଗେଟ୍ ଦେଇପାରିଥିଲା। ସେହିପରି ୫୬ ରନ୍ କରି ଅହମଦ ହୁସେନ ଓ ଉସମାନ ଖାନ୍ ୩୫ ରନ୍ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୪୭ ରନ୍ କରିପାରିଥିଲା। ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ହେନିଲ ପଟେଲ ଓ ଖିଲନ ପଟେଲ ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ।

## ଘାଟିରୁ ଖସିଲା ବସ୍

# ଅଳ୍ପକେ ବର୍ତ୍ତିଲେ ୭୫ ପିଲା

**ମୁମ୍ବାଇ,୨୧।୧୨:** ମହାରାଷ୍ଟ୍ରର ଓ୍ୱର୍ଦ୍ଧା ଜିଲ୍ଲାର ଅଗ୍ନି-ସହିତ ତହସିଲର ଘନ ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ମୋଇ ତାଣ୍ଡା ଏବଂ ଆବାଦ କିନ୍ହି ଗ୍ରାମରୁ ସ୍କୁଲ ପିଲାମାନଙ୍କୁ ନେଇ ଅଗ୍ନି ସହରକୁ ଯାଉଥିବା ଏକ ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ ବସ୍‌ର ବ୍ରେକ୍ ହଠାତ୍ ଫେଲ୍ ହୋଇଯାଇଥିଲା। ଏହି ଘଟଣା ଡିସେମ୍ବର ୨୦, ରବିବାର ସକାଳ ପ୍ରାୟ ୮ଟାରେ ଆବାଦ କିନ୍ହି ଗ୍ରାମ ନିକଟସ୍ଥ ଜାମ୍ ନଦୀ ସେତୁ ପାଖରେ ଥିବା ଘାଟରେ ଘଟିଥିଲା। ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଏବଂ ସତର୍କତା ଯୋଗୁ ଏକ ବଡ଼ ଦୁର୍ଘଟଣା ଏଡାଯାଇ ପାରିଥିଲା। ବସ୍‌ରେ ଥିବା ପ୍ରାୟ ୭୫ ଜଣ ସ୍କୁଲ ପିଲାଙ୍କ ଜୀବନ ବଞ୍ଚିଗଲା। ରିପୋର୍ଟ ଅନୁଯାୟୀ, ମୋଇ ତାଣ୍ଡା ଏବଂ ଆବାଦ କିନ୍ହି ଗାଁର ଛାତ୍ରମାନେ ପ୍ରତିଦିନ ଶିକ୍ଷା ପାଇଁ ଅଗ୍ନି ସହରକୁ ଯାଆନ୍ତି। ଏହି ଅଞ୍ଚଳ ଘନ ଜଙ୍ଗଲରେ ଘେରି ରହିଛି, ଯେଉଁଠାରେ ବାଘ, ଭାଲୁ ଏବଂ ଚିତାବାଘ ଭଳି ବନ୍ୟପ୍ରାଣୀ ଦିନରାତି ଘୂରି ବୁଲନ୍ତି। ୨୦ ତାରିଖ ସକାଳେ, ଲାଲପରୀ ବସ୍ ମୋଇ ତାଣ୍ଡା ଗାଁରେ ପହଞ୍ଚିଲା ଏବଂ ସେଠାରୁ ପ୍ରାୟ ୭୫ ଜଣ ଛାତ୍ରଛାତ୍ରୀଙ୍କୁ ଧରି ଆବାଦ କିନ୍ହି ଗାଁ ଦେଇ ଅଗ୍ନି ଅଭିମୁଖେ ଯାତ୍ରା କରିଥିଲା। ଆବାଦ କିନ୍ହି ଗାଁ ଅତିକ୍ରମ କରିବା ପରେ, ବସ୍ ଟି ଜାମ୍ ନଦୀ ସେତୁ ପାର ହୋଇ ଘାଟି ଚଢ଼ିବା ଆରମ୍ଭ କରିଥିଲା। ଯେତେବେଳେ ଏହାର ବ୍ରେକ୍ ହଠାତ୍ ଫେଲ୍ ହୋଇ ଯାଇଥିଲା। ବ୍ରେକ୍ ଫେଲ୍ ହେବା ମାତ୍ରେ ବସ୍ ପଛକୁ ଖସିବାକୁ ଲାଗିଲା। ଗଭୀର ଘାଟି ଏବଂ ପଛରେ ବଡ଼ ପୋଲ ଥିବାରୁ ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯାଇଥିଲା। ତେବେ ଡ୍ରାଇଭର ଧୈର୍ଯ୍ୟ ଏବଂ ଉପସ୍ଥିତ ବୁଦ୍ଧି ପ୍ରଦର୍ଶନ କରି ବସ୍‌କୁ ନିୟନ୍ତ୍ରଣ କରିଥିଲେ। ଯାହା ଫଳରେ ଏକ ବଡ଼ ଦୁର୍ଘଟଣା ଏଡାଇ ଯାଇଥିଲା। ଘଟଣା ବିଷୟରେ ତୁରନ୍ତ ଡିପୋ ମୁଖ୍ୟଙ୍କୁ ସୂଚନା ଦିଆଯାଇଥିଲା। ବିକଳ୍ପ ଭାବରେ ଅନ୍ୟ ଏକ ବସ୍ ପଠାଯାଇଥିଲା ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୂର୍ବାହ୍ନ ୧୦ଟା ସୁଦ୍ଧା ସୁରକ୍ଷିତ ଭାବରେ ସ୍କୁଲକୁ ପଠାଯାଇଥିଲା।

# ୧.୩୬ କୋଟି ଭୋଟରଙ୍କ ସୂଚନାରେ ଅସଙ୍ଗତି

## ବିଏଲଓମାନେ ପୁଣି ଘରକୁ ଘର ଯାଇ ଡକ୍ୟୁମେଣ୍ଟ ଯାଞ୍ଚ କରିବେ

**କୋଲକାତା,୨୧।୧୨(ସଂଚାର ବ୍ୟୁରୋ):** ଡ୍ରାଫ୍ଟ ଭୋଟର ତାଲିକାରେ ଥିବା ପ୍ରାୟ ୧.୩୬ କୋଟି ଭୋଟରଙ୍କ ସୂଚନାରେ ବିଭିନ୍ନ ବିସଙ୍ଗତି ଦେଖିବାକୁ ମିଳିଛି। ଏହି ଭୋଟରମାନଙ୍କ ମଧ୍ୟରୁ ବହୁ ସଂଖ୍ୟକଙ୍କ ସୂଚନା ଭୁଲ କି ନାହିଁ ତାହା ଯାଞ୍ଚ କରିବା ପାଇଁ ଶନିବାର ଦିନ ବିଏଲଓ ଆପରେ ଏକ ନୂତନ ବୈଶିଷ୍ଟ୍ୟ ପ୍ରଚଳନ କରାଯାଇଛି। କମିଶନ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେହି ୧.୩୬ କୋଟି ଭୋଟରଙ୍କ ଘର ପରିଦର୍ଶନ କରାଯିବା ଉଚିତ, ସୂଚନାରେ ଥିବା ବିସଙ୍ଗତି ପୁନଃ ଯାଞ୍ଚ କରାଯାଇ ଆପ୍‌ରେ ଅପଲୋଡ୍ କରାଯିବା ଉଚିତ। ଅନ୍ୟପଟେ, ସେମାନେ ନିଜେ ସୂଚନା ଯାଞ୍ଚ କରିଛନ୍ତି ବୋଲି ଏକ ବଣ୍ଡ ଦେବା ଉଚିତ। ବିଏଲ୍‌ଓ ସଂଗଠନଗୁଡ଼ିକ ଏହା ଉପରେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ସହିତ, ଏସ୍‌ଆଇଆର୍ ଆତଙ୍କରେ ପୂର୍ବ ବର୍ଦ୍ଧମାନର ଔଷଗ୍ରାମରେ ଜଣେ ବୃଦ୍ଧ ବ୍ୟବସାୟୀ ଆତ୍ମହତ୍ୟା କରିଛନ୍ତି।

କମିଶନଙ୍କ ଅନୁଯାୟୀ, ପ୍ରାରମ୍ଭିକ ଭାବରେ ରାଜ୍ୟରେ ୧ କୋଟି ୬୭ ଲକ୍ଷ ୪୫ ହଜାର ୯୧୧ ଜଣଙ୍କ କ୍ଷେତ୍ରରେ ସନ୍ଦେହଜନକ ସୂଚନା ମିଳିଥିଲା। ଏଥିମଧ୍ୟରୁ ୮୫,୦୧,୪୮୬ ଜଣଙ୍କ ପିତାଙ୍କ ନାମ ମେଳ ଖାଉ ନଥିଲା। ସମାନ ବ୍ୟକ୍ତିଙ୍କ ସହିତ ବଂଶ ମ୍ୟାପିଂ କରିଥିବା ଛଅ କିମ୍ବା ତତୋଧିକ ଭୋଟରଙ୍କ ସଂଖ୍ୟା ହେଉଛି ୨୪,୨୧,୧୩୧। ୧୧,୯୫,୨୩୦ ଜଣଙ୍କ କ୍ଷେତ୍ରରେ ପିତା ଏବଂ ସନ୍ତାନଙ୍କ ମଧ୍ୟରେ ବୟସ ପାର୍ଥକ୍ୟ ୧୫ ବର୍ଷ କିମ୍ବା ତା'ଠାରୁ କମ୍। ୮,୭୭,୭୩୬ ଜଣଙ୍କ କ୍ଷେତ୍ରରେ ପିତା ଏବଂ ସନ୍ତାନଙ୍କ ମଧ୍ୟରେ ବୟସ ପାର୍ଥକ୍ୟ ୫୦ ବର୍ଷ କିମ୍ବା ତା'ଠାରୁ ଅଧିକ। ୧୩,୪୬,୯୧୮ ଜଣଙ୍କ କ୍ଷେତ୍ରରେ ଲିଙ୍ଗ ଖାଉ ନଥିଲା। ୪୫ ବର୍ଷରୁ ଅଧିକ ବୟସ୍କ ହେବା ସତ୍ତ୍ୱେ, ୨୦୦୨ ମସିହା ତାଲିକାରେ ନାମ ନଥିବା ଭୋଟରଙ୍କ ସଂଖ୍ୟା ହେଉଛି ୨୦,୬୪,୨୫୬। ୩,୨୯,୧୫୨ ଜଣଙ୍କ କ୍ଷେତ୍ରରେ, ଜେଜେବାପା କିମ୍ବା ଜେଜେମାଙ୍କ ମଧ୍ୟରେ ବୟସ ପାର୍ଥକ୍ୟ ୪୦ ବର୍ଷ କିମ୍ବା ତା'ଠାରୁ କମ୍। ପରବର୍ତ୍ତୀ ପୁନଃଯାଞ୍ଚ ପରେ, ସଂଖ୍ୟା ୧.୩୬ କୋଟିକୁ ହ୍ରାସ ପାଇଛି। ସମସ୍ତଙ୍କୁ ଶୁଣାଣି ପାଇଁ ଡକାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ଦୁର୍ଘଟଣାରେ ମହିଳା ପରୀକ୍ଷାର୍ଥୀ ମୃତ

**କୋଲକାତା,୨୧।୧୨(ସଂଚାର ବ୍ୟୁରୋ):** ଜଲପାଇଗୁଡ଼ି- ହଳଦୀବାଡ଼ି ରାଜ୍ୟ ରାଜପଥର ସରଦାରପଡ଼ା ଅଞ୍ଚଳରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଦଶଚକିଆ ଟ୍ରକ୍ ଧକ୍କା ଦେବାରୁ ଜଣେ ମହିଳା ପରୀକ୍ଷାର୍ଥୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହା ସହିତ ତାଙ୍କ ସ୍ୱାମୀ ଏବଂ ଚାରିବର୍ଷର ଶିଶୁ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ନାମ ମାଧବୀ ବର୍ମନ ବୋଲି ଜଣାପଡ଼ିଛି। ମାଧବୀ ତାଙ୍କ ସ୍ୱାମୀଙ୍କ ମୋଟର ସାଇକେଲରେ କନଷ୍ଟେବଳ ନିଯୁକ୍ତି ପରୀକ୍ଷା ଦେବା ପାଇଁ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। ତାଙ୍କ ଚାରି ବର୍ଷର ଶିଶୁ ମଧ ତାଙ୍କ ସହିତ ଥିଲା। ସରଦାରପଡ଼ା ଅଞ୍ଚଳରେ ହଠାତ୍ ଏକ ଦ୍ରୁତଗାମୀ ଟ୍ରକ୍ ପଛରୁ ଆସି ମୋଟର ସାଇକେଲକୁ ଧକ୍କା ଦେଇଥିଲା। ମାଧବୀ ଟ୍ରକ୍ ଚକ ତଳେ ପଡ଼ିଯାଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣାରେ ମହିଳାଙ୍କ ସ୍ୱାମୀ ଏବଂ ଶିଶୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇଯାଇଥିଲେ। ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ପ୍ରିୟଙ୍କାଙ୍କୁ ଭେଟିଲେ ଏଆଇସିସି ସଂଯୋଜକ

● ଦଳର ତୃଣମୂଳ ବିକାଶକୁ ନେଇ କଲେ ଆଲୋଚନା



**ନୂଆଦିଲ୍ଲୀ,୨୧।୧୨:** କଂଗ୍ରେସକୁ କିଭଳି ସଶକ୍ତ କରାଯିବ, ସେ ଦିଗରେ ଦଳୀୟ କର୍ମୀମାନେ ଆପ୍ରାଣ ଉଦ୍ୟମ କରୁଛନ୍ତି। ଓଡ଼ିଶାରେ କଂଗ୍ରେସ କିଭଳି ତୃଣମୂଳ ସ୍ତରରୁ ସଶକ୍ତ ହୋଇପାରିବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଗତ ୧୯ ତାରିଖରେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ [illegible] ପ୍ରସାଦ ମିଶ୍ର ଏଆଇସିସି ସାଧାରଣ ସମ୍ପାଦିକା ତଥା ଲୋକସଭା ସାଂସଦ ପ୍ରିୟଙ୍କା ଗାନ୍ଧିଙ୍କୁ ଭେଟିଛନ୍ତି। ୧୦, ଜନପଥଠାରେ ସେ ପ୍ରିୟଙ୍କାଙ୍କ ସହ ସାକ୍ଷାତ କରି ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ପ୍ରିୟଙ୍କା ଆଗାମୀ ବର୍ଷ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ଓ ଓଡ଼ିଶାରେ କଂଗ୍ରେସର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। କେଭଳି ଓଡ଼ିଶାରେ କଂଗ୍ରେସ ତା'ର ଉତ୍ତମ ପ୍ରୟାସ ଜାରି ରଖିଛି, ଜନସାଧାରଣଙ୍କ ହକ ପାଇଁ କଂଗ୍ରେସ ପ୍ରତିବାଦ କରିବା ସହ ନ୍ୟାୟ ପାଇଁ ଲଢୁଛି, ସେନେଇ ଶ୍ରୀ ମିଶ୍ର ପ୍ରିୟଙ୍କାଙ୍କୁ ଅବଗତ କରାଇଥିଲେ। ସେହିପରି ଓଡ଼ିଶାରେ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତୃଣମୂଳ ସ୍ତରରେ ସୁଦୃଢ଼ ହେବା ସହ ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହୋଇପାରିବ ବୋଲି ଶ୍ରୀ ମିଶ୍ର ପ୍ରିୟଙ୍କାଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୧୯ ସାଧାରଣ ନିର୍ବାଚନରେ ଶ୍ରୀ ମିଶ୍ର ପୁରୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିଲେ।

# ରାହାମା ରେଞ୍ଜରଙ୍କୁ ବାନ୍ଧିଲା ଭିଜିଲାନ୍ସ



**ଜଗତସିଂହପୁର, ୨୧।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ରାହାମା ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କୁ ଭିଜିଲାନ୍ସ ଗିରଫ କରିଛି। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ଫରେଷ୍ଟର, ରେଞ୍ଜର, ସଂପତ୍ତି କୋଟି ଟଙ୍କାରେ। ଚାକିରି ଆରମ୍ଭ କରିଥିଲେ ମାତ୍ର ଦେଢ଼ ହଜାର ଟଙ୍କାରେ। ୪୦ ବର୍ଷରେ ରୋଜଗାର କରିଛନ୍ତି ଅମାପ ସଂପତ୍ତି। ମାସିକ ୧୫୦୦ ଟଙ୍କା ଦରମା ପାଉଥିଲେ। ତା'ପରେ ଡେପୁଟି ରେଞ୍ଜର ଭାବରେ ପଦୋନ୍ନତି ପାଇ ସେ ଜଙ୍ଗଲ ବିଭାଗ ଅନୁଗୁଳରେ ଯୋଗ ଦେଇଥିଲେ। ପୁନର୍ବାର ୩୧.୦୮.୨୦୨୩ ରେ ଶ୍ରୀ ସାମନ୍ତରାୟଙ୍କୁ ରେଞ୍ଜର ପଦବୀରେ ପଦୋନ୍ନତି ଦିଆଯାଇଥିଲା ଏବଂ ସେ ଜଗତସିଂହପୁରରେ ରାହାମା ଫରେଷ୍ଟ ରେଞ୍ଜରେ ଯୋଗ ଦେଇଥିଲେ। ଶ୍ରୀ ସାମନ୍ତରାୟ ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୪ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛନ୍ତି।

# ଚାଷୀ ସଚେତନତା ରଥର ଶୁଭାରମ୍ଭ କଲେ ସଂସ୍କୃତି ମନ୍ତ୍ରୀ

**ଭଦ୍ରକ,୨୧।୧୨ (ସଂଚାର ବ୍ୟୁରୋ):** ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚ ଶିକ୍ଷା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଯୁବ ସେବା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୨୦୨୫ ଓ ୨୬ ବର୍ଷ ପାଇଁ ଚାଷୀ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ସହିତ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଜାନୁଆରୀ ୫ ତାରିଖରେ ଜିଲ୍ଲାରେ ଧାନମଣ୍ଡି ଶୁଭାରମ୍ଭ ହେବା ଅବସରରେ ଜିଲ୍ଲାର ସାତଟି ବ୍ଲକରେ ଆଗୁଆ ଏହି ସଚେତନତା ରଥ ପରିକ୍ରମା କରି ଚାଷୀମାନଙ୍କୁ ଅବଗତ କରିବ ବୋଲି ଜଣାପଡିଛି। ଜିଲ୍ଲାରେ ୧୦୫ ଟି ସେବା ସମବାୟ ସମିତି ଏବଂ ୫୦ ଟି ମହିଳା ପ୍ରିୟଂ ସହାୟକ ଗୋଷ୍ଠୀଙ୍କ ଠାରେ ଚାଷୀମାନେ ଧାନ ବିକ୍ରି ବଟା କରିବେ।

# ସ୍ୱଳ୍ପ ସଞ୍ଚୟ ଲକ୍ଷ୍ୟ ପୂରଣ ହେଉନି

**ଭୁବନେଶ୍ୱର,୨୧।୧୨:** ସମସ୍ତ ପ୍ରକାର ପ୍ରଚାର ପ୍ରସାର ସତ୍ତ୍ୱେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ ପାଇଁ ଲୋକେ ରାଜି ହେଉନାହାନ୍ତି। ଗତ ଆର୍ଥିକ ବର୍ଷରେ ସ୍ୱଳ୍ପ ସଞ୍ଚୟ ଯୋଜନା ଜରିଆରେ ରାଜ୍ୟ ସରକାର ୧୧ ହଜାର କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଲକ୍ଷ୍ୟ ରଖିଥିବା ବେଳେ ସଂଗ୍ରହ ପରିମାଣ ୧୦ ହଜାର ଟଙ୍କାକୁ ଟପିପାରିନାହିଁ।

ଗତ ବର୍ଷ ଯେଉଁ ୧୧ ହଜାର କୋଟିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ସେଥିରେ ସର୍ବାଧିକ ୧୨୬୦ କୋଟି ଟଙ୍କା ଗଞ୍ଜାମରୁ ଥିଲା। ହେଲେ ଗଞ୍ଜାମରୁ ସଂଗ୍ରହ ହୋଇଛି ୧୦୭୩ କୋଟି ୩୩ ଲକ୍ଷ ଟଙ୍କା। ସେହିଭଳି ଦ୍ୱିତୀୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ହୋଇଥିଲା ଖୋର୍ଦ୍ଧାରୁ। ଖୋର୍ଦ୍ଧାରୁ ୧୨୨୯ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଥିବା ବେଳେ ଆସିଥିବା ୧୦୦୯ କୋଟି ୨୦ ଲକ୍ଷ ଟଙ୍କା। ସେହିଭଳି କଟକ ପାଇଁ ୯୪୨ କୋଟିର ଲକ୍ଷ୍ୟ ଥିବା ବେଳେ ସଂଗ୍ରହ ଅର୍ଥ ପରିମାଣ ୮୩୨.୮୩ କୋଟି ଟଙ୍କାରେ ସୀମିତ ରହିଥିଲା। କେନ୍ଦ୍ରାପଡାରୁ ୪୦୪ କୋଟି ସ୍ଥାନରେ ୩୭୫.୯୪ କୋଟି, ଯାଜପୁରରେ ୫୪୪ କୋଟି ସ୍ଥାନରେ ୫୨୮.୯୧ କୋଟି, ଜଗତ୍‌ସିଂହପୁରରେ ୪୫୭ କୋଟି ସ୍ଥାନରେ ୩୭୫.୪୩ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଭଦ୍ରକରେ ୫୧୩ କୋଟି ଟଙ୍କା ସ୍ଥାନରେ ୪୫୫.୩୧ କୋଟି ସଂଗ୍ରହ ହୋଇଥିବା ବେଳେ ବାଲେଶ୍ୱରରେ ଏହି ପରିମାଣ ୬୪୭ କୋଟି ସ୍ଥାନରେ ୫୭୫.୪୪ କୋଟି ଟଙ୍କା ସଂଗ୍ରହ ହୋଇଥିଲା।

ଲୋକେ କିଭଳି ସ୍ୱଳ୍ପ ସଞ୍ଚୟ ଯୋଜନା ପ୍ରତି ଆକୃଷ୍ଟ ହେବେ ସେଥିପାଇଁ ସେମାନଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ସୃଷ୍ଟି କରିବା, ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା, ମିତବ୍ୟୟୀ ହୋଇ ଏକ ସ୍ୱଚ୍ଛଳ ଓ ଆର୍ଥିକ ଦୃଷ୍ଟି କୋଣରୁ ସୁରକ୍ଷିତ ଭବିଷ୍ୟତ ଜୀବନ ନିଶ୍ଚିତ କରିବା ପାଇଁ କୁହାଯାଉଛି। ସ୍ୱଳ୍ପ ସଞ୍ଚୟ ଯୋଜନାରେ ନିୟୋଜିତ ଏଜେଣ୍ଟମାନେ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କୁ ପ୍ରବର୍ତ୍ତାଇବା ସହିତ ପାଣ୍ଠି ସଂଗ୍ରହ କରୁଛନ୍ତି। ଏ କ୍ଷେତ୍ରରେ ୧୦ ହଜାର ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିଛି। ଏଥିରେ ପାଇବାକୁ ଥିବା କମିଶନ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବାରୁ ରାଜ୍ୟ ସରକାରଙ୍କୁ ଏ ବାଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ।

ଗାଁଗହଳର ଲୋକଙ୍କୁ ଚିଟ୍‌ଫଣ୍ଡ ଓ ଅନ୍ୟାନ୍ୟ ବେଆଇନ୍ ଅର୍ଥ କାରବାରଠାରୁ ଦୂରେଇ ରଖିବା ପାଇଁ ସରକାର ଏହି ଯୋଜନା ମାଧମରେ ଗୁରୁତ୍ୱ ଦେଉଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନ ହେବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଲଟେରୀ ମାଧରେ ଏହି ଯୋଜନାରେ ଆକର୍ଷଣୀୟ ପୁରସ୍କାର ରାଶି ରହିଥିଲେ ମଧ ଲୋକେ ବିମୁଖ। ଗାଁଗହଳରେ ସୁଧ କାରବାର କରୁଥିବା ବିଭିନ୍ନ ସଂସ୍ଥା ଅର୍ଥ ସଂଗ୍ରହ ଚଳାଉଥିବାରୁ ଏହା ହ୍ରାସ ପାଉଥିବା କୁହାଯାଉଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫୪୫...

କରାଯାଇଛି। ଏହି ପ୍ରକଳ୍ପ ମଧ୍ୟରେ ଜଳସେଚନ, ସ୍ୱାସ୍ଥ୍ୟସେବା କେନ୍ଦ୍ର, କ୍ଷୁଦ୍ର ଶିଳ୍ପ, ଅର୍ବାନ ହଷ୍ଟେଲ, ବ୍ରିଜ, ରୋଡ୍, ମିଶନ ଶକ୍ତି ଭବନ, ବନ ସୁରକ୍ଷା ସମିତି ବିଲ୍ଡିଂ, ଅତିରିକ୍ତ ଶ୍ରେଣୀ ଗୃହ ଆଦି ପ୍ରକଳ୍ପ ରହିଛି। ଏହିସବୁ ପ୍ରକଳ୍ପ କୋରାପୁଟର ବିକାଶକୁ ଆଗେଇ ନେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମଞ୍ଚରେ ଆୟୋଜିତ ଏହି ୫ଦିନିଆ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ପ୍ରଥମେ ଶହୀଦ ଲକ୍ଷ୍ମଣଙ୍କ ସମେତ ଜିଲ୍ଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି କହିଛନ୍ତି ଯେ ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର କୋରାପୁଟ ଜିଲ୍ଲା ପ୍ରକୃତିର ଅନନ୍ୟ ବରଦାନ ଭାବେ ସାରା ବିଶ୍ୱରେ ପରିଚିତ। କୋରାପୁଟ ମାଟି ସମାଜରେ ଶାନ୍ତି, ସରଳତା ଓ ଭଲପାଇବାର ମହକ ବାଣ୍ଟିଆସିଛି। କୋରାପୁଟ ମାଟିର କଫି, କଳା ଜୀରା ଧାନ ଓ କୋଟପାଡ଼ର ଶାଢ଼ି ଓଡ଼ିଶା ସହ ସମଗ୍ର ଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଶ୍ରୀ ଅନ୍ନ ଭାବେ ପରିଚିତ ମିଲେଟ ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ମଧ କୋରାପୁଟ ଜିଲ୍ଲାର ସୁନାମ ରହିଛି। ଜିଲ୍ଲାରେ ଏବେ ଶ୍ରୀ ଅନ୍ନ ଅଭିଯାନରେ ପ୍ରାୟ ୭୨ ହଜାର ହେକ୍ଟର ଜମିରେ ମିଲେଟ ଜାତୀୟ ଫସଲ ଚାଷ କରାଯାଉଛି। ମିଲେଟ ଜାତୀୟ ଚାଷ କ୍ଷେତ୍ରରେ ଜିଲ୍ଲାର ଅଗ୍ରଣୀ ମହିଳା ଚାଷୀ ତଥା ସଂରକ୍ଷକ ଡ. ରାଇମତି ଘିଉରିଆଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ପରବ' ପାଇଁ ଏକ ସ୍ୱତନ୍ତ୍ର ଜାକେଟ ଓ ଏକ ଭିଡିଓ ସଙ୍ଗକୁ ମଧ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ କୋରାପୁଟର ଆଦିବାସୀ ସଂସ୍କୃତି ଅତି ସମୃଦ୍ଧ। ଜିଲ୍ଲାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ଆଗେଇନେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଆଦିବାସୀ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟରତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହାଛଡ଼ା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଆମ ସଂସ୍କୃତି, ଆମ ପରମ୍ପରା ଏବଂ ଆମ ଐତିହ୍ୟକୁ ନେଇ ଆମେ ସବୁବେଳେ ଗର୍ବ କରିଥାଉ। ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ 'ପରବ' ଏକ ସୁନ୍ଦର କାର୍ଯ୍ୟକ୍ରମ। 'ପରବ' କୋରାପୁଟ ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ 'ପରବ' ମହୋତ୍ସବ ପାଇଁ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ ଦେଇଛନ୍ତି।

## ଆଇନ୍...

ବର୍ଷରେ କୃଷି କ୍ଷେତ୍ରରେ ଅଧିକ ଆବଶ୍ୟକ ହେଉଥିବା ଶ୍ରମକୁ ପୂରଣ କରିବା ସକାଶେ ୬୦ ଦିନ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିପାରିବେ।ଆଇନର ବ୍ୟବସ୍ଥା ଅନୁଯାୟୀ, ଇଚ୍ଛୁକ ଗ୍ରାମୀଣ ପରିବାରକୁ ସର୍ବନିମ୍ନ ୧୨୫ ଦିନର ନିଯୁକ୍ତି ପ୍ରଦାନ କରିବା ସରକାରଙ୍କର ବୈଧାନିକ ଦାୟିତ୍ୱ ରହିବ। ସପ୍ତାହିକ କିମ୍ବା ସର୍ବାଧିକ ୧୫ ଦିନ ମଧ୍ୟରେ ମଜୁରୀ ପ୍ରଦାନ ବାଧତାମୂଳକ ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମଜୁରୀ ପ୍ରଦାନ ନହେଲେ ମଜୁରୀ ପ୍ରଦାନରେ ବିଳମ୍ବ ପାଇଁ କ୍ଷତିପୂରଣ ପ୍ରଦାନ କରିବାର ପ୍ରାବଧାନ ମଧ ନୂଆ ଆଇନରେ ରହିଛି। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ମଜୁରୀ ବାବଦରେ ବାର୍ଷିକ ପାଖାପାଖି ୧,୫୧,୨୮୨ କୋଟି ଟଙ୍କାର ଆବଶ୍ୟକତା ପଡ଼ିବ। ଏଥିରୁ କେବଳ କେନ୍ଦ୍ର ସରକାରଙ୍କ ଭାଗ ୯୫,୬୯୨.୩୦ କୋଟି ହେବ। ବିଲ୍ ଆଇନରେ ପରିଣତ ହେବା ପରେ ଏ ସଂକ୍ରାନ୍ତରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ଏହି ନୂଆ ଆଇନ ଗ୍ରାମାଞ୍ଚଳର ଗରିବଗୁରୁବାଙ୍କ ମଙ୍ଗଳ ସାଧନ ଦିଗରେ ସହଯୋଗ କରିବ ବୋଲି କହିବା ସହ କଂଗ୍ରେସ ମହାତ୍ମା ଗାନ୍ଧିଙ୍କୁ ଅସମ୍ମାନିତ କରିଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଏଆଇସିସି ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଛନ୍ତି ଯେ ବିଜେପି ନିଶ୍ଚିତ ଭାବେ ଆଗାମୀ ଦିନରେ ଏପରି ନିଷ୍ପତ୍ତି ପାଇଁ ପଶ୍ଚାତାପ କରିବ ଓ ସମୟ ଆସିବ ଏହି ଆଇନ ରଦ୍ଦ ହେବ।

## ୨୬ରେ...

ବର୍ଷ ବଣ୍ଟନ ଓ ପରିବହନ କ୍ଷତି ୪୭ରୁ ୧୬ ପ୍ରତିଶତକୁ ହ୍ରାସ ପାଇଛି। ଏହି ହିସାବରେ ବିଦ୍ୟୁତ ଦର ୟୁନିଟ ପିଛା ୮୮ ପଇସା କମିବା କଥା। ଆଶ୍ଚର୍ଯ୍ୟର କଥା, ଶକ୍ତି ବିଭାଗ ଓ ଓଇଆରସି ମୂକ ବଧିର ଭଳି କମ୍ପାନୀର ମନମାନୀକୁ ଦେଖି ହାତ ଟେକି ଦେଇଛନ୍ତି। ଜନମତ ବିରୋଧରେ କମ୍ପାନୀ କାମ କରୁଛି, କିନ୍ତୁ ସରକାର କାହିଁକି ହସ୍ତକ୍ଷେପ କରୁନାହାଁନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ଗତ ବର୍ଷ ଧାନକିଣାରେ ଦୁଇ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା ବୋଲି ଅଭିଯୋଗ ଆଣିଛନ୍ତି ପିସିସି ସଭାପତି। ଚଳିତ ବର୍ଷ ମଧ ଚାଷୀଙ୍କୁ ଟୋକନ ଦିଆଯାଉନାହିଁ। ଖୁଲମଖୁଲ୍ଲା କଟନୀ ଛଟନୀ ବି ଚାଲିଛି। ୮୦୦ ଟଙ୍କା ବୋନସ ଦେଇ ପାରୁନାହାନ୍ତି ରାଜ୍ୟ ସରକାର। ଫଳରେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ହେଲାଣି। ଧାନ ସଂଗ୍ରହରେ ଅନିୟମିତତା ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶାରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଏହାଛଡ଼ା କେନ୍ଦ୍ର ସରକାର ମନରେଗାର ନାମ ପରିବର୍ତ୍ତନ କରିବା, ଧାନ ସଂଗ୍ରହରେ ଅବ୍ୟବସ୍ଥା ପରିଲକ୍ଷିତ ହେବା ଓ ଏଏସଡ଼ି ପ୍ରତ୍ୟାହାର ଦାବି ନେଇ ଆସନ୍ତାକାଲିଠାରୁ ୨୯ ତାରିଖ ପର୍ଯ୍ୟନ୍ତ କଂଗ୍ରେସ ସାରା ରାଜ୍ୟରେ ଆନ୍ଦୋଳନ କରିବା ନେଇ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଥିବା ଶ୍ରୀ ଦାସ କହିଛନ୍ତି।

## ରାଜଧାନୀ...

ଅସୁରକ୍ଷିତ ମନେ କଲେଣି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

## ଭୁଲ୍...

ଅନ୍ୟମାନେ ମଧ ଶିକ୍ଷାଲାଭ କରି ଅଦିନିଆ ରଥଯାତ୍ରା କରୁଛନ୍ତି। କିନ୍ତୁ ଇସ୍କନର ଏଭଳି ନିଷ୍ପତ୍ତିକୁ ଶ୍ରୀମନ୍ଦିର ପ୍ରଶାସନ କଦାପି ମାନିବ ନାହିଁ ବୋଲି ଗଜପତି ସ୍ପଷ୍ଟ କରିଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନ୍ ସହ ଆଲୋଚନା ଉଦ୍ୟମ ବି ବିଫଳ ହୋଇଛି। ତେଣୁ ଏବେ ଭାରତ ବାହାରେ ଅଦିନିଆ ରଥଯାତ୍ରାରେ ରୋକ ଲଗାଇବାକୁ କେହି ନାହାନ୍ତି। ଏପରିକି ଓଡ଼ିଆ ଭାଇମାନେ ବି ଅଦିନିଆ ରଥଯାତ୍ରାରେ ଅଂଶଗ୍ରହଣ କରୁଛନ୍ତି ଓ ଡୋନେସନ୍ ବି ଦେଉଛନ୍ତି। ଆଗକୁ ଅଦିନିଆ ରଥଯାତ୍ରା ଏକ ପରମ୍ପରାରେ ପରିଣତ ହେବାର ବି ଆଶଙ୍କା ରହିଛି। କିନ୍ତୁ ଶାସ୍ତ୍ର ମତ ଅନୁଯାୟୀ ରଥଯାତ୍ରା ପାଳନ ହେବା ଉଚିତ, ଏହାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ସାମ୍ପ୍ରତିକ ସମୟରେ ଅଦିନିଆ ରଥଯାତ୍ରା ସହ ଜଗନ୍ନାଥ ଧାମକୁ ନେଇ ମଧ ବ୍ୟତିକ୍ରମ ହେଉଛି ବୋଲି ଗଜପତି କହିଛନ୍ତି। ଏହି ଅବସରରେ ଗଜପତି ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟକ୍ରମ ନେଇ ମଧ ପ୍ରତିକ୍ରିୟା ରଖିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଗଜପତି ଏକାଧିକ ବାର ଇସ୍କନ୍‌କୁ ଅଦିନିଆ ରଥଯାତ୍ରା ଆୟୋଜନ ନ କରିବାକୁ ପରାମର୍ଶ ଦେଇଥିଲେ ହେଁ ଏନେଇ ବିଶେଷ କିଛି ସୁଫଳ ମିଳିପାରିନାହିଁ।

## ଜୋହାନ୍ସବର୍ଗରେ...

ମାସରେ ଏହା ଦ୍ୱିତୀୟ ନରସଂହାର ବୋଲି ଦକ୍ଷିଣ ଆଫ୍ରିକା ପୁଲିସ୍ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ, ଜୋହାନ୍ସବର୍ଗର ଦକ୍ଷିଣ-ପଶ୍ଚିମ ଦିଗରେ ୪୦ କିମି ଦୂରବର୍ତ୍ତୀ ବେକର୍ସଡାଲ୍‌ଠାରେ ଅଚାନକ ଦୁଇଟି ଗାଡ଼ିରେ ପାଖାପାଖି ୧୦ ଜଣ ବନ୍ଧୁକଧାରୀ ଆସି ବାର୍ ଉପରକୁ ଗୁଳି ଚଳାଇଥିଲେ। ଏଥିସହ ସେମାନେ ଆଖପାଖରେ ଯାଉଥିବା ପଥଚାରୀଙ୍କୁ ବି ଛାଡ଼ିନଥିଲେ। ଫଳରେ ଲୋକମାନେ ଭୟଭୀତ ହୋଇ ଜୀବନ ବଞ୍ଚାଇବା ସକାଶେ ଏଣେତେଣେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ଘଟଣା ସମୟର ବିଭିନ୍ନ ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ତେବେ ଏହି ଗୁଳିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲେ ହେଁ ସେମାନଙ୍କ ପରିଚୟ ମିଳିପାରିନାହିଁ ବୋଲି ଗୋଟେଙ୍ଗ୍ ପ୍ରଦେଶ ପୁଲିସ୍ ପକ୍ଷରୁ ମୁଖପାତ୍ର ବ୍ରେଣ୍ଡା ମୁରିଡିଲି କହିଛନ୍ତି। ଏଥିସହ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଉକ୍ତ ବାର୍‌ରେ ବେଆଇନ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ରହିଥିବା ପୁଲିସ୍ କହିଛି। ଅନ୍ୟପକ୍ଷରେ ଗୁଳିକାଣ୍ଡ ଘଟିଥିବା ସ୍ଥାନଟି ଦେଶର ପ୍ରମୁଖ ସୁନାଖଣି ଅଞ୍ଚଳଠାରୁ ମାତ୍ର ଅଳ୍ପ ଦୂରରେ ରହିଥିବା କୁହାଯାଇଛି। ସେହିପରି ଗୁଳିକାଣ୍ଡ ଘଟାଇବା ପରେ ଅଜଣା ଆତତାୟୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯିବାରେ ସକ୍ଷମ ହେବାରୁ ପୁଲିସ୍ କାହାରିକୁ ବି ଗିରଫ କରିନାହିଁ। ଏଥିସହ କେଉଁ କାରଣ ନେଇ ଏପରି ଅଘଟଣ ଘଟିଛି, ସେନେଇ ବି କିଛି ଜଣାପଡ଼ିନାହିଁ। ତା'ଛଡ଼ା ଉକ୍ତ ଆତତାୟୀମାନଙ୍କୁ ମଧ ଚିହ୍ନଟ କରାଯିବା ସମ୍ଭବପର ହୋଇନାହିଁ। କିନ୍ତୁ ମୃତକଙ୍କ ମଧ୍ୟରେ ଉକ୍ତ ବାର୍ ସମ୍ମୁଖରେ ଠିଆ ହୋଇଥିବା ଜଣେ ଅନଲାଇନ୍ କାର୍ ସେବା ଯୋଗାଉଥିବା ଚାଳକ ଥିବା ପ୍ରାଦେଶିକ ପୁଲିସ୍ କମିଶନର୍ ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ପୁଲିସ୍ ଉକ୍ତ ଆତତାୟୀମାନଙ୍କୁ ଠାବ କରିବା ସକାଶେ ତଲାସୀ ଅଭିଯାନ ଆରମ୍ଭ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସଂଗଠନ ଏପରି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ ପ୍ରଥମ ଭାଗରେ ଅର୍ଥାତ୍ ଗତ ୬ ତାରିଖରେ ପ୍ରିଟୋରିଆ ନିକଟସ୍ଥ ଏକ ହଷ୍ଟେଲ୍‌ରେ କେତେକ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବା ଫଳରେ ଜଣେ ୩ ବର୍ଷୀୟ ଶିଶୁ ସମେତ ୧୨ ଜଣ ପ୍ରାଣ ହରାଇଥିଲେ।

## ଚାଲିଛି...

ଭତ୍ତାଧାରୀଙ୍କୁ ୬୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଉଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ରେଳବାଇର ପରିଚାଳନା ଖର୍ଚ୍ଚ ୨୬୩ ହଜାର କୋଟିରେ ପହଞ୍ଚିଯାଇଛି। ଏହି ଖର୍ଚ୍ଚ ମେଣ୍ଟାଇବା ସକାଶେ ରେଳବାଇ ପକ୍ଷରୁ ଉଭୟ ମାଲ୍‌ବାହୀ ଓ ଯାତ୍ରୀବାହୀ ଟ୍ରେନ୍ ଭଡ଼ା ବୃଦ୍ଧି କରାଯାଇଥିବା କୁହାଯାଇଛି।

## ମହଙ୍ଗା...

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାମ୍ନାରେ ଅମାନତ ହରାଇବା, କୋରେଇରେ ଆକାଶ ଦାଶନାୟକଙ୍କ ବିରୋଧରେ ବବିଙ୍କ ମା' ସନ୍ଧ୍ୟାରାଣୀ ଦାସଙ୍କ ପରାଜୟ କେବଳ ହାର ନୁହେଁ, ବବିଙ୍କ ଅଜୟ ଛବିର ଶେଷ ହେଉଥିବା ଏକ ସଙ୍କେତ। ଦୀର୍ଘ ଦିନ କ୍ଷମତାରେ ରହିବା ପରେ ବିରୋଧୀ ଆସନରେ ବସିବା କ'ଣ, ସେହି ସତ୍ୟକୁ ଆଜି ବବି ଅନୁଭବ କରୁଛନ୍ତି। ଗ୍ରାଉଣ୍ଡରେ ଘୂରିବା, ଦରବାର ଦେଖାଇବା, ଭୟ ଦେଖାଇ ଧରି ରଖିବା କୌଶଳରେ ଗଡ଼ ରହେନାହିଁ ବୋଲି ସ୍ଥାନୀୟ ଲୋକେ ଟାହିଟାପରା କରିବା ଆରମ୍ଭ କଲେଣି। ସାଧାରଣରେ ପ୍ରଶ୍ନ ଉଠୁଛି ଏହା କ'ଣ ବବିଙ୍କ ରିଟର୍ଣ୍ଣ ? ନା ବବି ଗଡ଼ର ଶେଷ ଅଧାୟ ? ଯାଜପୁର ରାଜନୀତି ଏବେ ଗୋଟିଏ ମୁହାଣରେ ଅଟକିଯାଇଛି। ଇତିହାସ ସାକ୍ଷୀ, ଗଡ଼ ରକ୍ଷା ପାଇଁ ନେତା ଯେତେବେଳେ ଗ୍ରାଉଣ୍ଡକୁ ଓହ୍ଲାନ୍ତି, ସେତେବେଳେ ଗଡ଼ ଭୁଷୁଡ଼ିବା ଆରମ୍ଭ ହୋଇଥାଏ।

## ବିଧିବଦ୍ଧ...

ଦେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ସେ ଏଠାକାର ମର୍କତ ନଗର ଥାନାରେ ଏକ ଏଫ୍‌ଆଇଆର୍ ଦେଇଛନ୍ତି, ଯେଉଁଥିରେ ତାଙ୍କ ପୁଅର ମୃତ୍ୟୁ ଆଦୌ ସ୍ୱାଭାବିକ ନଥିଲା ବୋଲି ଦର୍ଶାଇବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ତାଙ୍କ ପୁଅକୁ ଜାଣିଶୁଣି ମାରି ଦିଆଯାଇଛି ବୋଲି ଶେଫାଳି ଅଭିଯୋଗ କରିବା ସହ ଏହି ମାମଲାର ତଦନ୍ତ ସମୟରେ ସବୁ ସମ୍ଭାବ୍ୟ କୋଣକୁ ବିଚାରକୁ ନେବା ସକାଶେ ନିବେଦନ କରିଛନ୍ତି। ସେହିପରି ହ୍ୟୁମାନଙ୍କ ମୃତ୍ୟୁ ପାଇଁ ଶେଫାଳି ତାଙ୍କର ଦୁଇ ମ୍ୟାନେଜର୍ ଦୀନେଶ ବେହେରା ଓ ପ୍ରଶାନ୍ତ ବେହେରାଙ୍କ ସହ ଗାୟିକା ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ପତ୍ନୀ ଶ୍ରେୟା ମିଶ୍ର, ସୋମେଶ ଶତପଥୀ, ମହମ୍ମଦ ଆବିଦ୍ (ବୁଲୁ), ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କୁ ଦାୟୀ କରିଥିବା ବେଳେ ସେମାନଙ୍କୁ ପଚରାଉଚରା କରି ସତ୍ୟ ସାମ୍ନାକୁ ଆଣିବା ସକାଶେ ଉକ୍ତ ଏଫ୍‌ଆଇଆର୍‌ରେ ଦାବି କରିଛନ୍ତି। ଏଥିସହ ସେ ତାଙ୍କ ପୁଅର କଟକସ୍ଥିତ ବାସଭବନ ଓ ଏହାର ଆଖପାଖ ଅଞ୍ଚଳର ସିସିଟିଭି ଓ ତାଙ୍କ ଫୋନ୍ ଡିଟେଲ୍ସ ଯାଞ୍ଚ କରିବା ସକାଶେ ବି ପୁଲିସ୍ ନିକଟରେ ନିବେଦନ କରିଛନ୍ତି। ତଦନ୍ତ ସମୟରେ ଉପରୋକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କ ବ୍ୟାଙ୍କ୍ ଆକାଉଣ୍ଟ, ହ୍ୟୁମାନ୍‌ଙ୍କ ସହ ସେମାନଙ୍କ ଦେଣନେଣ ଓ ତାଙ୍କ ପୁଅର ମୃତ୍ୟୁ ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ ପ୍ରତିଟି ବ୍ୟକ୍ତିବିଶେଷ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଶେଫାଳି ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସ ୧୭ ତାରିଖରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ପରେ ଭୁବନେଶ୍ୱର ଏମ୍ସ ବାହାରେ ଶେଫାଳୀ ଏହି ମାମଲାରେ ଦୁଇ ମ୍ୟାନେଜର୍‌ଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ହ୍ୟୁମାନ ଅସୁସ୍ଥ ଥିବା ସତ୍ତ୍ୱେ ଉଭୟ ଅଗ୍ରୀମ ଟଙ୍କା ଆଣି ହ୍ୟୁମାନ୍‌ଙ୍କୁ ପ୍ରୋଗ୍ରାମ୍‌ରେ ଭାଗ ନେବା ସକାଶେ ଏକରକମ ବାଧ କରୁଥିବା ସେ କହିଥିଲେ।

## ନୂଆବର୍ଷ...

ହସ୍ତଗତ ହୋଇଛି। ଯଦିଓ ନୂଆବର୍ଷ ପ୍ୟାକେଜ ପ୍ରସ୍ତୁତିରେ ଶାସକ ଦଳର ମନ୍ତ୍ରୀ ଓ ବିଧାୟକମାନେ ଆଗରେ ଅଛନ୍ତି, ତଥାପି ବିରୋଧୀ ଦଳର କିଛି ବିଧାୟକଙ୍କ ସହ କେତେକ ପୂର୍ବତନ ବିଧାୟକ ବି ଏହି ଦଉଡ଼ରେ ସାମିଲ୍ ହୋଇଛନ୍ତି। ବିଶେଷକରି ବିଜେଡିର କିଛି ବିଧାୟକ ଏହି ମଉକାରେ ରାଜ୍ୟ ବାହାରେ ଏକାଠି ହେବାକୁ ଯୋଜନା ଚଳାଇଛନ୍ତି। ଅବଶ୍ୟ ଏମାନେ ଅଲଗା ଅଲଗା ରାସ୍ତାରେ ଯାଇ ଗୋଟିଏ ସ୍ଥାନରେ ଏକାଠି ହେବାକୁ ଯୋଜନା କରୁଥିବାରୁ ଟୁର ଅପରେଟର୍‌ଙ୍କ ବଦଳରେ ନିଜ ନିଜ ଉଦ୍ୟମରେ ସେମାନେ ଟିକଟ କରୁଥିବା ଜଣାଯାଇଛି। ତେବେ ନୂଆବର୍ଷରେ କେଉଁ ନେତା କେଉଁଠାକୁ ଯାଇ କି ପ୍ରକାର ମଉଜ କରୁଛନ୍ତି, ତା' ଉପରେ କେବଳ ଗଣମାଧମ ପ୍ରତିନିଧି ନୁହଁନ୍ତି, ସରକାରୀ ଗୁଇନ୍ଦା ବି ନଜର ରଖିଥିବା ଜଣାଯାଇଛି।


## ମଣ୍ଡିରେ ହରଡ଼ ଓ ମାଣ୍ଡିଆ ବିକ୍ରି ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା,୨୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି ବିଭାଗ ପକ୍ଷରୁ ମଣ୍ଡିରେ ହରଡ ଓ ମାଣ୍ଡିଆ ବିକ୍ରି ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ମାର୍ଶାଘାଇ ପ୍ୟାକ୍ସରେ ହରଡ ମଣ୍ଡି ଓ କେନ୍ଦ୍ରାପଡାର ଜମଧର ଓ ଡେରାବିଶ ର ବାଲିଆ ଠାରେ ମାଣ୍ଡିଆ ମଣ୍ଡି ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ଚାଷୀ କିଭଳି ସୁଲଭ ମୂଲ୍ୟରେ ନିଜର ହରଡ ଓ ମାଣ୍ଡିଆ ବିକ୍ରି କରିପାରିବେ ସେ ସଂପର୍କରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି । ଚଳିତ ମାସ ୩୧ ସୁଦ୍ଧା ପ୍ରଚାର ପ୍ରସାର ଦ୍ୱାରା ସମସ୍ତ ଚାଷୀଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି। ହରଡ କେଜି ପ୍ରତି-୮୦ଟଙ୍କା ଓ ମାଣ୍ଡିଆ କେଜି ପ୍ରତି-୪୮ ଟଙ୍କା ୮୬ ପଇସା ଧାର୍ଯ୍ୟ କରାଯାଇଛି ।

## କଣ୍ଠ ସଂଗୀତରେ କିରଣ କୁମାର ରାଜ୍ୟସ୍ତରକୁ ମନୋନୀତ

**ରାଜନଗର,୨୧।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ସ୍ଥିତ ପିଏମଶ୍ରୀ ନାଗନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କିରଣ କୁମାର ବେହେରା ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା) ଦ୍ୱାରା ଆଳି ର ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ



ରେ ଅନୁଷ୍ଠିତ ଶିଶୁ ଉତ୍ସବ ପ୍ରତିଯୋଗିତାରେ କଣ୍ଠ ସଂଗୀତ ରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। କଣ୍ଠ ସଂଗୀତରେ ପ୍ରଥମ ସ୍ଥାନ ଅଧିକାର କରିଥିବା କିରଣ କୁମାରକୁ ଅତିଥି ମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଆଗାମୀ ଦିନରେ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ ଓ ପରିଚାଳନା କମିଟିର ସଭ୍ୟ, ସଭ୍ୟା ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ସରଗୀ ଫୁଲ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୨୧।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ରାଜ୍ୟ ସ୍ତରୀୟ ସର୍ଗୀଫୁଲ ଉତ୍ସବ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସ୍ତରୀୟ ସରଗୀ ଫୁଲ-୨୦୨୫ ଗ୍ରୁପ୍ ଡ୍ୟାନ୍ସରେ କେନ୍ଦ୍ରାପଡା ଜିଲ୍ଲା ତିଖିରି ଆବାସିକ ସେବାଶ୍ରମର ଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରି ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

### ସରକାରଙ୍କ ଶିଶୁଶ୍ରମିକମୁକ୍ତ ପ୍ରହସନ

# ମିଳୁନି ମୁକ୍ତି, ପ୍ରଶାସନ ନୀରବ

**ବୋରିଗୁମ୍ମା,୨୧।୧୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଉପଖଣ୍ଡରେ ବଢୁଛି ଶିଶୁ ଶ୍ରମିକ। କମ୍ ପଇସା ଦେଇ କାମ ହାସଲ କରୁଛନ୍ତି କିଛି ଅସାଧୁ ବ୍ୟକ୍ତି। କୋରାପୁଟ ଜିଲ୍ଲା ବୋରିଗୁମ୍ମା ଉପଖଣ୍ଡ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଉପଖଣ୍ଡରେ ଅନେକ ଆଦିବାସୀ ଲୋକ ବସବାସ କରନ୍ତି । କିଛି ବ୍ୟକ୍ତି ନିଜର କାମ ହାସଲ ପାଇଁ ଶିଶୁ ମାନଙ୍କୁ ଶ୍ରମିକ କରି କମ୍ ମୂଲ ମଜୁରୀ ଦେଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଶିଶୁ ଶ୍ରମିକ ମୁକ୍ତ ବୋଲି ପ୍ରତିବର୍ଷ କାର୍ଯ୍ୟକ୍ରମ ମାଧମରେ ରାଜ୍ୟ ସରକାର କହନ୍ତି। ଏବେ ଶିଶୁ ଶ୍ରମିକ ମୁକ୍ତ ପ୍ରହସନ ବୋଲି ବୋରିଗୁମ୍ମା ଉପଖଣ୍ଡରେ ଆଲୋଚନା ହେଉଛି ।

ରାଜ୍ୟ ସରକାର କେବଳ ଶିଶୁ ଶ୍ରମିକ ମୁକ୍ତ ବୋଲି କୁହନ୍ତି ନାହିଁ କିଛି ଏନଜିଓ ସଂସ୍ଥା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ ଗାଁ ଗାଁରେ ବୁଲି ଶିଶୁ ଶ୍ରମିକ ମୁକ୍ତ ବୋଲି ଢୁଙ୍ଗୁରା ପିଟୁଛନ୍ତି। ହେଲେ ତାହା ବାସ୍ତବରେ ସମ୍ପୂର୍ଣ୍ଣ ଅଲଗା। କିଛି ଅସାମାଜିକ ବ୍ୟକ୍ତିମାନେ ନାବାଳକ ନାବାଳିକା ମାନଙ୍କୁ ଟଙ୍କା ଲୋଭ ଦେଖାଇ ଇଟା ଭାଟି, ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନ, ଚିକେନ୍ ଦୋକାନ ଏବଂ ରାଜମିସ୍ତ୍ରୀଙ୍କ ସହ ବାଲି ସିମେଣ୍ଟ କାମରେ ଲଗାନ୍ତି । ଆଉ କିଛି ନାବାଳକଙ୍କୁ ଗାଈ ଗୋରୁ ଛେଳି ଚରାଇବାକୁ କହନ୍ତି। ତେବେ ଆଉ କିଛି ନାବାଳକ ନାବାଳିକା ନିଜ ଘରର




ଅଭାବ ଅନାଟନ ଯୋଗୁଁ ପରିସ୍ଥିତିରେ ପଡ଼ି ଘରୁ ଗୋଡ଼ କାଢିବାକୁ ବାଧ ହେଉଛନ୍ତି। ଏହି କାରଣରୁ ଉପଖଣ୍ଡରେ ଏବେ ଶିଶୁ ଶ୍ରମିକ ବୃଦ୍ଧି ପାଇବାରେ ଲଗିଛନ୍ତି ।

ଏହି ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଶିଶୁ ଶ୍ରମିକ ମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ୍ କରିବାକୁ ଦାବି ହୋଇଛି । ଶିଶୁ ମାନଙ୍କୁ ଯେଉଁମାନେ ଶ୍ରମିକ କରି ନିଜର ଫାଇଦା ଉଠାଉଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଡୁମୁଡ଼ିବନ୍ଧ ଓ ବେଲଘର ବନାଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ହାତୀଙ୍କ ଆତଙ୍କରାଜ

**ଫୁଲବାଣୀ,୨୧।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କୋଟଗଡ଼, ଡୁମୁଡିବନ୍ଧ ଓ ବେଲଘର ବନାଞ୍ଚଳରେ ହାତୀ ଆତଙ୍କ । ଏକ ସପ୍ତାହରରୁ ଉର୍ଦ୍ଧ୍ୱ ହେବ କୋଟଗଡ଼ ବନାଞ୍ଚଳରେ ୮ଟିକିଆ ହାତୀପଲ ଉତ୍ପାତ ମଚେଇଥିବା ବେଳେ ବେଲଘର ଓ ଡୁମୁଡ଼ିବନ୍ଧ ବନାଞ୍ଚଳର, ବେଲଘର, ଝିରିପାଣି, ଭଣ୍ଡରଙ୍ଗି, ଲଙ୍କାଗଡ଼ ଅଞ୍ଚଳରେ ମଧ ୨୦ ରୁ ଉର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରିବା ସହ ଅନେକ ଲୋକଙ୍କ ବିରି,ମୁଗ,କପା ଫସଲ ନଷ୍ଟ କରିଥିବା ଜଣାପଡ଼ିଛି । ସେପଟେ ହାତୀପଲର ଗତିବିଧିକୁ ତୀକ୍ଷ୍ଣ ନଜର ରଖିଥିବା ବେଳେ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରୀ ରଖିଥିବା ସହ ଡ଼ାକବାଜି ଯନ୍ତ୍ର ଦ୍ୱାରା ଅଞ୍ଚଳବାସୀଙ୍କୁ ସଚେତନ କରୁଛି ବନବିଭାଗ । ସେପଟେ ହାତୀକୁ ନେଇ ଅଞ୍ଚଳବାସୀଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହେଉଛି ।



## ତାଳଗଛ କାଟିଥିବା ଜେସିବି ମେସିନ୍ ଥାନାରୁ ଗାଏବ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ଦାବି

**ଡେରାବିଶ,୨୧।୧୨ (ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଚାଟରାଚକଡ଼ା ରାଜସ୍ୱ ସର୍କଲ ଅଧୀନ ଓଲଢ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ ନଂ ଡ୍ରେନେଜକଟ୍ ବନ୍ଧରେ ଥିବା ଶତାଧିକ ବଡ଼ ବଡ଼ ତାଳଗଛକୁ ଡ୍ରେନେଜକଟ୍ ସଫେଇ ଆଳରେ ଠିକାଦାର ଗତ ୧୭ ତାରିଖ ଜେସିବି ଲଗାଇ କାଟିଦେଇଥିଲେ । ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଘଟଣାସ୍ଥଳରେ ତହସିଲଦାର ଓ ବନ କର୍ମଚାରୀ ପହଞ୍ଚି ଦୁଇଟି ଜେସିବି ଜବତ କରିଥିଲେ । ହେଲେ ଘଟଣା ଗୋଟିଏ ଦିନ ପରେ ଜବତ ଜେସିବିକୁ ନା ଥାନାରେ ଦେଖିବାକୁ ମିଳିଛି ନା କାର୍ଯ୍ୟସ୍ଥଳୀରେ ଠିକାଦାର ଜଣକ ଚଞ୍ଚକତାର ସହ ଜେସିବି ଦୁଇଟିର ଚାବି ହାତେଇ ରାତାରାତି କେଉଁଆଡ଼େ ନେଇଯାଇଥିବା ଚର୍ଚ୍ଚା ହେଉଛି।

ସରକାର ଜନସାଧାରଣଙ୍କୁ ବଜ୍ରପାତରୁ ସୁରକ୍ଷା ଦେବା ପାଇଁ ବ୍ୟାପକ ତାଳଗଛ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ଏଥିପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିସହିତ ତାଳଗଛ କାଟିବା ପାଇଁ ମଧ ପ୍ରତିବନ୍ଧକ ଲଗାଇଛନ୍ତି। ତେବେ ଠିକାଦାର ଜଣକ ଏହି ବଡ଼ ତାଳଗଛ କାଟିବା ପାଇଁ କେଉଁ ବିଭାଗରୁ ଅନୁମତି ଆଣିଥିଲେ ନା ମନକୁ ମନ କାଟି ସଫା କରିଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସବୁଠାରୁ ବଡ଼ କଥା ହେଉଛି ତହସିଲ ପ୍ରଶାସନ ପକ୍ଷରୁ ଜେସିବି ଜବତ ହୋଇଥିବା ବେଳେ କେମିତି ଠିକାଦାର ନେଇ ପଳାଇଲେ ତାହାର ତଦନ୍ତ କରିବାକୁ ଦାବି ହେଉଛି। ତୁରନ୍ତ ଉକ୍ତ ଜେସିବି ମେସିନ୍ ଜବତ କରିବା ସହ ଠିକାଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ତ୍ରିଲୋଚନ ବେହେରା, ମନୋଜ ଦାସ, ଜ୍ୟୋତ୍ସ୍ନାରାଣୀ ପାତ୍ର, ପ୍ରଦୀପ କୁମାର ମଲିକ, ଜିତେନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି ।

## ଭାରତୀୟ ତଟରକ୍ଷୀ ବାହିନୀର ବାର୍ଷିକ ନିରୀକ୍ଷଣ

**ପାରାଦୀପ,୨୧।୧୨ (ସଂଚାର ବ୍ୟୁରୋ):** ଇନ୍ସପେକ୍ଟର ଜେନେରାଲ ଇକବାଲ ସିଂହ ଚୌହାନ, ଟିଏମ କମାଣ୍ଡର ତଟରକ୍ଷୀ ବାହିନୀ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର ପୂର୍ବ) ୧୯-୨୦ଡିସେମ୍ବର ୨୫ ପର୍ଯ୍ୟନ୍ତ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ ପାରାଦୀପର କାର୍ଯ୍ୟକ୍ଷମ ପ୍ରସ୍ତୁତି, ପ୍ରଶାସନିକ ଏବଂ ଭିତ୍ତିଭୂମି ସମ୍ପତ୍ତି ଏବଂ ପାରାଦୀପରେ ଅବସ୍ଥିତ ୟୁନିଟଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଥିଲେ। ଫ୍ଲାଗ ଅଫିସର ସମୁଦ୍ରରେ ମିଶନ କ୍ଷମତା ବିପଦ ପ୍ରତିକ୍ରିୟା ଦକ୍ଷତା ଏବଂ କୁ କାର୍ଯ୍ୟକ୍ଷମତା ମୂଲ୍ୟାଙ୍କନ କରି ଫ୍ରଣ୍ଟଲାଇନ୍ ଆଇସିଜି ଜାହାଜଗୁଡ଼ିକର ସମୀକ୍ଷା କରିଥିଲେ। ଫ୍ଲାଗ ଅଫିସର ୟୁନିଟ୍ କର୍ମଚାରୀମାନଙ୍କୁ ସେମାନଙ୍କର ଦୃଢ଼ ସମର୍ପଣ ବୃତ୍ତିଗତତା, ଚାଲୁଥିବା ଭିତ୍ତିଭୂମି ଉନ୍ନତି ପାଇଁ ପ୍ରଶଂସା



କରିଥିଲେ। ୟୁନିଟ୍ କର୍ମଚାରୀମାନେ କର୍ତ୍ତବ୍ୟ ପ୍ରତି ଉଚ୍ଚ ସ୍ତରର ପ୍ରେରଣା ଏବଂ ସମର୍ପଣ ପ୍ରଦର୍ଶନ କରନ୍ତି। ଫ୍ଲାଗ ଅଫିସର ଏଓଆର ରେ କାର୍ଯ୍ୟକ୍ଷମ କ୍ଷମତା ବୃଦ୍ଧି କରିବା ଏବଂ ଆଗୁଆ କାର୍ଯ୍ୟକ୍ଷମ ଘାଟିଗୁଡ଼ିକରେ ବାସସ୍ଥାନ ଉନ୍ନତ କରିବା ପାଇଁ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

### ଯାଜପୁରରେ ସୈରାତ୍ ଲୁଟ୍

# ମାଫିଆଙ୍କ ହାତରେ ଲଘୁ ଖଣିଜ ସମ୍ପଦ

**ଯାଜପୁର,୨୧।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଲଘୁ ଖଣିଜ ସମ୍ପଦର ସୈରାତ୍ ଏବେ ସରକାରୀ ନିୟନ୍ତ୍ରଣରୁ ବାହାରି ମାଫିଆଙ୍କ ଦଖଲକୁ ଚାଲିଯାଇଛି। ବାଲି, ପଥର ଓ ମୋରମ ଭଳି ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଉପରେ ଦିନରାତି ଚାଲିଛି

### ଅଡୁଆ ଘେରରେ ଡିଡିଏମ୍

ଖୁଲମଖୁଲା ଲୁଟ୍। ପାହାଡ଼ ହେଉ କି ନଦୀପଠା ସବୁଠି ରାଜସ୍ୱ ହରାଉଛି ସରକାର। ରାଜସ୍ୱ ବୃଦ୍ଧି ଆଶାରେ ସୈରାତ୍ ବ୍ୟବସ୍ଥାପନା ଦାୟିତ୍ୱ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ସ୍ଥାନାନ୍ତର ହେବା ପରେ ଅବସ୍ଥା ଆହୁରି ଗମ୍ଭୀର ହୋଇପଡ଼ିଛି।

ପୂର୍ବରୁ ଟେଣ୍ଡର୍ ଓ ନିୟମିତ ନିଲାମ ମାଧମରେ ଆଦାୟ ହେଉଥିବା ସୈରାତ୍ ଏବେ କାଗଜପତ୍ର ବିହୀନ ଭାବେ ମାଫିଆଙ୍କ ଦଖଲରେ ଚାଲିଛି। ଏହି ବେନିୟମ ଓ ଅବ୍ୟବସ୍ଥାକୁ ନେଇ ଗତ ୧୬ ତାରିଖରେ



ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ସାର୍ବଜନୀନ ଭାବେ ଅସନ୍ତୋଷ ପ୍ରକାଶ କରି ଖଣି ବିଭାଗକୁ କଡ଼ା ଚେତାବନୀ ଦେଇଥିଲେ। ନଦୀପଠାରୁ ଚୋରା ବାଲି ଉତ୍ତୋଳନ ନେଇ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସକୁ ସକ୍ରିୟ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ତଥାପି, କିଛି ଅଞ୍ଚଳରେ ଅସ୍ଥାୟୀ ଚଢ଼ଉ ଛଡ଼ା ମୋଟାମୋଟି ଭାବେ ମାଫିଆ ନିୟନ୍ତ୍ରଣରେ କୌଣସି ଦୃଢ଼ ବ୍ରେକ୍ ଲାଗିନାହିଁ। ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢ଼ା ନଦୀପଠାରୁ ଦିନରାତି ବାଲି ଉତ୍ତୋଳନ ଚାଲିଥିବା ବେଳେ କୋରେଇ, ଦଶରଥପୁର, ବିଞ୍ଝରପୁର, ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବାଲି–ପଥର–ମୋରମ ମାଫିଆଙ୍କ ଉତ୍ପାତ ବଢ଼ିଚାଲିଛି। ଅବୈଧ ଖନନର ପ୍ରଭାବରେ ଗ୍ରାମୀଣ ରାସ୍ତା, ଜଳସେଚନ ପ୍ରକଳ୍ପ ଓ ଜଙ୍ଗଲ ଜମି ମଧ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେଉଛି। ଏହି ଲୁଟ୍ ପଛରେ ଖଣି ବିଭାଗର ଭୂମିକା ନେଇ ଗମ୍ଭୀର ଅଭିଯୋଗ ଉଠିଥିବା ବେଳେ ଜଗତସିଂହପୁର ଜିଲ୍ଲାପାଳଙ୍କ ଦ୍ୱାରା ଖଣି ବିଭାଗର ଉଚ୍ଚ ଅଧିକାରୀମାନଙ୍କ ବିରୋଧରେ ଲେଖାଯାଇଥିବା ଚିଠି ଏବେ ଯାଜପୁର ସର୍କଲର ଡିଡିଏମ୍ଙ୍କ ଭୂମିକାକୁ ସନ୍ଦେହ ଘେରକୁ ଆଣିଛି।

ପରିବେଶବିତମାନେ ମଧ ଏହି ଅଭିଯୋଗ ସମ୍ପର୍କରେ ସରକାରଙ୍କୁ ଚିଠି ଲେଖିଛନ୍ତି। ଏହାକୁ ନେଇ ଯାଜପୁର ସର୍କଲ ଡିଡିଏମ୍ ଜୟ ପ୍ରକାଶ ନାୟକ ସମସ୍ତ ଅଭିଯୋଗକୁ ସ୍ପଷ୍ଟଭାବେ ଖଣ୍ଡନ କରିଛନ୍ତି।

## କେ-ଫର୍ମ ପାଇଥିବା ଅନୁସୂଚିତ ଜନଜାତିଙ୍କୁ ମିଳିବ ଜଙ୍ଗଲ ଜମି

**କେନ୍ଦ୍ରାପଡା,୨୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଉପକୂଳବର୍ତ୍ତି ଅଂଚଳରେ ରହୁଥିବା ଅନୁସୂଚିତ ଜନଜାତି ବର୍ଗଙ୍କୁ ଜଙ୍ଗଲ ଜମି ପ୍ରଦାନ ନିମନ୍ତେ ଏକ ସମୀକ୍ଷା ବୈଠକ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଖରନାସୀ ଗ୍ରାମର ଅନୁସୂଚିତ ଜନଜାତି ବର୍ଗର ଯେଉଁ ବ୍ୟକ୍ତିମାନେ କେ-ଫର୍ମ ପାଇଥିବେ, ସେମାନଙ୍କୁ ଜଙ୍ଗଲ ଜମି ପ୍ରଦାନ ନିମନ୍ତେ ଆଲୋଚନା କାଯାଇଥିଲା।



ଏଥିରେ ମହାକାଳପଡା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ରାମଚଣ୍ଡୀ ସର୍କଲ ର ରାଜସ୍ୱ ସୁପର ଭାଇଜର, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ମଙ୍ଗଳ ବିଭାଗର ବୃତି ସଂଯୋଜକ ବଳରାମ ପାଢି ସହଯୋଗ କରିଥିଲେ ।

## ସ୍ଥାୟୀ ମଶାଣି ପାଇଁ ୱାର୍ଡବାସୀଙ୍କ ଦାବି

**ଫୁଲବାଣୀ,୨୧।୧୨(ସଂଚାର ବ୍ୟୁରୋ):** ଫୁଲବାଣୀ ପୌର ପରିଷଦରେ ସ୍ଥାୟୀ ମଶାଣି ପାଇଁ ଦୀର୍ଘ ଦିନରୁ ଦାବି କରିଆସୁଥିଲେ ସୁଦ୍ଧା, ଆଜିଯାଏଁ ତାହା ପୂରଣ ହେଉନି। ଫୁଲବାଣୀ ପୌରପରିଷଦର ୱାର୍ଡ ନ-୬,୭,୯ର ଶଗଡ଼ିଆ ସାହି, ଅମଲା ପଡା, ପେଞ୍ଜିସାହି, ଏଫ୍,ସି,ଆଇ ଛକ, ଅରବିନ୍ଦନଗର, ଗଡତ ସାହିରର ବାସିନ୍ଦାମାନଙ୍କୁ ଶବଦାହ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଅଛି ।



ପୂର୍ବରୁ ଏଫ୍,ସି ଆଇ ଛକ୍ ପାଖରେ ଥିବା କିଛି ଖାଲି ଜାଗାରେ ଏହି ସବୁ ଅଂଚଳବାସୀ ଶବଦାହ କରୁଥିଲେ, କିନ୍ତୁ ପୌରବାରିଷଦ ତରଫରୁ ସେହି ଜାଗାରେ ପ୍ରଥମେ ମାଛ, ମାଂସ ମାର୍କେଟ ପରେ ପରେ ସହରର ସମସ୍ତ ମଇଳା ଆବର୍ଜନା ଉକ୍ତ ଜାଗାରେ ପକାଉଥିବାରୁ ଶବଦାହ କରିବାରେ ବହୁତ ଅସୁବିଧା ହେଉଅଛି ବୋଲି ସ୍ଥାନୀୟ ଶଗଡ଼ିଆ ସାହିର ସଭାପତି କୁମୁଦ ନାୟକ, ସୁବାସ କହଁର, ଗ୍ରାମର କୁଷାଦକ୍ଷ ପ୍ରମୋଦ ନାୟକ, ଯୁବ ସଭାପତି ରଞ୍ଜିତ ନାୟକ, ସାନୁଜ କହଁର, ଚିତ୍ର ନାୟକ, ଜୟ ନାୟକ ସେହିପରି ପେଞ୍ଜି ସାହିର ଲବ ମୁଖି ୬ ନମ୍ବର ୱାର୍ଡର ଯୁବନେତୃତ ରମାକାନ୍ତ ବେହେରା ଓ ଅନ୍ୟମାନେ କହିଛନ୍ତି। ଏନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ପଚାରି ବୁଝିବାରୁ ନିର୍ବାହୀ ଅଧିକାରୀ ପ୍ରତିଉତ୍ତରରେ କହିଥିଲେ କି ସ୍ଥାନୀୟ ବିଧାୟକ ଏହି ସବୁଜାଗାରେ ମଶାଣି ଗୃହ ତିଆରି କରିବା ପାଇଁ ତାଙ୍କରି ସ୍ୱତନ୍ତ୍ର ପାଣ୍ଠିରୁ ୭ ଲକ୍ଷ ଟଙ୍କା ଲେଖାଁଏ ପ୍ରଦାନ କରିଛନ୍ତି । ସେହି ଟଙ୍କା ଆସିଲେ ଆମ୍ଭେ ଏହି ୱାର୍ଡ଼ ଗୁଡିକରେ ମଶାଣି ଗୃହ ତିଆରି କରିବୁ ବୋଲି କହିଥିଲେ ।

ଲୋକଙ୍କ କହିବା କଥା ବାରମ୍ବାର ସରକାରୀ କଳ ଓ ଲୋକପ୍ରତିନିଧିମାନଙ୍କୁ ଜଣାଇଲେ ମଧ କିଛି ଫଳପ୍ରଦ ହେଉନଥିବା ଜଣାପଡୁଛି। ଦେଖିବାକୁ ବାକି ରହିଲା ସରକାର କେବେ ଏହିୱାର୍ଡ ବାସୀଙ୍କ ଦୁଃଖ ବୁଝି ସେମାନଙ୍କ ପାଇଁ ମଶାଣି ଗୃହ ତିଆରି କରୁଛନ୍ତି।

### ଗୟଳ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

# ମୃତ ପରିବାରକୁ କୁଲଡିହା ବନ ବିଭାଗର ଅଣଦେଖା

**ନୀଳଗିରି,୨୧।୧୨(ସଂଚାର ବ୍ୟୁରୋ):** କୁଲଡିହା ଅଭୟାରଣ୍ୟର କର୍ମଚାରୀଙ୍କ କାର୍ଯ୍ୟର ଅବହେଳା ଯୋଗୁଁ ଗୟଳ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ୯ ଦିନ ବିତିଯାଇଥିଲେ ମଧ ବନବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୃତକଙ୍କ ଘରେ ନ ପହଞ୍ଚିବା ଏବଂ ସରକାରୀ ସହାୟତାରୁ ବଞ୍ଚିତ କରିବାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ଲାଗି ରହିଥିବା ବେଳେ ମୃତ ପରିବାରର ବର୍ଗଙ୍କୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଛନ୍ତି ଗ୍ରାମବାସୀ। ଏ ନେଇ ଗ୍ରାମବାସୀ ଏକ ବୈଠକ କଲା ପରେ କେସିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ହେମ୍ବ୍ରମଙ୍କ ନେତୃତ୍ୱରେ ଶ୍ରୀନିବାସ ବାଗ, ସୁନାରାମ ସୋରେନ, ରବୀନ୍ଦ୍ର ଟୁଡୁ, ଜୁନାରାମ ମାରାଣ୍ଡି, କାଣ୍ଡେ ସିଂ, ଜୟରାମ ମାଝୀ, ମାଣିକ ଖଣ୍ଡେଇ, ଗୌର ସିଂ, ସନ୍ତୋଷ ମଲ୍ଲିକ, ଶ୍ରୀକାନ୍ତ ଖଣ୍ଡେଇ, ଗୀତ ସିଂ, କୃଷ୍ଣ ବେହେରା ସମେତ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଭେଟି ମୃତ ପରିବାରକୁ ତୁରନ୍ତ ସହାୟତା ଏକ ଦାବୀ ପତ୍ର ଦେଇଥିଲେ। ଡିଏଫ ଶ୍ରୀଯୁକ୍ତ ମଲ୍ଲିକ ଉକ୍ତ ଘଟଣା ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ବନ ବିଭାଗ ଯଦି କିଛି ସମାଧାନର ବାଟ ନ କରନ୍ତି ତାହାଲେ ନ୍ୟାୟ ପାଇଁ କୁଲଡିହା ଅଫିସ ସମ୍ମୁଖରେ ମୃତ ପରିବାରଙ୍କ ସହିତ ଗ୍ରାମବାସୀ ଧର୍ମଘଟ କରିବେ ବୋଲି ଦୃଢ ଚେତାବନୀ ଦେଇଛନ୍ତି।

## ବଣଭୋଜି ପରେ ସଫେଇ କଲେ ଛାତ୍ରଛାତ୍ରୀ





**ମହାକାଳପଡ଼ା,୨୧।୧୨(ସଂଚାର ବ୍ୟୁରୋ):**ପର୍ଯ୍ୟଟନ ଋତୁ ଆରମ୍ଭ ପରେ ବର୍ତ୍ତମାନ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି । ପ୍ରାକୃତିକ ସ୍ଥାନର ମଜାନେବା ସହିତ ଭୋଜିଭାତର ଆସର ମଧ ଖୁବ୍ ଜମୁଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ନନ୍ତାର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପାରାଦ୍ୱୀପ ଲାଇଟ୍ ହାଉସ୍ ସ୍ଥିତ ବେଳାଭୂମି ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଆସିଥିଲେ । ନିକଟସ୍ଥ ଜଗନ୍ନାଥ ମନ୍ଦିର ଏବଂ ସ୍ମୃତି ଉଦ୍ୟାନ ବୁଲିବା ସହିତ ଏକ ଭୋଜିଭାତର ଆୟୋଜନ ମଧ ହୋଇଥିଲା । ଏହି ବଣଭୋଜିରେ ପାରାଦୀପର ପରିବେଶ କର୍ମୀ ବାପି ଗୋଛାୟତ ମଧ ଯୋଡ଼ି ହୋଇଥିଲେ। ଭୋଜି ସରିବା ପରେ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀ ସମେତ ସମସ୍ତେ ଉକ୍ତ ପରିବେଶକୁ ସଫାସୁତୁରା କରିଥିଲେ।

## ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଅଟକ

**ବାଲିଅନ୍ତା,୨୧।୧୨(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ସାଇଫନ ନିକଟରେ ଅତର୍କିତ ଚଢ଼ଉ କରି ଏକ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ କରିଛି । ବାଲିଅନ୍ତା ଅଞ୍ଚଳରୁ ପ୍ରତ୍ୟେକ ଦିନ ଶତାଧିକ ଟ୍ରିପ ବାଲି ଓ ମାଟି ଆଦି ଲଘୁ ଖଣିଜ ସାମଗ୍ରୀ ଚାଲାଣ ନେଇ ବାଲିଅନ୍ତା ଥାନା ଏବଂ ଖଣି ବିଭାଗରେ ଅଭିଯୋଗ ହୋଇଆସୁଥିଲା । ଆଜି ଏ ଏସ ଆଇ ଅନୀଲ ନାୟକ ଖବର ପାଇ ସାଇଫନ ବଜାର ରାସ୍ତାରୁ ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ କରିଥିଲେ । ପୁଲିସ ଟ୍ରାକ୍ଟର ଚାଳକକୁ ଥାନାରେ





ଅଟକ ରଖି ପଚରାଉଚରା କରୁଛି । ଜବତ ଟ୍ରାକ୍ଟର ଖଣି ବିଭାଗକୁ ଜରିମାନା ନେଇ ହସ୍ତାନ୍ତର କରାଯିବ କି ଚାଳକକୁ ଗିରଫ କରାଯିବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ ।

## ରାମନଗର ରେଳ ଫାଟକ ତଳେ ଭୂତଳ ଗଳାଶଙ୍ଖ ନିର୍ମାଣ ଦାବି

### ସାଂସଦଙ୍କୁ ଚିଠି ଲେଖିଲେ ଓକିଲ ସଂଘ ସଭାପତି

**ବ୍ରହ୍ମପୁର,୨୧।୧୨(ସଂଚାର ବ୍ୟୁରୋ):** ବ୍ରହ୍ମପୁର ରେଳ ଷ୍ଟେସନ ନିକଟସ୍ଥ ଲାଞ୍ଜିପଲ୍ଲୀ-ରାମନଗର ଠାରେ ଏକ ରେଳ ଫାଟକ ରହିଛି। ଯାହାକି ଏକ ବ୍ୟସ୍ତ ବହୁଳ ରେଳ ଫାଟକ। ଏଠାରେ ୨୪ ଘଣ୍ଟାରେ ପ୍ରତି ୭ ମିନିଟରୁ ୧୦ ମିନଟ ମଧରେ ରେଳ ଯିବା ଆସିବା ଯୋଗୁଁ ପ୍ରାୟ ୧୦ରୁ ୧୫ ମିନଟ ଫାଟକ ବନ୍ଦ ରହୁଛି। ଯାହାଫଳରେ ସ୍ଥାନୀୟ ଜନସାଧାରଣ ନାହିଁ



ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରତ ସରକାରଙ୍କ ରେଳ ବିଭାଗ ଖୋଡ଼ାସିଙ୍ଗି -ଆଂକୁଲି ଗ୍ରାମ ରେଳ ଧାରଣା ପାର ହେବାକୁ ଜୀବନ ବୀମା କାର୍ଯ୍ୟାଳୟ ପଛପଟେ ରେଳ ଧାରଣା ତଳେ ଗଳାଶଙ୍ଖ ନିର୍ମାଣ କରିଥିବା ହେତୁ ସେଠାକାର ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି । ସେହିଭଳି ଲାଞ୍ଜିପଲ୍ଲୀ - ରାମ ନଗର ରେଳ ଫାଟକ ତଳେ ଏକ ଗଳାଶଙ୍ଖ ସ୍ଥାପନ କରିବା ନେଇ ଭାରତ ସରକାରଙ୍କ ରେଳ ବିଭାଗ କୁ ଚିଠି ଲେଖି ପ୍ରସ୍ତାବ ପାରିତ କରିବାକୁ ଦାବୀ ଜଣାଇଛନ୍ତି ଗଂଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ଏନେଇ ବ୍ରହ୍ମପୁର ସାଂସଦକୁ ଚିଠି ଲେଖି ସେ ଅବଗତ କରାଇଛନ୍ତି।

# ରାସ୍ତାରେ ବୁଲିଲାଣି ମାଳ ମାଳ ଡିଜେ ଗାଡ଼ି

**କାକଟପୁର/ଅସ୍ତରଙ୍ଗ, ୨୧।୧୨ (ସଂଚାର ବ୍ୟୁରୋ):** ମେଣ୍ଢା ପଲ ଘଉଡ଼ାଇବା ଭଳି କାର୍ଯ୍ୟ କରୁଛି ଜିଲ୍ଲା ପୁଲିସ। କେତେବେଳେ ବାଂଲା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ଚାରିଦିଗ ଖେଦି ଯାଉଛି ତ, ଆଉ କେତେବେଳେ ଜିଲ୍ଲାରୁ ବିକଟାଳ ଶବ୍ଦ ଯୁକ୍ତ ଡିଜେ ବାଜାକୁ ବନ୍ଦ କରାଯିବାର ଦର୍ପ ଦେଖାଇ ତନାଘନା ଚଳାଉଛି। ବ୍ରାଉନ ସୁଗାର ବେପାରୀଙ୍କୁ ପାତାଳରୁ ଖୋଜି ବାହାର କରିବାକୁ ବି ବାହାସ୍ଫଟ ମରାଯାଇଥିଲା। ଅବଶ୍ୟ ପୁଲିସ ଅପରାଧ ଦମନ କ୍ଷେତ୍ରରେ ସମସ୍ତ ବଳ ଖଟାଉଛନ୍ତି। କିନ୍ତୁ ମୂଳ ଚେର ପର୍ଯ୍ୟନ୍ତ ଯାଇ ସମୂଳେ ନାଶ କରିବାକୁ ଆପତତଃ ଭୁଲି ଯାଉଥିବା ଲକ୍ଷ୍ୟ କରାଯାଉଛି। କାରଣ ବର୍ତ୍ତମାନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଥାନା ଅଂଚଳରେ ପୁଲିସ ଆଉ ଡିଜେ ଗାଡି ଜବତ କ୍ଷେତ୍ରରେ ଅଭିଯାନକୁ ବଳବତ୍ତର ରଖୁନାହିଁ। ବିବାହ ଋତୁ ଥିବାରୁ ଅସ୍ତରଙ୍ଗ ଓ କାକଟପୁର ଥାନା ଅଂଚଳରେ ଡିଜେ ବଜାଇ ଧମାଲ ପୁଣି ଗଗନ ପବନକୁ ପ୍ରକମ୍ପିତ କରିବା ଆରମ୍ଭ କରିଛି। ଏମିତିକି ପୁଲିସ ସମ୍ମୁଖରେ ବଡ଼ ଆକାରରେ ଡିଜେ ଗାଡି ରାସ୍ତାରେ ଯାତାୟାତ କରୁଛନ୍ତି। ଡିଜେ ଗାଡିର ମୂଳ ଢାଞ୍ଚା ପରିବର୍ତ୍ତନ ହୋଇଥିବା ଦେଖୁଥିଲେ ସୁଦ୍ଧା ପୁଲିସ ଅନ୍ଧ ପାଲଟି ଯାଇଛି। ଅନ୍ୟ ପଟେ ପୁରୀ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ନିଦା ବିଷ୍ଣୁ ହୋଇ ବସିଛି। ଏଭଳି ଡିଜେ ଗାଡି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆରଟିଓ କ୍ଷମତାପ୍ରାପ୍ତ ରହିଥିଲେ ସୁଦ୍ଧା ଜବତ ଦିଗରେ ପାଦ ବଢ଼ାଉ ନାହାନ୍ତି। ବରଂ କର୍ମଚାରୀ ଅଭାବ ଆଳ ଦେଖାଉଛନ୍ତି।

ଉଭୟ ପରିବହନ ବିଭାଗ ଓ ପୁଲିସ ଜାକିଜୁକି ହୋଇ ବସି ରହିବା ଦ୍ୱାରା ଅନେକ ବ୍ୟବସାୟୀ ଛୋଟ ଗାଡି ବା ଟ୍ରଲିରେ ମେଞ୍ଚାଏ ବକ୍ସ ଲଦି ଡିଜେ ଭଳି ଶବ୍ଦ ପ୍ରଦୂଷଣ ବଢ଼ାଇ ଚାଲିଛନ୍ତି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ। ଗାଡିର ମୂଳ ଢାଞ୍ଚା ପରିବର୍ତ୍ତନ କରି ବେଆଇନ ଭାବେ ଡିଜେ ଗାଡି ନିର୍ମାଣ କରାଯାଉଥିବାରୁ ଡିଜେ ଗାଡି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଘୋଷଣା ହୋଇଥିଲା। ମୋଟର ଯାନ ଆଇନରେ ଡିଜେ ଭ୍ୟାନ୍ କୌଣସି ପ୍ରଚଳିତ ବ୍ୟବସ୍ଥା ନଥିବା ଜାଣିବା ସତ୍ତ୍ୱେ ବର୍ତ୍ତମାନ କାକଟପୁର, ଅସ୍ତରଙ୍ଗ ପୁଲିସ ଓ ଜିଲ୍ଲା ଆରଟିଓ ଗୋଟେ ପ୍ରକାର ନିଘୋଡ଼ ନିଦ୍ରାରେ। ଏଣେ ଅନେକ ସାମାଜିକ ଉତ୍ସବରେ ଡିଜେ ବାଜାକୁ ନେଇ ବିଶୃଙ୍ଖଳା ପରିବେଶ ସୃଷ୍ଟି ହେଉଛି।

### ପୁଲିସ, ପରିବହନ ବିଭାଗ ଚୁପ

### ସନ୍ଧ୍ୟା ହେଲେ କମ୍ପୁଛି ଛାତି ଥରା ଡିଜେ ସାଉଣ୍ଡ






## ସାମ୍ବାଦିକଙ୍କ ପଛରେ ଓଏସ୍‌ଡିଙ୍କର ଗୁଇନ୍ଦାଗିରି

ରାଜ୍ୟ ଗୁଇନ୍ଦା ପୁଲିସଙ୍କ ଅବତାରରେ ଜଣେ ଓଏସ୍‌ଡି ବାବୁ। ବାବୁ ଜଣଙ୍କ ସରକାରଙ୍କ ପ୍ରତି ଏତେ ଅନୁରକ୍ତ ଯେ ନିଜର ମୂଳ କାମ ଛାଡି ସାମ୍ବାଦିକଙ୍କ ପଛରେ ପଡିଛନ୍ତି। ସାମ୍ବାଦିକମାନେ କ'ଣ ସବୁ ପ୍ରଶ୍ନ ପଚାରୁଛନ୍ତି ତାହାକୁ ରେକର୍ଡିଂ କରୁଥାନ୍ତି। ଜଣ ଜଣଙ୍କ ଉପରେ ନଜର ରଖୁଥାନ୍ତି। ଏଭଳି ଜଣେ ଓଏସ୍‌ଡିଙ୍କୁ ଦେଖିବାକୁ ମିଳିଲା ଟାଟା ପାୱାର ସାମ୍ବାଦିକ ସମ୍ମିଳନୀରେ। ରାଜ୍ୟରେ ଏବେ ଟାଟା ପାୱାର ଉପରେ ଲୋକେ ରକ୍ତ ଚାଉଳ ଚୋବାଉଛନ୍ତି। ଶକ୍ତି ବିଭାଗକୁ ବି ମନଇଚ୍ଛା ଗାଳି ଦେଉଛନ୍ତି। ଅତିରିକ୍ତ ସୁରକ୍ଷା ଜମା ଅର୍ଥ ଦେବାପାଇଁ ନୋଟିସ୍ ପାଇଲା ପରେ ଲୋକେ ମାରେ ନମାରେ ସ୍ଥିତିରେ। ଏଣେ ଲୋକଙ୍କ ରାଗ ଦେଖି ଟାଟା ପାୱାର କର୍ତ୍ତୃପକ୍ଷ ନିଜ ମୁଣ୍ଡରୁ ଦୋଷ ଛଡାଇବାପାଇଁ ସାମ୍ବାଦିକ ସମ୍ମିଳନୀଟିଏ ଡାକିଥିଲେ। ରାଜଧାନୀର ସାମ୍ବାଦିକମାନେ ଖବର ପାଇଲାମାତ୍ରେ ଧାଇଁଲେ। ହେଲେ ପ୍ରଶ୍ନ ପଚାରିଲା ବେଳକୁ ଦେଖିଲେ ଜଣେ ଓଏସ୍‌ଡି ସେଠାରେ ଚକ୍କର କାଟୁଛନ୍ତି। ସମସ୍ତଙ୍କ ଉପରେ ନଜର ରଖୁଛନ୍ତି। ଯାହାକୁ ନଚିହ୍ନିଛନ୍ତି ପଚାରି ବୁଝୁଛନ୍ତି। ମଝିରେ ମଝିରେ କାହାକୁ ଫୋନ୍‌ରେ ସୂଚନା ଦେଉଛନ୍ତି। ବାବୁଙ୍କର ଏମନ୍ତ କାମ ଦେଖିଲା ପରେ ସାମ୍ବାଦିକମାନେ ଖୋଳତାଡ କରି ଜାଣିଲେ ଯେ ସେ ହେଉଛନ୍ତି ଜଣେ ଓଏସ୍‌ଡି। ବରିଷ୍ଠ ସରକାରୀ ବାବୁ। ହେଲେ ଏଭଳି ସାନ କାମ କରୁଥିବା ଦେଖି କିଛି ସାମ୍ବାଦିକ ତାଙ୍କ ଫଟୋ ଉଠାଇବାକୁ ଗଲା ବେଳକୁ ବାବୁ ସେଠାରୁ ଚମ୍ପଟ ମାରିଲେ। ପୂର୍ବରୁ କୌଣସି ସରକାରୀ ବାବୁ ବିଶେଷକରି ଓଏସ୍‌ଡିଙ୍କୁ ଏଭଳି ଗୁଇନ୍ଦା କାର୍ଯ୍ୟ କରିବାର ଦେଖାଯାଇନଥିଲା। ହେଲେ ଏ ବାବୁ କାହାପାଇଁ ଗୁଇନ୍ଦାଗିରି କରୁଥିଲେ ତାହା ଏବେ ସାମ୍ବାଦିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।





## ସଂସ୍କୃତି ବାବୁଙ୍କୁ ଅଚିହ୍ନା ରୋଗ

ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ବାବୁଙ୍କୁ ଅଚିହ୍ନା ରୋଗ ଧରିଛି। ତାଙ୍କୁ ଏଠାରେ ଆୟୋଜିତ ହର୍ବାଲ ମେଳାରୁ ଔଷଧ ଦିଆଯାଉଛି। ପୁସ୍ତକମେଳା ପରିସରରେ ଜଣେ ବୟସ୍କ ବ୍ୟକ୍ତି ଏଭଳି ରାଗ ଗର ଗର ହୋଇ କହୁଥିବାବେଳେ ଆଉ କିଛି ଲୋକ ସେଠାରେ ଛିଡା ହୋଇଥିଲେ। ଆମେ ଟିକେ ଅଟକିଗଲୁ କଥାଟା ଶୁଣିବାପାଇଁ। ବୟସ୍କ ବ୍ୟକ୍ତି ଜଣଙ୍କ କହୁଥାନ୍ତି ଏ ସଂସ୍କୃତି ବିଭାଗ ଏଠାରେ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ଗୋଟିଏ ଗ୍ୟାଲେରୀ କରିଛନ୍ତି। କାହିଁ କେତେ ଲୋକ ଆସି ତାକୁ ଦେଖୁଛନ୍ତି। ପିଲାଏ ରାଜ୍ୟର ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନୁଛନ୍ତି। ହେଲେ ସଂସ୍କୃତି ବାବୁମାନେ ଯେଉଁ ମହିଳା ସଂଗ୍ରାମୀଙ୍କ ଫଟୋ ମାରିଛନ୍ତି ସେମାନଙ୍କ ମଧ୍ୟ ତିନି ଜଣ ଆଦୌ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇନଥିଲେ। ଜଣଙ୍କର ବୟସ ଦେଶ ସ୍ୱାଧୀନତା ହେଲା ବେଳକୁ ମାତ୍ର ୭ବର୍ଷ ହୋଇଥିଲା। ସିଏ ବି କୁଆଡେ ଫୋନ୍ କରି ନିଜେ ସ୍ୱାଧୀନତା ସଂଗ୍ରାମୀ ବୋଲି ମନା କଲେଣି। ଆଉ ଦୁଇ ଜଣ ବି ସ୍ୱାଧୀନତା ସଂଗ୍ରାମର ଧାର ଧାରି ନାହାନ୍ତି। ତେବେ ସଂସ୍କୃତି ବିଭାଗର ସଂସ୍କୃତି ସମ୍ପନ୍ନ ବାବୁମାନେ ଏମାନଙ୍କୁ କିଭଳି ସ୍ୱାଧୀନତା ସଂଗ୍ରାମୀ ସଜାଇ ଏଠାରେ ଫଟୋ ମାରିଲେ ତାହା ଜଣାପଡୁ ନାହିଁ। ଏମାନଙ୍କୁ ବୋଧେ ଅଚିହ୍ନା ରୋଗ ଧରିଛି। ମୋଟା ଦରମା ପାଉଥିବା ବାବୁମାନଙ୍କର ଏଭଳି ରୋଗ ପାଇଁ ଆରପଟରେ ଚାଲିଥିବା ହର୍ବାଲ ମେଳାରୁ ଔଷଧ ନେବାକୁ ବୟସ୍କ ଜଣଙ୍କ କହୁଥିବାବେଳେ ଅନ୍ୟମାନେ ସେଠାରେ ମୁଣ୍ଡ ଟୁଙ୍ଗାରୁଥିଲେ। ଏକଥା ଶୁଣିବାପରେ ଆମେ ସେଠାରେ ରହିବା ବଦଳରେ ସଂସ୍କୃତି ବିଭାଗର ବାବୁଙ୍କର ଏଭଳି ଦେବ ଦୁର୍ଲଭ କାର୍ଯ୍ୟର ପ୍ରଶଂସା ଶୁଣି ସେଠାରୁ ପଳାଇ ଆସିବାକୁ ଉଚିତ୍ ମଣିଲୁ।

## ଥାନାକୁ ପଡ଼ିଛି ଶନିଦଶା




କମିଶନରେଟ ପୁଲିସ୍‌ର ସବୁଠାରୁ ଚକାଚକ୍ ଥାନା ହେଉଛି ଭରତପୁର ଥାନା। ବାହାରୁ ଦେଖିଲେ ତାରକା ହୋଟେଲ ଭଳି ଦିଶୁଛି। ହେଲେ ଥାନାରେ ରହିବାକୁ ଆଉ ଖାକିବାବୁମାନେ ରାଜି ହେଉନାହାନ୍ତି। ଏଠାରେ ଯିଏ ରହୁଛି ସିଏ ବିବାଦରେ ଫସୁଛି ନହେଲେ ମାଡ ଖାଉଛି। ରାଜଧାନୀର ଖାକି ମହଲରେ ଏମିତି ଚର୍ଚ୍ଚା ଚାଲିଛି। କିଛି ଦିନ ତଳେ ଏହି ଥାନାର ଜଣେ ବାବୁ ବିନା ଦୋଷରେ ଫସିଗଲେ। ଥାନାର ଜଣେ କର୍ମଚାରୀଙ୍କ ଏପଟ ସେପଟ ବ୍ୟବହାର ପାଇଁ ବାବୁ ବିଚରା ଚାକିରିରୁ ନିଲମ୍ବିତ ହେବାଯାଏ କଥା ଗଲା। ତାଙ୍କ ପରେ ଯିଏ ଆସିଲେ ସିଏ ବି ବିଭିନ୍ନ ମାମଲାରେ ଛନ୍ଦି ହୋଇଗଲେ। ଏଠାରୁ ଯିବାପରେ ବି ବିବାଦ ତାଙ୍କ ପିଛା ଛାଡୁ ନାହିଁ। ନିକଟରେ ଥାନାର ଖାକିବାବୁମାନେ ବିଭିନ୍ନ ସ୍ଥାନରେ ଚଢଉ କରିବାକୁ ଯିବା ସମୟରେ ମାଡ ଖାଇ ଫେରିଛନ୍ତି। ଥାନାରେ ବାସ୍ତୁଦୋଷ ଥିବା ଜଣେ ବାବା କହିବାପରେ ଭଲ ରକମର ପୂଜାପାଠ ବି ହୋଇଥିଲା। ହେଲେ ତାହା କୁଆଡେ କାମ ଦେଲା ନାହିଁ। ଥାନା ନିର୍ମାଣ ସମୟରୁ ଏଥିରେ ଯେଉଁ ତ୍ରୁଟି ରହିଛି ତାହା କୌଣସି ଶନି ଦଶା ଠାରୁ କମ୍ ନୁହେଁ। ଫଳରେ ଏହି ଥାନାକୁ ଆସିବାକୁ ଆଉ କେହି ରାଜି ହେଉ ନାହାନ୍ତି। ଯିଏ ଆସୁଛି ଦିନ କେଇଟାରେ ଧରାଧରି କରି ଏଠାରୁ କିଭଳି ଛୁ ମାରିବେ ସେହି ଚିନ୍ତାରେ ରହୁଛନ୍ତି। ଏହା ଏବେ କମିଶନରେଟ ପୁଲିସ୍‌ର ବଡ ବାବୁମାନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଶନି ଦଶା କିଭଳି କଟିବ ସେଥିପାଇଁ ବିଭିନ୍ନ ତାନ୍ତ୍ରିକ ମାନଙ୍କ ସହିତ ଯୋଗଯୋଗ ଚାଲିଛି।



## ପ୍ରଶାନ୍ତ-ପ୍ରଫୁଲ-ସୁର

ଜୟଦେବ ଭବନ ଆଗରେ ଥିବା ବରଗଛଟି ଏବେ ସୁର ଭାଇଙ୍କ ପାଇଁ ପ୍ରସିଦ୍ଧିଲାଭ କରିଛି। ସୁର ଭାଇ ମାନେ କଂଗ୍ରେସର ଭେଟେରାନ ନେତା ସୁର ରାଉତରାୟ ଏଠାରେ ବାଇଟ୍ ଦେଇଥାନ୍ତି। ଦୁଇ ଦିନ ତଳେ ସୁର ଭାଇଙ୍କୁ ଅପେକ୍ଷା କରିଥିବା କିଛି ଯୁବକ ଆଲୋଚନାବେଳେ କହିଲେ ଓଡିଶା ରାଜନୀତିରେ ପ୍ରଶାନ୍ତ-ପ୍ରଫୁଲ-ସୁର ଏବେ ଗୋଟିଏ ଡଙ୍ଗାରେ। କଥାଟା ବୁଝି ନପାରି ଆମେ ଟିକେ ପଚାରିଦେଲୁ, ଏମିତି କେମିତି ମା। ତହୁଁ ଯୁବକ ଜଣଙ୍କ କହିଲେ ଚଳଚିତ୍ର ଭେଟେରାନ ପ୍ରଶାନ୍ତ ନନ୍ଦ ଯେତେବେଳେ ବିଜେଡିର ରାଜ୍ୟସଭା ସାଂସଦ ଥିଲେ ତାଙ୍କ ପୁଅ ବିଜେପି ଟିକଟରୁ ବେଗୁନିଆ ପ୍ରାର୍ଥୀ ହୋଇଥିଲେ। ଘର ଭିତରେ ବାପ ପୁଅ ଦୁଇ ଦଳ। ଏବେ ବିଜେଡି ନେତା ପ୍ରଫୁଲ ସାମଲଙ୍କ ପୁଅ ପ୍ରୟାଶ ଓ ଅୟାଶ ବିଜେପି ନେତା। ତାଙ୍କ ଘର ଭିତରେ ବି ବାପୁ ପୁଅଙ୍କର ଦୁଇ ଦଳ। ସୁର ଭାଇତ କିଛି ଦିନ ହେଲା ସେଇ ଡଙ୍ଗାରେ ବସିଛନ୍ତି। ସୁର ଭାଇ କଂଗ୍ରେସର ଜୟ ଜୟ କାର କରୁଥିବାବେଳେ ତାଙ୍କରି ଘର ଭିତରେ ପୁଅ ମନ୍ମଥ ଶଙ୍ଖ ଫୁଙ୍କିବାରେ ବ୍ୟସ୍ତ। ସେହି ଆଧାରରେ ଏବେ ଓଡିଶା ରାଜନୀତିରେ ପ୍ରଶାନ୍ତ-ପ୍ରଫୁଲ- ସୁର ଗୋଟିଏ ସରଳରେଖାରେ ଅଛନ୍ତି। ଅବଶ୍ୟ ଏବେ ପ୍ରଶାନ୍ତ କିମ୍ବା ତାଙ୍କ ପୁତ୍ରଙ୍କ ବିଷୟରେ ସେଭଳି କିଛି ଖୋଜ ଖବର ନଥିବାବେଳେ ପ୍ରଫୁଲ ଓ ସୁର କିନ୍ତୁ ମଇଦାନରେ ରହିଛନ୍ତି। କଥାଟା ବୁଝି ସାରିଲା ବେଳକୁ ସେପଟୁ ସୁର ଭାଇଙ୍କ ରେଡି ରଡି ଶୁଣିବାକୁ ମିଳିଲା।

## ନବୀନଙ୍କୁ ଚିରିଲା କିଏ?




ନବୀନ ପଟ୍ଟନାୟକଙ୍କୁ ଆଜ୍ଞା ଚିରି ଦେଇଛନ୍ତି। ହେଇ ଦେଖୁ ନାହାନ୍ତି କିଭଳି ଚିରା ହୋଇଥିବା କାଗଜ ଦିଶୁଛି। ପୁସ୍ତକ ମେଳାରୁ ରାଜ୍ୟ ସଂଗ୍ରହାଳୟ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଓଡିଶା ଗସ୍ତ ଉପରେ ରଚିତ ଦୁଇଟି ପୁସ୍ତକ କିଣିଥିବା ଜଣେ ବାବୁ ଏଭଳି ଚିତ୍କାର କରୁଥିଲେ। ବହି ଦୋକାନିଟି ବିଚରା ନାଚାର। କିଛି ବୁଝିପାରୁ ନଥାଏ। ଆମେ ଟିକେ ବହିକିଣା ବାବୁଙ୍କ ନିକଟକୁ ଯାଇ ପଚାରିଲୁ। ନବୀନଙ୍କୁ କିଏ ଚିରିଦେଲା ? ବାବୁ କହିଲେ, ହେଇ ଦେଖୁ ନାହାନ୍ତି ଏ ବହି ଦୁଇଟିରେ ଥିବା ନବୀନ ବାବୁଙ୍କ ଫଟୋ ଲଗା ବାର୍ତ୍ତାକୁ କିଭଳି ଚିରି ଦିଆଯାଇଛି। ଏ ବହି ଦୁଇଟି ନବୀନ ବାବୁଙ୍କ ସରକାର ସମୟରେ ହୋଇଥିଲା। ଏଥିପାଇଁ ରାଜକୋଷରୁ ଅର୍ଥ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ ବହିରେ ମୁଖ୍ୟମନ୍ତ୍ରୀଙ୍କର ସଚିତ୍ର ବାର୍ତ୍ତା ରହିଥିଲା। ହେଲେ ନବୀନ ବାବୁ କ୍ଷମତାରୁ ଯିବାପରେ ବହି ପ୍ରସ୍ତୁତକାରୀମାନେ ତାଙ୍କ ବାର୍ତ୍ତା ଥିବା କାଗଜକୁ ଚିରି ଉଡାଇ ଦେଇଛନ୍ତି। ଆମେ ଏହା ଶୁଣିବାପରେ ବହି ଦୋକାନିକୁ ଅନାଇଲୁ। ଦୋକାନୀ ବାପୁଡା ଭୟଭୀତ ହୋଇ ଆଉ କିଛି ସମାନ ପୁସ୍ତକ ଟାଣି ଆଣିଲା। ଦେଖିଲା ବେଳକୁ ସେଥିରେ ବି ସମାନ ଅବସ୍ଥା। ଦୋକାନୀ କହିଲା ଏ ବହିର ପ୍ରସ୍ତୁତକର୍ତ୍ତା ହେଉଛି ରାଜ୍ୟ ସଂଗ୍ରହାଳୟ। ଆମର କିଛି ଦୋଷ ନାହିଁ। ଏଥର ବହି କିଣା ବାବୁ ସବୁକିଛି ବୁଝିଗଲା ଭଳି ବହି ଦୁଇଟି ଧରି ସେଠାରୁ ବାହାରିଲେ। ଆମେ କେବଳ ଭାବୁଥିଲୁ, କ'ଣ ପାଇଁ କେତେ ସମୟ ଧରି ସଂଗ୍ରହାଳୟର ମୁଖିଆ ସବୁ ଏତେ ପରିଶ୍ରମ କରି ନବୀନଙ୍କୁ ଚିରି ପକାଇଲେ।

# ଅନଲାଇନ୍ ସାଇବର ଠକେଇ: ୪ ଗିରଫ

### ୨ ବ୍ୟାଙ୍କ୍ ଜମାଖାତା, ୫ଟି ମୋବାଇଲ୍, ଗୋଟିଏ ଏଟିଏମ୍ କାର୍ଡ ଜବତ



**ଛତ୍ରପୁର, ୨୧।୧୨ (ସଂଚାର ବ୍ୟୁରୋ):** ଅନ୍‌ଲାଇନ୍ ସାଇବର ଠକେଇ ମାମଲାରେ ଛତ୍ରପୁର ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ବ୍ୟାଙ୍କ୍ ଜମାଖାତା, ୫ଟି ମୋବାଇଲ୍, ଗୋଟିଏ ଏଟିଏମ୍ କାର୍ଡ ଓ ଗୋଟିଏ ଆଧାରକାର୍ଡ ଜବତ କରାଯାଇଛି। ଜବତ ହୋଇଥିବା ୨ଟି ବ୍ୟାଙ୍କ୍ ଜମାଖାତାରେ ୮ ଲକ୍ଷ ଟଙ୍କା ଅନ୍‌ଲାଇନ୍ ଦେଣନେଣ ହୋଇଥିବା ଜଣାପଡିଛି । ଗିରଫ ୪ ଜଣ ହେଲେ ଛତ୍ରପୁର ଗଣେଶନଗର ପ୍ରଥମ ଲାଇନ୍‌ର କେ.ଅନୀଲ୍ ପାତ୍ର, ନିଳକଣ୍ଠସାହିର ଗଗନ ଦଳାଇ, ହୁମ୍ମାର ଶଙ୍କର୍ଷଣ ସାହୁ ଏବଂ ରମ୍ଭା ଥାନା କୁଜିଢ଼େପ ଗ୍ରାମର ପବିତ୍ର ପ୍ରଧାନ। ଏହି ଘଟଣାର ମାଷ୍ଟର ମାଇଣ୍ଡ୍ ହେଉଛି କୁଜିଢ଼େପ ଗ୍ରାମର ପବିତ୍ର ପ୍ରଧାନ। ସେ ଗତ ୨ ବର୍ଷ ହେଲା ଫେସ୍‌ବୁକ୍ ସାଙ୍ଗ ଦିଲ୍ଲୀର ମୁଖ୍ୟ ମାଷ୍ଟର ମାଇଣ୍ଡ ରଜତ ଶର୍ମା ନାମକ ଜଣେ ବ୍ୟକ୍ତି ସହ ଯୋଗାଯୋଗ କରି ଅନ୍‌ଲାଇନ୍ ମାଧ୍ୟମରେ ସାଇବର ଠକେଇ ଚଳାଇଥିଲେ। ପବିତ୍ର ଛତ୍ରପୁର ଓ ଗଞ୍ଜାମର ମଧ୍ୟସ୍ଥିଙ୍କ ମାଧ୍ୟମରେ ପ୍ରାୟ ୭୦ ରୁ ୮୦ ଜଣଙ୍କ ବ୍ୟାଙ୍କ୍ ଜମାଖାତା ଖୋଲିଛନ୍ତି। ହିତାଧିକାରୀଙ୍କ ଆଧାରକାର୍ଡ ମାଧ୍ୟମରେ ସିମ୍ ପ୍ରସ୍ତୁତ କରି ବିଭିନ୍ନ ବ୍ୟାଙ୍କ୍ ଗୁଡିକରେ ଜମାଖାତା ଖୋଲିଛନ୍ତି। ଉକ୍ତ ଜମାଖାତା ଗୁଡିକ କୋରିଅର ମାଧ୍ୟମରେ ଦିଲ୍ଲୀର ରଜତ ଶର୍ମାଙ୍କ ନିକଟକୁ ପବିତ୍ର ପଠାଉଥିଲେ। ଗୋଟିଏ ଜମାଖାତା ପିଛା ରଜତ ଶର୍ମା ପବିତ୍ରଙ୍କୁ ୧୮ ହଜାର ଟଙ୍କା ଦେଉଥିଲେ। ସେଥିରୁ ପବିତ୍ର ୭ ହଜାର ଟଙ୍କା ରଖି ବାକି ୧୧ ହଜାର ଟଙ୍କା ମଧ୍ୟସ୍ଥିମାନଙ୍କୁ ଦେଉଥିଲେ। ଛତ୍ରପୁରର ଦିଲ୍ଲୀପ କୁମାର ଭୋଲାଟି ଓ କେ.ମଣିକାନ୍ତ ରାଓଙ୍କ ଦୁଇଟି ଜମାଖାତାରେ ଅନ୍‌ଲାଇନ୍ ଲକ୍ଷ ଲକ୍ଷ ଟଙ୍କାର ଦେଣନେଣ ଜାଣିପାରିଥିଲେ। ଏହାପରେ ଦୁହେଁ ବ୍ୟାଙ୍କ୍ ଯାଇ ସେମାନଙ୍କ ଡୁପ୍ଲିକେଟ୍ ଜମାଖାତା ବାହାର କରିଥିଲେ। ସେଥିରେ ଜାଣିପାରିଲେ ଯେ ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ ଜମାଖାତାକୁ ଆସୁଛି ପୁଣି ଉଠାଯାଉଛି। ଏହାଜାଣିବା ପରେ ସେମାନେ ତୁରନ୍ତ ଛତ୍ରପୁର ଥାନା ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଖୋଳତାଡ ଆରମ୍ଭ କରିଥିଲା। ପରେ ଘଟଣାର ପର୍ଦ୍ଦାଫାସ ହୋଇଥିଲା।



## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ସୋନପୁର, ୨୧।୧୨ (ସଂଚାର ବ୍ୟୁରୋ):** ସୋନପୁର ଥାନା ଅଧୀନସ୍ଥ ୫୭ ନମ୍ବର ଜାତୀୟ ରାଜପଥର ହରଡ଼ଖୋଲ୍ ନିକଟରେ ରବିବାର ସନ୍ଧ୍ୟା ୬ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୋନପୁର ଥାନ ଗତରକେଲା ଗାଁର ଗଙ୍ଗାଧର ବେହେରା(୩୦) ଓ ଜୟ ବେହେରା(୩୬)।

ସୂଚନା ଅନୁସାରେ, କୌଣସି କାମରେ ବଲାଙ୍ଗୀର ଯାଇଥିବା ଦୁଇ ଯୁବକ ବାଇକ (ଓଡି୩୧-ଏଚ୮୩୫୦) ରେ ଘରକୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ ଗାଡ଼ି ଧକ୍କା ଦେଇଥିଲା। ଫଳରେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ି ଘଟଣା ସ୍ଥଳରେ ଜୟଙ୍କ ମୃତ୍ୟୁ ହୋଇଥିଲା। ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ହରଡ଼ଖୋଲ ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ତେବେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ହରଡଖୋଲ ଠାରେ ଏନଏଚ୍ ଅବରୋଧ କରିଛନ୍ତି।

## ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ୍

### ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍ ମାଧ୍ୟମରେ ଫଟୋ ଓ ଭିଡିଓ ଉତ୍ତୋଳନ



**ପୁରୀ, ୨୧।୧୨ (ସଂଚାର ବ୍ୟୁରୋ):** ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ୍। ଡ୍ରୋନ୍ ଦ୍ୱାରା ନିଆଯାଇଥିବା ଶ୍ରୀମନ୍ଦିରର ଫଟୋ ହୋଇଛି ଭାଇରାଲ। ତେବେ ଫେସବୁକରେ ଏକ ସଂସ୍ଥା ଛାଡିଛି ଏହି ଫଟୋ। ଫେସବୁକରେ ଅପଲୋଡ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି। ତେବେ ଶ୍ରୀମନ୍ଦିର ଉପରୁ ଡ୍ରୋନ୍ ମାଧ୍ୟମରେ ଏହି ଫଟୋ କିଭଳି ନିଆଗଲା ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଫଟୋରେ କୁରମ ବେଢ଼ା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବା ଦେବୀଙ୍କ ମନ୍ଦିର ଦେଖାଯାଉଛି। ମେଘନାଦ ପାଚେରି ଭିତରେ ଥିବା ଅନ୍ୟାନ୍ୟ ଐତିହ୍ୟ ଓ ମନ୍ଦିର ମଧ ଫଟୋରେ ଦେଖାଯାଉଛି। ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଙ୍ଗ ଜୋନ୍ କରାଯାଇଥିବା ବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଉପରୁ ଫଟୋ ଓ ଭିଡିଓ କିଭଳି ଉତ୍ତୋଳନ କରାଗଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଚାକିରି ନାଁରେ ଠକେଇ

## ଢାବା ମାଲିକକୁ ଗିରଫ କଲା ପୁଲିସ




**ଦାରିଙ୍ଗିବାଡ଼ି, ୨୧।୧୨ (ସଂଚାର ବ୍ୟୁରୋ) :** ଚାକିରି ନାଁରେ ଚାଲିଥିଲା ଠକେଇ। କ.ନୂଆଗାଁ ଥାନା ଦାରିଙ୍ଗିବାଡ଼ି ଛକ ସ୍ଥିତ ଢ଼ାବା ମାଲିକକୁ ଗିରଫ କରି ପୁଲିସ। ପୂର୍ତ୍ତ ବିଭାଗରେ ଡାଟା ଏଣ୍ଟ୍ରି ଅପେରେଟର ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ। ଢ଼ାବା ଚଳାଉଥିବା ମାଲିକ ପ୍ରିୟରଞ୍ଜନ ନାୟକ। ଚଳିତବର୍ଷ ଫେବୃଆରୀ ୧୭ ତାରିଖରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଞ୍ଚଳର ପଦ୍ମନାଭ ଛତ୍ରିଆଙ୍କ ଝିଅଙ୍କୁ ଡାଟା ଏଣ୍ଟ୍ରି ଚାକିରି କରାଇଦେବି କହି ଦୁଇ ଲକ୍ଷରୁ ଅଧିକ ଟଙ୍କା ଫୋନ ପେରେ ନେଇଥିଲା ଅଭିଯୁକ୍ତ। କିନ୍ତୁ ଚାକିରି ନହେବାରୁ ବାଧ ହୋଇ କ. ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ ପଦ୍ମନାଭ। ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତକୁ ଗିରଫ କରିଛନ୍ତି ପୁଲିସ। ପ୍ରିୟରଞ୍ଜନ ନାୟକକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା କ. ନୂଆଗାଁ ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି।



## ଟୁରିଷ୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ: ୧୫ ଗୁରୁତର

**ଗଜପତି, ୨୧।୧୨ (ସଂଚାର ବ୍ୟୁରୋ):** ମହେନ୍ଦ୍ରଗିରିକୁ ଆସିଥିବା ପର୍ଯ୍ୟଟକଙ୍କ ଗାଡ଼ି ଗଜପତି ଜିଲ୍ଲା ରାୟଗଡ ବ୍ଲକ ବଡମାସିଂ ଘାଟିରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ୧୫ରୁ ଅଧିକ ପର୍ଯ୍ୟଟକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ପର୍ଯ୍ୟଟକମାନେ ଖୋର୍ଦ୍ଧା ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନେ ଆଜି ମହେନ୍ଦ୍ରଗିରି ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣାଗ୍ରସ୍ତ ହୋଇଛି। ଖବର ପାଇ ଗାରାବନ୍ଧ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ କରୁଛି।

## ବ୍ୟାଙ୍କ ଋଣ ଶୁଝି ନ ପାରିବାରୁ ସରପଞ୍ଚଙ୍କ ଘର ସିଲ୍

**ଉଦଳା, ୨୧।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଝିଙ୍କପଦା ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ନାଏକଙ୍କ ଘର ସିଲ୍ କରିଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ଏକ ବ୍ୟାଙ୍କରୁ ସରପଞ୍ଚ ତ୍ରିଲୋଚନ ନାଏକ ଲୋନ୍ ଆଣିଥିଲେ। ଆଣିଥିବା ଲୋନ୍ ପରିଶୋଧ କରି ନଥିବା ବେଳେ ବାରମ୍ବାର ବ୍ୟାଙ୍କ ପକ୍ଷରୁ ନୋଟିସ୍ ହୋଇଥିଲେ ସୁଦ୍ଧା ସେ ତାହାର ଉତ୍ତର ଦେଇ ନଥିଲେ। ଆଉ ଯେଉଁଥି ପାଇଁ ସରପଞ୍ଚଙ୍କ ଆଲିସାନ କୋଠାକୁ ସିଲ୍ କରିଛି ବ୍ୟାଙ୍କ। ଗୌଡ଼ଗାଁ ଗ୍ରାମ ଭିତରେ ଥିବା ତାଙ୍କ ଘରେ ପୁଲିସ ସହିତ ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚି ଘରକୁ ଯଉ ମୋହର ଦେଇ ସିଲ୍ କରିଛନ୍ତି। ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ଥିବାରୁ ଘର ସିଲ୍ କରିଛି ବ୍ୟାଙ୍କ।

### ■ ବେଆଇନ୍ ଭାବେ ଚାଲୁଥିବା ବିଦ୍ୟାଳୟ ମାମଲା

## ପରବର୍ତ୍ତୀ ଶୁଣାଣି ସମ୍ପୂର୍ଣ୍ଣ ପୀଠ କରିବେ

**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବେଆଇନ୍ ଏବଂ ଅଣସ୍ୱୀକୃତି ପ୍ରାପ୍ତ ଭାବରେ ଚାଲୁଥିବା ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସଂକ୍ରାନ୍ତରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ମାନବାଧିକାର ଆୟୋଗଙ୍କ ନିକଟରେ ରୁଜୁ ହୋଇଥିବା ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ଆସନ୍ତା ଜାନୁଆରୀ ୨୦ରେ ପରବର୍ତ୍ତୀ ଶୁଣାଣି ସଂପୂର୍ଣ୍ଣ ପୀଠ କରିବେ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି ବୋଲି ଫେଡେରେସନ୍ ର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଦୀର୍ଘବର୍ଷ ଧରି ସରକାରଙ୍କ ସମସ୍ତ ନୀତି ନୀୟମକୁ ଉଲ୍ଲଂଘନ କରି ସରକାରୀ ତଥ୍ୟ ଅନୁଯାୟୀ ୧୩୦୦ ରୁ ଉର୍ଦ୍ଧ୍ୱ ବେଆଇନ୍ ଏବଂ ଅଣ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଚାଲୁଥିବାର ତଥ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ପ୍ରଥମ ଶୁଣାଣି ସମୟରେ ଦାଖଲ କରାଯାଇଥିଲା। ଏହାର ପ୍ରତ୍ୟୁତ୍ତରରେ ଫେଡେରେସନ୍ ତରଫରୁ ଦର୍ଶାଇ ଯାଇଥିଲା କି, ୨୦୧୮ ମସିହାରୁ କ୍ରମାଗତ ଭାବରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ଜିଲ୍ଲାରେ ଚାଲୁଥିବା ବେଆଇନ୍ ସ୍କୁଲ୍ ସଂକ୍ରାନ୍ତୀୟ ତଥ୍ୟ ଦାଖଲ କରି ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଛି, ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପଦରେ ପଡ଼ିବା ସହ ଆଇନ୍ ଅନୁଯାୟୀ ଆଦାୟ ହେବାକୁ ଥିବା ବିପୁଳ ପରିମାଣର ଆର୍ଥିକ ଦଣ୍ଡ ଆଦାୟ ହେଉନାହିଁ, କିମ୍ବା ଆଦାୟ ହୋଇ ମଧ ସରକାରୀ ଖଜଣାକୁ ଯାଉନାହିଁ।

### ବିଜେପି ନେତ୍ରୀଙ୍କୁ ସରକାରୀ କର୍ମଚାରୀଙ୍କ ଦୁର୍ବ୍ୟବହାର ଘଟଣା

## ମଧୁପାଟଣା ଥାନା ଅଧିକାରୀଙ୍କୁ ନୋଟିସ୍

**କଟକ, ୨୧।୧୨ (ସଂଚାର ବ୍ୟୁରୋ):** ବିଜେପି ନେତ୍ରୀ ରଞ୍ଜିତା ନାୟକଙ୍କୁ ପ୍ରେସ ଛକରେ ଦୁର୍ବ୍ୟବହାର କରାଯିବା ଏବଂ ତଦନ୍ତରେ ଅବହେଳା ନେଇ ରାଜ୍ୟ ମାନବାଧିକାର କମିଶନର ମଧୁପାଟଣା ଥାନା ଅଧିକାରୀଙ୍କୁ ନୋଟିସ ଜାରି କରି କୈଫିୟତ ତଲବ କରିଛନ୍ତି। ସୂଚନା ଯୋଗ୍ୟ ଯେ, କିଛିଦିନ ପୂର୍ବେ ରଞ୍ଜିତା ନାୟକ ନିଜର ବ୍ୟକ୍ତିଗତ କାମ ସାରି ପ୍ରେସ ଛକ ନିକଟରେ ତାଙ୍କ ସ୍ୱାମୀଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ପୂର୍ତ୍ତବିଭାଗ (ରାସ୍ତା ଓ ଗୃହ) ବିଭାଜନ-୨ର ଜଣେ ଯନ୍ତ୍ରୀ ସେଠାରେ ପହଞ୍ଚି ରଞ୍ଜିତାଙ୍କୁ ଅଶାଳୀନ ବ୍ୟବହାର କରିଥିବା ଦେଖି ପାଟି କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏହା ପରେ ରଞ୍ଜିତା ତାଙ୍କ ସ୍ୱାମୀଙ୍କ ସହ ଥାନାରେ ପହଞ୍ଚି ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା, ହେଲେ କୋହଳ ଦଫା ଲଗାଯାଇଥିବା ରଞ୍ଜିତା ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ଯନ୍ତ୍ରୀ ଜଣକ ବାରମ୍ବାର ତାଙ୍କୁ ଧମକଚମକ ଦେବାରେ ଲାଗିଥିଲେ। ଏ ନେଇ ରଞ୍ଜିତା ଥାନାରେ ଜଣାଇଥିଲେ, ହେଲେ ଏ ଦିଗରେ ପୁଲିସର ନିଷ୍କ୍ରିୟତା ଏବଂ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ରାଜ୍ୟ ମହିଳା କମିଶନ ଓ ରାଜ୍ୟ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ମାନବାଧିକାର କମିଶନ ମଧୁପାଟଣା ପୁଲିସକୁ ନୋଟିସ ଜାରିକରି କୈଫିୟତ ତଲବ କରିଛନ୍ତି। ସୂଚନା ଥାଉକି, ପୂର୍ବରୁ ସରକାରୀ କାର୍ଯ୍ୟାଳୟରେ ରଞ୍ଜିତା ଓ ସହଯୋଗୀ ସରକାରୀ ଯନ୍ତ୍ରୀଙ୍କୁ ଧମକଚମକ, ଗାଳିଗୁଲଜ କରିଥିବା ନେଇ ଯନ୍ତ୍ରୀ ଜଣଙ୍କ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ।

### ଧାନକିଣାକୁ ନେଇ ବଢୁଛି ଦ୍ୱନ୍ଦ୍ୱ

## ମଣ୍ଡି ଖୋଲି ମଧ୍ୟ ଉଠୁନି ଧାନ



**ଝାରସୁଗୁଡା, ୨୧।୧୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ଧାନକିଣାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ଝାରସୁଗୁଡା ଉପରେ ନଜର ପକାଇଲେ ଜଣାପଡ଼ିବ ଧାନ କିଣା ପଛର ସତ। ୧୨ ଦିନ ତଳୁ ଏଠାରେ ମଣ୍ଡି ଖୋଲିଛି, ହେଲେ ବସ୍ତାଏ ବି କିଣାବିକା ହୋଇନି। ଏମିତି ସମୟରେ ଆଜି ଝାରସୁଗୁଡ଼ାରେ ମଣ୍ଡି ଅବ୍ୟବସ୍ଥା ପଛର ଗୁମର ଖୋଲିଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ସିଧା ସିଧା କହିଛନ୍ତି, ମିଲରଙ୍କ ମନମାନୀ ଓ କିଛି ରାଜନେତାଙ୍କ ହସ୍ତକ୍ଷେପ ଯୋଗୁଁ ଧାନ କିଣାରେ ବିଳମ୍ବ ହେଉଛି।

ଝାରସୁଗୁଡ଼ାରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି। ହେଲେ ଏଯାଏଁ ବସ୍ତା ଧାନ ବିକି ପାରିନାହାନ୍ତି ଚାଷୀ। ଚଳିତ ବର୍ଷ ଖରିଫ୍ ଧାନ ବିକ୍ରି ପାଇଁ ଜିଲ୍ଲାର ୨୩ ହଜାର ୨୧୯ ଚାଷୀ ପଞ୍ଜିକରଣ କରିଛନ୍ତି। ୯ ହଜାର ୧୬୫ ଜଣ ଚାଷୀ ପ୍ରଥମ ପର୍ଯ୍ୟାୟରେ ଟୋକନ ପାଇଛନ୍ତି। ମିଲର ଓ ଯୋଗାଣ ବିଭାଗ ମଧ୍ୟରେ ଟାର୍ଗେଟ୍‌କୁ ନେଇ ଟଣାଓଟରା ଓ ଚୁକ୍ତିରେ ବିଳମ୍ବ ଯୋଗୁଁ ଚାଷୀ ପ୍ରଭାବିତ ହେଉଛନ୍ତି। ଜିଲ୍ଲାର ୬୪ଟି ପ୍ୟାକ୍ସ ଓ ଏସ୍‌ଏଚ୍‌ଜି ଜରିଆରେ ଧାନ କିଣିବାକୁ ନିଷ୍ପତ୍ତି ହୋଇଛି। ସେମାନଙ୍କ ମଧ୍ୟରୁ ମାତ୍ର ୧୩ ଜଣଙ୍କୁ ଟାର୍ଗେଟ୍ ମିଳିଛି। ତାହା ପୁଣି ୫ଶହରୁ ୧ ହଜାର କୁଇଣ୍ଟାଲ। ଗୋଟିଏ ନା ଦୁଇଟି ସୋସାଇଟି ୨ ହଜାର କୁଇଣ୍ଟାଲ ଧାନ କିଣା ଟାର୍ଗେଟ୍ ପାଇଛନ୍ତି। ତେଣୁ ଏ ପରିସ୍ଥିତି ସୃଷ୍ଟି ହୋଇଛି ।

ଏବର୍ଷ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ୯ ଜଣ ମିଲର୍ସ। ସେମାନଙ୍କ ମଧ୍ୟରୁ ୨ଜଣ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇନାହାନ୍ତି। ଯେଉଁମାନେ ଅନୁମତି ପାଇଛନ୍ତି ସେମାନେ ଏଫଏକ୍ୟୁ ମାନର ଆଳ ଦେଖାଇ ଲୁଟ୍ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୪,୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୩,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୪,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୩,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୪,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୩,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୩,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୫,୦୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୪,୧୮୦ ଓ ୧,୨୩,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୦୯,୦୦୦ ଟଙ୍କା ହୋଇଛି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଭାରତ ଓ ଇୟୁ ଉପରେ ଆମେରିକା ଖପ୍ପା

ନୂଆଦିଲ୍ଲୀ, ୨୧।୧୨: ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ର ନୀତିକୁ ନେଇ କଡ଼ା ମନ୍ତବ୍ୟ ରଖିଛନ୍ତି ଆମେରିକାର ଜଣେ ଟପ୍ ବାଣିଜ୍ୟିକ ଅଧିକାରୀ। ଆମେରିକୀୟ ଟେକ୍ କମ୍ପାନିଙ୍କ ପାଇଁ ନିୟମାବଳୀ ଲାଗୁ କରିଥିବାରୁ ଇୟୁ ଉପରେ ଏବଂ ଟ୍ରେଡ୍ ଡିଲକୁ ନେଇ ଭାରତ ଉପରେ କଡ଼ା ଟିପ୍ପଣୀ ରଖିଛନ୍ତି ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର। ଏମିତିରେ ତାଙ୍କର ଏହି ପ୍ରତିକ୍ରିୟାରୁ ଜଣାପଡୁଛି ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ ଡିଲ୍ ପାଇଁ ଚାଲିଥିବା ଆଲୋଚନା ୨୦୨୬ ସୁଦ୍ଧା ବି ହୋଇପାରିବନି। ବ୍ଲୁମବର୍ଗରେ ଏକ ସାକ୍ଷାତକାରରେ ଗ୍ରୀୟର କହିଛନ୍ତି, ଆଗରୁ ହିଁ ଆଶା କରାଯାଉଥିଲା ଇୟୁ ଏବଂ ଭାରତ ସହ ଆଲୋଚନା ଅଧିକ କଷ୍ଟକର ହେବ। ଗ୍ରୀୟର କହିଛନ୍ତି, ଆମେରିକୀୟ ଟେକ୍ କମ୍ପାନିଙ୍କ ଉପରେ ଇୟୁ ଅନେକ ନିୟମାବଳୀ ଲଗାଇଛି। ଏହା ଖୁବ୍ ଚିନ୍ତାଜନକ। ଏହି ନୀତିଗୁଡ଼ିକ ଆମେରିକୀୟ କମ୍ପାନିଗୁଡ଼ିକ ପ୍ରତି ପକ୍ଷପାତିତା କରୁଛି। ପ୍ରକୃତରେ ବିବାଦର ମୁଖ୍ୟ କାରଣ ହେଉଛି ଇୟୁର ଡିଜିଟାଲ୍ ନୀତି।

### ୨୦୨୬ ପର୍ଯ୍ୟନ୍ତ ଝୁଲିପାରେ ଟ୍ରେଡ୍ ଡିଲ୍

କାରଣ ଏହା ଗୁଗଲ୍, ମେଟା ଏବଂ ଆମାଜନ ଭଳି ବଡ଼ ଆମେରିକୀୟ ଟେକ୍ କମ୍ପାନିଗୁଡ଼ିକ ଉପରେ ଅଙ୍କୁଶ ଲଗାଉଛି। ହେଲେ ଆମେରିକା ଅଭିଯୋଗ କରୁଛି ଯେ, ଏହି ନିୟମଗୁଡ଼ିକ ନବସୃଜନର କଣ୍ଠରୋଧ । ବିଶେଷ କରି ଆମେରିକୀୟ କମ୍ପାନିଗୁଡ଼ିକୁ ଏହାଦ୍ୱାରା ଟାର୍ଗେଟ କରାଯାଉଛି। ଏମିତିରେ ଆମେରିକାର ବାଣିଜ୍ୟ କାର୍ଯ୍ୟାଳୟ ଏକ ପୋଷ୍ଟରେ କହିଛି, ଯଦି ଇୟୁ ଆମେରିକୀୟ ଟେକ୍ କମ୍ପାନିଗୁଡ଼ିକ ଉପରେ କର ଲଗାଇବାକୁ ଚେଷ୍ଟା କରେ। ତେବେ ଏହାର ପ୍ରତିଶୋଧ ନିଆଯାଇପାରେ। ଯେଉଁଥିରେ କିଛି ୟୁରୋପୀୟ କମ୍ପାନିଙ୍କ ଉପରେ ନୂଆ ଶୁଳ୍କ କିମ୍ବା କଟକଣା ଲଗାଯିବ। ସେହିଭଳି ଇୟୁ କହିଛି ଯେ, ଏହି ନିୟମ ଇୟୁର ପ୍ରଯୁକ୍ତିବିଦ୍ୟା ସାର୍ବଭୌମତ୍ୱକୁ ରକ୍ଷା କରିବାକୁ ଲାଗୁ କରାଯାଇଛି। ନିୟମ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ। ଗ୍ରୀୟର ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଇୟୁର ଅଣ- ଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ ଆମେରିକାର କୃଷି ଏବଂ ଶିଳ୍ପ ଉତ୍ପାଦ ପାଇଁ ଅସୁବିଧା ସୃଷ୍ଟି କରୁଛି।

ସେହିଭଳି ଭାରତ- ଆମେରିକା ଡିଲ୍କୁ ନେଇ ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଆଲୋଚନା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରିନାହିଁ। ଯେତେବେଳେକି ଏହାରି ମଧ୍ୟରେ ଆମେରିକା ମାଲେସିଆ ଏବଂ ସ୍ୱିଜରଲ୍ୟାଣ୍ଡ ସମେତ ଅନ୍ୟ ଅନେକ ଦେଶ ସହିତ ବାଣିଜ୍ୟ ଚୁକ୍ତି କରିସାରିଲାଣି। ଭାରତ ଏବଂ ଆମେରିକା ସମ୍ପର୍କକୁ ସୁଧାରିବାକୁ ଚେଷ୍ଟା କରୁଛନ୍ତି। ହେଲେ ମାସ ମାସ ଧରି ଆଲୋଚନା ସତ୍ତ୍ୱେ ବି ବାଣିଜ୍ୟ ଚୁକ୍ତି ଉପରେ କୌଣସି ଠୋସ୍ ଅଗ୍ରଗତି ହୋଇପାରିନାହିଁ। ଏହି ସପ୍ତାହରେ ନୂଆଦିଲ୍ଲୀରେ ହୋଇଥିବା ଆଲୋଚନା ମଧ୍ୟ ଅନିର୍ଦ୍ଦିଷ୍ଟ ଭାବରେ ଶେଷ ହୋଇଛି।



# ହୋଟେଲ୍ ଖୋଲିବ ଆଦାନୀ ଗ୍ରୁପ୍

ନୂଆଦିଲ୍ଲୀ, ୨୧।୧୨: ବନ୍ଦର, ବିମାନବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବ୍ୟବସାୟ ପରେ ଆଦାନୀ ଗ୍ରୁପ୍ ଆତିଥେୟତା ଶିଳ୍ପରେ ପ୍ରବେଶ କରିବାକୁ ଯାଉଛି। ସାରା ଦେଶରେ ୬୦ରୁ ଅଧିକ ହୋଟେଲ ଖୋଲିବା ଯୋଜନା ରଖିଛି। ବିଶେଷକରି କମ୍ପାନି ଅଧୀନରେ ପରିଚାଳିତ ହେଉଥିବା ବିମାନବନ୍ଦର ଏବଂ ରିଅଲ ଇଷ୍ଟେଟ ପ୍ରକଳ୍ପ ଅଞ୍ଚଳରେ ଏହି ହୋଟେଲ ଗୁଡ଼ିକ ସ୍ଥାପନ ହେବ। ସାରା ଦେଶରେ କମ୍ପାନି ୬୦ରୁ ଅଧିକ ହୋଟେଲ ଖୋଲିବା ଯୋଜନା ରଖିଛି। ହୋଟେଲ ସ୍ଥାପନ କରି କମ୍ପାନି ଦେଶର ଏକ ପ୍ରମୁଖ ହୋଟେଲ ଗ୍ରୁପ୍ରେ ପରିଣତ ହେବା ଲକ୍ଷ୍ୟ ରଖିଛି। ନବୀ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ବିକାଶ ଆଦାନୀ ଗ୍ରୁପ୍ ସଂପ୍ରତି କରୁଛି। ତେଣୁ ଏଠାରେ କମ୍ପାନି ପାଖାପାଖି ୧୫ଟି ହୋଟେଲ କରିବା ଯୋଜନା ରଖିଛି। ତେବେ କମ୍ପାନି ସବୁ ହୋଟେଲ ନିଜସ୍ୱ ବ୍ରାଣ୍ଡ୍ ଅଧୀନରେ ନ ଚଳାଇ ଅନ୍ତର୍ଜାତୀୟ ହୋଟେଲ ଅପରେଟରଙ୍କ ସହ ସହବନ୍ଧିତ ହୋଇ ସେଗୁଡ଼ିକୁ ପରିଚାଳନା କରିବା ଯୋଜନା ରଖିଛି। ବିମାନବନ୍ଦର ନିକଟରେ ହୋଟେଲ ସ୍ଥାପନ ପଛରେ ଏକାଧିକ ଲକ୍ଷ୍ୟ ରହିଛି। ବହୁବିଧ ସୁବିଧା ସୁଯୋଗ ଯଥା ରିଟେଲ କାଉଣ୍ଟର, ଖାଦ୍ୟ ଓ ପାନୀୟ କାଉଣ୍ଟର ଆଦି ଏଠାରେ ଉପଲବ୍ଧ ହେବ। ବିମାନବନ୍ଦରର ପରିଚାଳନା ଖର୍ଚ୍ଚ ଉଠାଇବା ପାଇଁ ଏୟାରଲାଇନ୍ସଗୁଡ଼ିକଠାରୁ ପାର୍କିଂ ଓ ଲ୍ୟାଣ୍ଡିଂ ଫି ଆଦି ଆଦାୟ କରାଯାଉଛି। କିନ୍ତୁ ହୋଟେଲ ଓ ଅନ୍ୟାନ୍ୟ ଭିତ୍ତିଭୂମି ବ୍ୟବସ୍ଥା ବିକଶିତ ହେବା ପରେ ବିମାନବନ୍ଦରଗୁଡ଼ିକୁ ପାର୍କିଂ ଓ ଲ୍ୟାଣ୍ଡିଂ ଫି ଉପରେ ଏତେ ମାତ୍ରାରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସଂପ୍ରତି ବିମାନବନ୍ଦର ରାଜସ୍ୱର ପାଖାପାଖି ଅଧା ରାଜସ୍ୱ ପାର୍କିଂ ଓ ଲ୍ୟାଣ୍ଡିଂ ଫି ଆଦିରୁ ଆଦାୟ ହେଉଛି।

ହୋଟେଲ, ଲାଉଞ୍ଜ ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ ହେବା ପରେ ପାର୍କିଂ ଓ ଲ୍ୟାଣ୍ଡିଂ ଫି ବାବଦ ରାଜସ୍ୱ ଅଂଶ ୧୦ ପ୍ରତିଶତ ସ୍ତରକୁ ହ୍ରାସ ପାଇବ। ଏହାଦ୍ୱାରା ବିମାନବନ୍ଦରଗୁଡ଼ିକ ଯାତ୍ରୀ ଓ ସାମଗ୍ରୀ ପରିବହନ ସ୍ଥଳୀ ନହୋଇ ଏକ ବାଣିଜ୍ୟିକ କେନ୍ଦ୍ରରେ ପରିଣତ ହୋଇପାରିବ। ନବୀ ମୁମ୍ବାଇରେ କମ୍ପାନି ୨୫ ହଜାର ସିଟ୍ କ୍ଷମତା ଥିବା ଏକ କନଭେନସନ ସେଣ୍ଟର ଯୋଜନା ରଖିଛି। ଏଠାରେ ପ୍ରଦର୍ଶନୀ, ବଡ଼ ବଡ଼ କର୍ପୋରେଟ୍ କାର୍ଯ୍ୟକ୍ରମ ଏବଂ ସଭାସମିତି ଆଦି କରାଯାଇ ପାରିବ। ଏଥିଯୋଗୁ ନିକଟବର୍ତ୍ତୀ ସ୍ଥାନରେ ହୋଟେଲ, ରେସ୍ତୋରାଁ ଏବଂ ଟ୍ୟାକ୍ସି ସେବାର ଚାହିଦା ବଢ଼ିବ। ଦେଶର ଏକ ପ୍ରମୁଖ ହୋଟେଲ ଗ୍ରୁପ୍ରେ ପରିଣତ ହେବା ଆଶା ରହିଛି ବୋଲି ଆଦାନୀ ଗ୍ରୁପ୍ ନିର୍ଦ୍ଦେଶକ ଜିତ ଆଦାନୀ କହିଛନ୍ତି। ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ରିଲାଏନ୍ସ ପକ୍ଷରୁ ସ୍ଥାପନ ହୋଇଥିବା ଜିଓ ୱାର୍ଲଡ କନଭେନସନ ସେଣ୍ଟର ପରି ଆଦାନୀ ଗ୍ରୁପ୍ ଏହାର ଭିତ୍ତିଭୂମିଗୁଡ଼ିକୁ ସ୍ଥାପନ କରିବ। କିନ୍ତୁ ଏଗୁଡ଼ିକ ବିମାନବନ୍ଦର ନିକଟରେ ହେବ। ଆଦାନୀ ଗ୍ରୁପ୍ର ଆତିଥେୟତା ବା ହୋଟେଲ ସ୍ଥାପନ ଯୋଜନାରେ ଅଧିଗ୍ରହଣ ବି ଅନ୍ତର୍ଭୁକ୍ତ ରହିଛି। ସାହାରା ଗ୍ରୁପର ୮୮ଟି ସଂପତ୍ତି ଅଧିଗ୍ରହଣ ପାଇଁ ଆଦାନୀ ଗ୍ରୁପ୍ ଆଗ୍ରହ ରଖିଛି। ସେଥିରେ ମୁମ୍ବାଇର ସାହାରା ଷ୍ଟାର ହୋଟେଲ ରହିଛି।







# ଫୋନ ଚୋରି ହୋଇଗଲେ ମିଳିବ ୨୫,୦୦୦ ଟଙ୍କା

ନୂଆଦିଲ୍ଲୀ, ୨୧।୧୨: ଆପଣଙ୍କ ସ୍ମାର୍ଟଫୋନ ଚୋରି ହୋଇଯାଏ ନଚେତ କେଉଁଠି ହଜି ଯାଏ, ତେବେ କ୍ଷତି ସହିବାକୁ ଏବେ ପଡ଼ିବ ନାହିଁ। 'ଭିଆଇ' ଭାରତରେ ପ୍ରଥମ ଥର ହ୍ୟାଣ୍ଡସେଟ୍ ଥେଟ୍ ଆଣ୍ଡ ଲସ୍ ଇନ୍ସୁରାନ୍ସ ସ୍କିମ୍ ଲଞ୍ଚ କରିଛି।ଏହି ସ୍କିମ୍ ମୋବାଇଲ ରିଚାର୍ଜ ସହ ଉପଲବ୍ଧ ହେଉଛି। ଏହାଦ୍ୱାରା ପ୍ରିପେଡ ବ୍ୟବହାରକାରୀଙ୍କୁ ସିଧା ଲାଭ ମିଳିବ। ଏହି ସୁବିଧା ପେଡ୍ ଗ୍ରାହକଙ୍କ ପାଇଁ ରହିଛି। iOS ଏବଂ ଆଣ୍ଡ୍ରଏଡ ଉଭୟ ସ୍ମାର୍ଟଫୋନରେ ଏହା ଲାଗୁ ହେବ। ଭୋଡାଫୋନ ଆଇଡିଆ ଏହି ପ୍ଲାନ୍ରେ ୬୧ ଟଙ୍କାର ରିଚାର୍ଜରେ ୨୫,୦୦୦ ଯାଏର ହ୍ୟାଣ୍ଡସେଟ୍ ଇନ୍ସୁରାନ୍ସ କଭର ମିଳିଥାଏ। ଫୋନ୍- ଆଇଫୋନ ହେଉ ଅବା ଆଣ୍ଡ୍ରଏଡ, ଚୋରୀ ନଚେତ ହଜିଯିବା ସ୍ଥିତିରେ କ୍ଲେମ୍ର ସୁବିଧା ମିଳିବ। ୬୧ ଟଙ୍କାର ପ୍ଲାନରେ ୧୫ ଦିନ ପାଇଁ ୨ ଜିବି ଡାଟା ଏବଂ ୩୦ ଦିନର ଇନ୍ସୁରାନ୍ସ କଭର ମଧ୍ୟ ସାମିଲ ରହିଛି।

### ମାତ୍ର ୬୧ ଟଙ୍କାରେ ଇନ୍ସ୍ୟୁରାନ୍ସ

# ଚୀନ୍ ସମୁଦ୍ର ତଳେ ଏସିଆର ସବୁଠୁ ବଡ଼ ସୁନାର ଭଣ୍ଡାର

ନୂଆଦିଲ୍ଲୀ ୨୧।୧୨: ଚୀନ୍ ଶେଂଡୋଙ୍ଗ୍ ପ୍ରାନ୍ତର ୟାଂତାଇ ଜିଲ୍ଲାର ଲାଇଝୋଉ ସହର ଉପକୂଳ ନିକଟରେ ସମୁଦ୍ର ତଳେ ସୁନାର ଏକ ବିଶାଳ ଭଣ୍ଡାର ପାଇଥିବା ଦାବି କରିଛି। ଏହାକୁ ଏସିଆର ଏପର୍ଯ୍ୟନ୍ତର ସବୁଠୁ ବଡ଼ ସାମୁଦ୍ରିକ ସ୍ୱର୍ଣ୍ଣ ଭଣ୍ଡାର କୁହାଯାଉଛି। ଚୀନ୍ର ସରକାରୀ ଗଣମାଧ୍ୟମ ଅନୁସାରେ, ଏ ଅଞ୍ଚଳରେ ପ୍ରାୟ ୩,୯୦୦ ଟନ୍ ସୁନା ଗଚ୍ଛିତ ଥିବାର ସମ୍ଭାବନା ଅଛି। ଏହି ମାତ୍ରା ଚୀନ୍ର ମୋଟ୍ ନ୍ୟାସ୍ନାଲ ଗୋଲ୍ଡ ରିଜର୍ଭର ହାରାହାରି ୨୬ ପ୍ରତିଶତ ହୋଇପାରେ। କିନ୍ତୁ ଅଦ୍ୟାବଧି ସମୁଦ୍ର ତଳେ ମିଳିଥିବା ସୁନାର ପ୍ରକୃତ ପରିମାଣ ଓ ମୂଲ୍ୟକୁ ନେଇ ଔପଚାରିକ ସୂଚନା ଦିଆଯାଇ ନାହିଁ।

ୟାଂତାଇ ନଗର ପ୍ରଶାସନ ଅନୁସାରେ, ଏହି ଆବିଷ୍କାର ପରେ ଲାଇଝୋଉ ସହର ସୁନା ଭଣ୍ଡାର ଓ ଉତ୍ପାଦନ, ଉଭୟ ମାମଲାରେ ଚୀନ୍ରେ ସବୁଠୁ ଆଗକୁ ଆସିଛି। ଅଧିକାରୀଙ୍କ ଅନୁସାରେ, ଏହି ଆବିଷ୍କାର ଦେଶର ଅର୍ଥବ୍ୟବସ୍ଥା ଓ ଖଣି ଇଣ୍ଡଷ୍ଟ୍ରି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଉଛି। ଏହା ପୂର୍ବରୁ ନଭେମ୍ବର ମାସରେ ମଧ୍ୟ ଚୀନ୍ ନିଜର ପୂର୍ବୋତ୍ତର ପ୍ରାନ୍ତ ଲିୟାଓନିଙ୍ଗ୍ରେ ହାରାହାରି ୧,୪୪୪ ଟନ୍ ସୁନାର ଭଣ୍ଡାର ଆବିଷ୍କାର କରିଥିଲା। ବାରମ୍ବାର ଏଭଳି ଆବିଷ୍କାରରୁ ସ୍ପଷ୍ଟ ହେଉଛି ଯେ ଚୀନ୍ ନିଜର ଖଣିଜ ସମ୍ପଦକୁ ନେଇ ବ୍ୟାପକ ସ୍ତରରେ କାମ କରୁଛି।

ଚୀନ୍କୁ ବିଶ୍ୱର ସବୁଠୁ ବଡ଼ ସୁନା ଉତ୍ପାଦକ ଦେଶ କୁହାଯାଏ। ଏଠାରେ ପ୍ରତି ବର୍ଷ ପ୍ରାୟ ୩୭୭ ଟନ୍ ସୁନା ଉତ୍ପାଦନ ହୁଏ। ତେବେ, ମୋଟ୍ ସୁନା ଭଣ୍ଡାର ମାମଲାରେ ଚୀନ୍ ଏବେ ବି ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଭଳି ଦେଶଠୁ ପଛରେ ଅଛି।

### ୩୯୦୦ ଟନ୍ ସୁନା ଗଚ୍ଛିତ ଥିବା ଅନୁମାନ



# ଠାକୁରମୁଣ୍ଡା-ରୁପସା ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**କୈଁଶିଙ୍ଗା,୨୧।୧୨ (ସଂଚାର ବ୍ୟୁରୋ):** ଗମନାଗମନ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି କାର୍ଯ୍ୟ ପାଇଁ ଅଯଥାରେ ଅର୍ଥ ଶ୍ରାଦ୍ଧ ହେଉଛି ସତ କିନ୍ତୁ ଜନସାଧାରଣଙ୍କୁ ସୁଫଳ ମିଳିପାରୁ ନଥିବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। କଳିକତାରୁ କେନ୍ଦୁଝରକୁ ଯୋଗା ଯୋଗ ର ଦୂରତା କମ୍ ପାଇଁ ଏହି ରାସ୍ତା ରୁପସା ନିକଟସ୍ଥ ୬୦ ନଂ ଜାତୀୟ ରାଜପଥ ର ବହରମପୁର ଠାରେ ସଂଯୋଗ କରାଯିବାର ପରିକଳ୍ପନା କରାଯାଇ ଚାରିବର୍ଷ ତଳେ କାର୍ଯ୍ୟାରମ୍ଭ କରାଯାଇଥିଲା। କାର୍ଯ୍ୟର ଗତିଶୀଳତାରୁ ଯାହା ଅନୁମାନ କରାଯାଏ ଆଉ ଚାରି ବର୍ଷ ପରେ ମଧ କାର୍ଯ୍ୟ ସମାପ୍ତ ହୋଇ ନ ପାରେ।

ତେବେ ଏଠାରେ ପ୍ରଶ୍ନ ଉଠୁଛି ଏହି ରାସ୍ତା କାମର ଟେଣ୍ଡର ନେଇଥିବା ଠିକାଦାର କାର୍ଯ୍ୟ ସାଇଟ୍‌କୁ କେବେ ଆସୁ ନ ଥିବାରୁ ପେଟି ଠିକାଦାର ନିଜ ମନ ଇଚ୍ଛା କାର୍ଯ୍ୟ



କରୁଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ଏହି ରାସ୍ତାର ବଡ ଝାରପାଦା ଠାରୁ ପଦ୍ମପୁର ପର୍ଯ୍ୟନ୍ତ ଦୁଇ କିମି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ ଗୁଡିକୁ ନ କାଟି ପ୍ରଶସ୍ତିକରଣ କାର୍ଯ୍ୟ କରାଯାଉଥିବାରୁ ପରବର୍ତ୍ତୀ ସମୟରେ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ।

ବାରମ୍ବାର ଅଭିଯୋଗ ପରେ ଗଛ କଟାଗଲା ସତ ମାତ୍ର ପୁନଃ ନିର୍ମାଣ ହୋଇ ପାରିନାହିଁ । କିଛି କିଛି ଜାଗାରେ ଖାଲି ପେଡ୍ ପଡି ଥିବାର ଦେଖା ଯାଉଛି । କିଛି ଚୋରା କାଠ ମାଫିଆ ଏଠାରେ ଥିବା ମୂଲ୍ୟବାନ ଶାଳ ଓ ଆକାଶିଆ ଗଛ କାଟି ନେବା ପାଇଁ ମସୁଧା କରୁଥିବା ବେଳେ ଗ୍ରାମବାସୀମାନେ ବିରୋଧ କରି ଜଙ୍ଗଲ ବିଭାଗକୁ ଜଣାଇଥିଲେ। ତା ସହିତ ମିଡିଆ ତରଫରୁ ମଧ ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଯେଉଁପାଇଁ ୨/୩ ମାସ ରାସ୍ତା କାର୍ଯ୍ୟ ବନ୍ଦ ରହିଥିଲା। ପୁଣି ଏହି ଏପ୍ରିଲ ପ୍ରଥମ ସପ୍ତାହରୁ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ପୂର୍ବବତ ଗଛ ଗୁଡିକୁ କାଟି ନୂଆ ପିଚୁ କରାଯାଉଥିବାର ଜଣାଯାଇଛି । ଏହି ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରାଯିବା ଏବଂ ପରବର୍ତ୍ତୀ ସମୟରେ ପୁଣି ଗଛ କାଟିବା ଏବଂ ରାସ୍ତାକୁ ପେଡ୍ ପକାଇବା ପରେ ଅଯଥା ଟଙ୍କା ଖର୍ଚ୍ଚ ହେବା ତଥା ରାସ୍ତାର ସ୍ଥାୟିତ୍ୱ କ୍ଷଣ ରହିବ ଏହା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ରାଜସ୍ୱ ଅମଲା ସଂଘର ବାର୍ଷିକ ସମ୍ମିଳନୀ



**ନବରଙ୍ଗପୁର,୨୧।୧୨ (ସଂଚାର ବ୍ୟୁରୋ):** ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ନବରଙ୍ଗପୁରର ତ୍ରୟ ବାର୍ଷିକ ସମ୍ମିଳନୀ ମହାସମାରୋହରେ ପୂର୍ବତନ ସଭାପତି ଆଶୁତୋଷ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ରାଜସ୍ୱ କାର୍ଯ୍ୟକାରୀ ଅଧକ୍ଷ ପ୍ରସନ୍ନ କୁମାର ନାୟକ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା,କୋରାପୁଟ ଜିଲ୍ଲାର ବରିଷ୍ଠ ସଦସ୍ୟ ମନୋଜ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ । ଆଗାମୀ ଦିନରେ ସମସ୍ତେ ମିଳିତ ଭାବେ ସଂଘ ପ୍ରତି ଆନୁଗତ୍ୟ ପ୍ରକାଶ କରି ସଙ୍ଗଠନକୁ ମଜବୁତ କରିବା ସହ ନିଜର ମତାମତ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ନିର୍ବାଚନ ରେ ଅଧକ୍ଷ ଭାବେ କୈଳାଶ ଚନ୍ଦ୍ର ଦାସ,ବରିଷ୍ଠ ରାଜସ୍ୱ ସହାୟକ ବିବେକ ନାୟକ ସଭାପତି ଏବଂ ଉପ ସଭାପତି ଭାବେ ସୌଗଭ କୁମାର ଦାସ ଏବଂ ଅମିତ କୁମାର,ସମ୍ପାଦକ ଭାବେ ଦେବାଶିଷ ସୁଆର ସହ ସମ୍ପାଦକ ଭାବେ ମୈଥିଳୀ ପଜନାୟକ ଏବଂ କୈଳାଶ ପୂଜାରୀ, କୋଷାଧ୍ୟକ୍ଷ ଭାବେ ସହିତ ଆକତର ପ୍ରମୁଖ ନିର୍ବାଚିତ ହୋଇଥିଲେ । ନୂତନ ନିର୍ବାଚିତ ସଦସ୍ୟ ମାନଙ୍କୁ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଶପଥପାଠ କରାଇବା ସହ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପ୍ରମୋଦ କୁମାର ଚର୍ଚି ଏବଂ ନିର୍ବାଚନ ଅଧିକାରୀ ଭାବରେ ସଂଗ୍ରାମ କେଶରୀ ପ୍ରଧାନ ଦାୟିତ୍ୱ ସମ୍ଭାଳ କରିଥିଲେ ।

## ବାଳିକା ଉଚ୍ଚବିଦ୍ୟାଳୟରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ



**କଳାହାଣ୍ଡି,୨୧।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକର ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବେଟି- ବଚାଓ ବେଟି -ପଢ଼ାଓ ଏବଂ ବାଳ ବିବାହ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅଧୀନରେ ଅନଲାଇନ୍ ସୁରକ୍ଷା ଏବଂ ସାଇବର ବୁଲିଂ ଉପରେ ଏକ ବ୍ଲକସ୍ତରୀୟ କର୍ମଶାଳା ସଫଳ ତାର ସହିତ ଅନୁଷ୍ଠିତ ହୋଇଥିଲା।ବିଦ୍ୟାଳୟର ମୋଟ ୯୬ ଜଣ କିଶୋରୀ ବାଳିକା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।ଏହି କର୍ମଶାଳାର ଲକ୍ଷ୍ୟ ଥିଲା କିଶୋରୀ ଝିଅମାନଙ୍କୁ ଆର୍ଥିକ ସାକ୍ଷରତା, ଆର୍ଥିକ ଅଧିକାର ଏବଂ ସାମାଜିକ ଏବଂ ରାଜନୈତିକ ଅଧିକାର ବିଷୟରେ ବୁଝାମଣା ବୃଦ୍ଧି କରି ସଶକ୍ତ କରିବା, ବିଶେଷ ଭାବରେ ଲିଙ୍ଗଗତ ସମାନତା ଏବଂ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ଧ୍ୟାନ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଅଭ୍ୟାସ, ସେମାନଙ୍କ ଅଧିକାର ପ୍ରତି ସଚେତନତା ଏବଂ ସକ୍ରିୟ ଏବଂ ସୂଚନାପ୍ରଦ ନାଗରିକ ଭାବରେ ଝିଅମାନଙ୍କ ଭୂମିକା ବିଷୟରେ ସଚେତନ କରାଯାଇଥିଲା। ଅଧିବେଶନ ସମୟରେ ଧର୍ମଗଡ ସିଡିପିଓ ଧରିତ୍ରୀ ପାଣିଗ୍ରାହୀ ବାଲ୍ୟ ବିବାହ ଏବଂ ପଳାୟନର କ୍ଷତିକାରକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଯେଉଁଥିରେ ସ୍କୁଲ ଛାଡୁଥିବା ପିଲାମାନେ, ପ୍ରତିକୂଳ ସ୍ୱାସ୍ଥ୍ୟ ଫଳାଫଳ, ସାମାଜିକ ଚ୍ୟାଲେଞ୍ଜ ଏବଂ ବାଲ୍ୟ ବିବାହ ନିଷେଧ ଆଇନ ଅନୁଯାୟୀ ଆଇନଗତ ପରିଣାମ ଅନ୍ତର୍ଭୁକ୍ତ। ଝିଅମାନଙ୍କୁ ସେମାନଙ୍କର ଶିକ୍ଷା ଏବଂ ଭବିଷ୍ୟତର ଆକାଂକ୍ଷାକୁ ପ୍ରାଥମିକତା ଦେବାକୁ ଉତ୍ସାହିତ କରାଯାଇଥିଲା ଏବଂ ବାଲ୍ୟ ବିବାହ କିମ୍ବା ପଳାୟନ ସମ୍ବନ୍ଧୀୟ ଚାପ କିମ୍ବା ବିପଦ କ୍ଷେତ୍ରରେ ପିତାମାତା, ଶିକ୍ଷକ, ଚାଇଲ୍ଡଲାଇନ୍ ୧୦୯୮ ଏବଂ ସ୍ଥାନୀୟ ଶିଶୁ ସୁରକ୍ଷା ବ୍ୟବସ୍ଥା ସମେତ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ପେନାଲ ଲୟର ସଂଯୁକ୍ତା ପଣ୍ଡା ଙ୍କ ସହ ବାଳିକା ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ, ବିଭିନ୍ନ କେନ୍ଦ୍ରରୁ ଆସିଥିବା ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ।

### ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ

# କନ୍ଧମାଳ ଦଳର ଗୁରୁଗ୍ରାମ, ହରିୟାଣା ଯାତ୍ରା

**ଫୁଲବାଣୀ,୨୧।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ଓ ୧୨୭ ସିଆରପିଏଫ ବାଲିଗୁଡାର ମିଳିତ ଆନୁକୂଲ୍ୟରେ ୧୭ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ଗୁରୁଗ୍ରାମ, ହରିୟାଣା ଯାତ୍ରା କରିଛନ୍ତି। ଏହି ଅବସରରେ ଜିଲ୍ଲା ନିଯୋଜନ ସଭା ଗୃହ ଫୁଲବାଣୀ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ନିଯୋଜନ ଅଧିକାରୀ ପୁରୁଷତମ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ଲେଖକ ସାମ୍ମୁଖ୍ୟ ଫୁଲବାଣୀର ସଭାପତି ରବୀନ୍ଦ୍ର ନାଥ ମିଶ୍ର, ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ଫୁଲବାଣୀ




ବିକ୍ରମ ଦାସ, ସୁବ୍ରତ କୁମାର ଦାଶ ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମ ପାଇଁ ବାଲିଗୁଡା ବ୍ଲକର ୨୦ ଜଣ ଭାଇ ଓ ଭଉଣୀ ଯାତ୍ରା କରିଥିଲେ। ଏସକଟ ଭାବରେ ୧୨୭ସି ଆରପିଏଫ ବାଲିଗୁଡାର ପ୍ରସନ୍ନ ଜିତ୍ ସିନା ମହାପାତ୍ର, ଗଙ୍ଗରଧେ ଦିଭ୍ୟା ସାଥିରେ ଯାତ୍ରା କରୁଛନ୍ତି। ଏହି କାର୍ଯ୍ୟକ୍ରମଟି ଗୁରୁଗ୍ରାମଠାରେ ଅନୁଷ୍ଠିତ ହେଉଅଛି। ଏଥିରେ ଓଡିଶା, ଛତିଶଗଡ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ହରିୟାଣାର ଆଦିବାସୀ ଭାଇ ଓ ଭଉଣୀମାନେ ଅଂଶ ଗ୍ରହଣ କରୁଛନ୍ତି ।

## ଅବସରପ୍ରାପ୍ତ ଶିକ୍ଷକଙ୍କର ଜନ୍ମଦିନ ପାଳିଲେ ଛାତ୍ରଛାତ୍ରୀ

**ବାଲିଆପାଳ,୨୧।୧୨ (ସଂଚାର ବ୍ୟୁରୋ):** ସରକାର ଶିକ୍ଷା ଗତ ବୃତ୍ତିରେ ବିରାମ ଲଗାଇଥିଲେ ମଧ ଶିକ୍ଷାଦାନର ପରିଭାଷାକୁ ଅଧିକ ପ୍ରାଧାନ୍ୟ ଦେଇ ଛାତ୍ର ଛାତ୍ରୀଙ୍କୁ ୮୫ ବର୍ଷ ବୟସରେ ମଧ ନିଃଶୁଳ୍କ ଶିକ୍ଷାଦାନକୁ ଆପଣେଇଥିବା ଅବସରପ୍ରାପ୍ତ ଶିକ୍ଷକ ଜନାର୍ଦ୍ଦନ ଅଣ୍ଡିଆଙ୍କର ୮୫ ତମ ଜନ୍ମ ଦିନକୁ ବହୁ ଆଡ଼ମ୍ବରେ ପାଳନ କରିଛନ୍ତି ଛାତ୍ର ଛାତ୍ରୀ, ଶିକ୍ଷକ,ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ। ଶ୍ରୀ ଅଣ୍ଡିଆ ଘଣ୍ଟୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇ ୨୦୦୩ ମସିହାରେ ଅବସର ଗ୍ରହଣ କରିଥିଲେ। ଏହା ଛଡ଼ା ବାଇଗଣବାଡିଆ ପଞ୍ଚାୟତର ୧୯୧୨ ମସିହାରୁ ୧୯୧୭ ପର୍ଯ୍ୟନ୍ତ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।ଏହି ଅବସରରେ ଭୋଗରାଇ ବ୍ଲକ୍ ବାଇଗଣବାଡିଆ ପଞ୍ଚାୟତର ଛୋଟଖାନପୁର ନୋଡାଲ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବରେନ୍ଦ୍ର ପ୍ରଧାନ,ଗୁଣାକର ନାୟକ, ଶିବଶଙ୍କର ମହାପାତ୍ର, ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀ ଅଣ୍ଡିଆ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ,ଉତ୍ତମ ବିଚାରକ,ହରିଜନ ଆନ୍ଦୋଳନର ପ୍ରବର୍ତ୍ତ, ଜାତିପ୍ରଥା ବିରୁଦ୍ଧି ଆଦି ବହୁ ଗୁଣରେ ଗୁଣୀ ବୋଲି କହିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ କେକ୍ କାଟି ଜନ୍ମଦିନକୁ ପାଳନ କରିଥିଲେ।

## ଆନ୍ତର୍ଜାତିକ ମାନବ ସଂହତି ଦିବସ ପାଳିତ



**ସୁବର୍ଣ୍ଣପୁର,୨୧।୧୨ (ସଂଚାର ବ୍ୟୁରୋ):** ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମାନବ ସଂହତି ଦିବସ ଶନିବାର ପୂର୍ବାହ୍ନ ୧୧-୦୦ଘଣ୍ଟା ସମୟରେ ପାଳିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ କୃଷ୍ଣଚନ୍ଦ୍ର ପାଢ଼ୀ ତଥା ସମ୍ମାନିତ ଅତିଥି ଭାବରେ ଗୋପୀନାଥ ମହାକୁର ମଞ୍ଚାସୀନ ଥିଲେ । ବିବିଧତା ମଧରେ ଏକତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଡିସେମ୍ବର ୨୦ ତାରିଖକୁ ଅନ୍ତର୍ଜାତୀୟ ମାନବ ଏକତା ଦିବସ ଭାବେ ପାଳନ କରାଯାଏ । ମିଳିତ ଜାତିସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ଉପରେ ଅଧିକ ଗୁରୁତ୍ୱାରୋପ କରିଥାଆନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକର ଦାରିଦ୍ର୍ୟ ହ୍ରାସ କରିବା ତଥା ଦାରିଦ୍ର୍ୟ ହ୍ରାସ ରଣନୀତି ପ୍ରସ୍ତୁତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ବିଶ୍ୱସ୍ତରରେ ଏହି ଏକତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ ବୋଲି ଅତିଥିମାନେ ବ୍ୟକ୍ତ କରିଥିଲେ।

# ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ଦାବି

### ଜୟ ନୟାଗଡ଼ ଫାଉଣ୍ଡେସନ୍ ପକ୍ଷରୁ ମଶାଲ ଶୋଭାଯାତ୍ରା

**ନୟାଗଡ଼,୨୧।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଏକ ବିଶାଳ ମଶାଲ ଶୋଭାଯାତ୍ରା ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ପୂର୍ତ୍ତ ବିଭାଗ ବଙ୍ଗଳା ଦେଇ ନୟାଗଡ଼ ଟ୍ରାଫିକ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ, ସାମ୍ବାଦିକ ଭବନ, ମା ଫାଉଣ୍ଡେସନ, ଅନେକ ଅଗ୍ରଣୀ ସଂଗଠନ ସମେତ ଶତାଧିକ ନୟାଗଡ଼ିଆ ଏହି ଶୋଭାଯାତ୍ରାରେ ଯୋଗ ଦେଇ ସ୍ଲୋଗାନ ଏବଂ ମଶାଲ ସାହାଯ୍ୟରେ ନୟାଗଡ଼ିଆଙ୍କ ଦାବିକୁ ସରକାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏକ ଅଭିନବ ପ୍ରତିବାଦ କରିଛନ୍ତି ।

ଜିଲ୍ଲାର ଭୌଗୋଳିକ ଅବସ୍ଥିତି ଓ ଗମନାଗମନ ସୁବିଧା ଅନୁଯାୟୀ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ




ପ୍ରତିଷ୍ଠା କରାଗଲେ ନୟାଗଡ଼ର ୮ ଗୋଟି ବ୍ଲକର ଜନସାଧାରଣ ସମେତ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ, କଟକ, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାର ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ନୟାଗଡ଼ର ଉପାନ୍ତ ଅଞ୍ଚଳ କୁଜାମେଣ୍ଢିଠାରୁ ନୟାଗଡ଼ ୮୧ କିମି, ଚାନ୍ଦପୁର ଠାରୁ ୫୦ କିମି, କୁତୁରିଠାରୁ ୮୭ କିମି, ଛାମୁଣ୍ଡିଆ ଠାରୁ ୭୨ କିମି, ରାସଙ୍ଗ ଠାରୁ ୬୧ କିମି , ରୋହିବାଙ୍କଠାରୁ ୪୦ କିମି ଦୂରତାରେ ଜିଲ୍ଲା ସଦରମହକୁମା ଅବସ୍ଥିତ । ତେଣୁ ଭୌଗଳିକ ଦୃଷ୍ଟିରୁ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଯଥାର୍ଥ ବୋଲି କୁହାଯାଇଛି । ନୟାଗଡ଼ ଜିଲ୍ଲାର ଜନସାଧାରଣଙ୍କ ତରଫରୁ ଆଜି ମଶାଲ ଶୋଭାଯାତ୍ରା ମାଧ୍ୟମରେ ସରକାରଙ୍କ ନିକଟରେ ସଦର ମହକୁମାରେ ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ଦାବି କରାଯାଇଥିବା ବେଳେ ଏ ଆନ୍ଦୋଳନ ଆହୁରି ତୀବ୍ରତର ହୋଇ ରାଜଧାନୀର ରାଜରାସ୍ତାରେ ଚାଲିବ ବୋଲି କୁହାଯାଇଛି ।

## ୨୦୦୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ




**ଡେରାବିଶ,୨୧।୧୨(ସଂଚାର ବ୍ୟୁରୋ):** ବର୍ତ୍ତମାନ ଡିଜିଟାଲ ଯୁଗ ସହ ତାଳଦେଇ ଚାଲିବା ଏବଂ ବ୍ୟସ୍ତ ବହୁଳ ଜୀବନ ଭିତରେ ନିଜର ଆତ୍ମୀୟ ପରିଜନ ଙ୍କ ସହ ସମୟ ବାହାର କରି ଭେଟ ହେବା ସମ୍ଭବ ହୋଇ ପାରୁ ନ ଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ଫକୀରାବାଦ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ୨୦୦୬ ମାଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମା ପାଟ ଶାମୁଦେଇ ମନ୍ଦିର ନିକଟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ରେ ୨୦୦୬ ମାଟ୍ରିକ ବ୍ୟାଚ ର ପ୍ରାୟ ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଜରିଆରେ ସମାଜରେ ବର୍ତ୍ତମାନ ନିଜ ନିଜ ଭିତରେ ପୂର୍ବ ପରି ରହି ପାରୁନଥିବା ସମ୍ପର୍କ,ସ୍ନେହ ମମତା, ଭଲପାଇବା ଏବଂ ମାନବିକତା ମୋବାଇଲ ହେତୁ ଉଭେଇ ଯାଉଥିବା ଅତୀତକୁ ମନେ ପକାଇବା ସହ ଆଗାମୀ ଯୁବପିଢ଼ି କିପରି ଭାବେ ନିଜ ନିଜ ଭିତରେ ସୁସମ୍ପର୍କ ରଖିବେ ଆଜିର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ଏକ ବାର୍ତ୍ତା ହେବ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଉକ୍ତ ବ୍ୟାଚର ଅଭିନାଶ ନାୟକ, ଅଶୋକ କୁମାର ଦାଶ, ତ୍ରିଲୋଚନ ବେହେରା, ବିଭୂରଞ୍ଜନ ବେହେରା, ବିଶ୍ୱରଂଜନ ବେହେରା, ପିତାମ୍ବର, ଟୁଟୁ, ଦିପୁ, ବଦ୍ରୁନ, ପ୍ରେମଲତା,ମନମୋହନ, ହେମଲତା, ରୁପାଲୀ, ଗୀତାଞ୍ଜଳି, ସରିୟତ, ଅଭୟ, ସୁଲୋଚନା, ସୁଭଦ୍ରା, ଅରୂପ, ନିତ୍ୟାନନ୍ଦ, ପାକସ୍ମିତା, ସୁରେଶ, ହିମାଂଶୁ ସମେତ ସମସ୍ତ ଛାତ୍ର ଛାତ୍ରୀ ଯୋଗଦେଇ ବନ୍ଧୁ ମିଳନ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

## କୁନ୍ଦେଇ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ମେଳା



**ରାଇଘର,୨୧।୧୨(ସଂଚାର ବ୍ୟୁରୋ):** ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା କୁନ୍ଦେଇ ଉଚ୍ଚ ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି ପିଏମଶ୍ରୀ ମେଳା। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ,ସମ୍ମାନିତ ଅତିଥି ବ୍ଲକ ଉପଧକ୍ଷା ଦିନେଶ୍ୱରୀ ଗଣ୍ଡ ,ଡ଼ା ସନରାଜ ଗଣ୍ଡଙ୍କ ଦ୍ୱାରା ଦୀପକ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ ମୁଖ୍ୟ ବକ୍ତା ବିଇଓ ବିକାଶ ଚନ୍ଦ୍ର ସରକାର, ଏସଏମସି ଅଧକ୍ଷ ଗଙ୍ଗଂଦ ଲାଲ ଗଣ୍ଡ, ଅଲୁମନି ସଭାପତି ଭୁବେନ ସିଂ ରାଜପୁତ,ପୂର୍ବତନ ସରପଞ୍ଚ ଶୁକ ଚାନ୍ଦ ଗଣ୍ଡ , ଅତିଥି ମଞ୍ଚାସିନ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ଉତ୍ତମ ସରକାର। ପ୍ରଧାନ ଶିକ୍ଷକ ଗଗନ ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପକ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ। ସଭା ସରିବା ପରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ। ନିମନ୍ତ୍ରିତ ଅତିଥିମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଗ୍ଧ ହୋଇ କୁନି କଳାକାର ମାନଙ୍କୁ ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ।

ପ୍ରକାଶ ଥାଉକି ଏହି ମେଳାରେ ୯ଗୋଟି ଷ୍ଟଲ ଲାଗିଥିବା ଦେଖିବାକୁ ମିଳିଥିଲା।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



**ବୋରିଗୁମ୍ମା,୨୧।୧୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ଶଶାହାଣ୍ଡି ଠାରେ ଆଜି ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଯାଇଛି। ବୋରିଗୁମ୍ମା ଏବିଡ଼ିଓ ମାଧୁରୀ ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ଶାରୀରିକ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପାନୀ ଉତ୍ସବରେ ସାଂସଦ ପ୍ରତିନିଧି ଜେ. ଶ୍ରୀନିବାସ ରାଓ, କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାଂସଦ ଖେଳ ଉତ୍ସବର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। ବୋରିଗୁମ୍ମା ଜିପିଡ଼ିଓ ସ୍ୱାଗତିକା ଗୋପାଳଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ବଦଳରେ ଗଦା ହୋଇଛି କାଠ

**ନାଉଗାଁ,୨୧।୧୨ (ସଂଚାର ବ୍ୟୁରୋ):** ବିଦ୍ୟାଳୟଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି ତଥା ପିଲାମାନଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ବିଦ୍ୟାଳୟ ଗୁଡିକୁ ସୌନ୍ଦର୍ଯ୍ୟକରଣ

**ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



କରାଗଲେ ତାହା ସୁନ୍ଦର ଦେଖାଯିବ। ଫଳରେ ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିବେ। ବିଦ୍ୟାଳୟ କାନ୍ଥରେ ବିଭିନ୍ନ ପ୍ରକାର କଳାକୃତିର ଛବି ଅଙ୍କା ଯିବା ସହ ବିଦ୍ୟାଳୟ ସମ୍ମୁଖକୁ ବିଭିନ୍ନ ପ୍ରକାର ଫୁଲ ଗଛରେ ସୁସଜ୍ଜିତ କରାଯିବାର ନିୟମ ରହିଛି। କିନ୍ତୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୌନ୍ଦର୍ଯ୍ୟକରଣ ବଦଳରେ ପରିସରରେ କାଠ ଗଦା ହୋଇଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢ଼ିଥାନ୍ତି। ବିଦ୍ୟାଳୟଟି ପୂର୍ତ୍ତ ବିଭାଗର କୋକିଡିହ-ତେଲସରା ରାସ୍ତାର ଗଙ୍ଗଦାହାଟ ନିକଟରେ ଅବସ୍ଥିତ। ବିଦ୍ୟାଳୟ ସମ୍ମୁଖରେ ଯେତିକି ସ୍ଥାନ ରହିଛି ବିଦ୍ୟାଳୟରେ ସମୁଦାୟ ସେତିକି ସ୍ଥାନ ଖାଲି ରହିଛି। ସେହି ସ୍ଥାନରେ ପିଲାମାନେ ଖେଳକୁଦ କରିବା ପାଇଁ ମଧ ସଂକୀର୍ଣ୍ଣ ଅଟେ। ଦୀର୍ଘ ଦିନ ଧରି କାଠ ଗଦା ହେବା ଫଳରେ ପିଲାମାନଙ୍କର ଖେଳକୁଦ ଏକରକମ ଠପ୍ ହୋଇଗଲାଣି।

ସେହିପରି ପ୍ରତି ବିଦ୍ୟାଳୟରେ ମଧାହ୍ନ ଭୋଜନ ରୋଷେଇ କରିବା ପାଇଁ ରୋଷେଇ ଗୃହ ଥିବା ବେଳେ ସରକାରଙ୍କ ତରଫରୁ ଗ୍ୟାସରେ ରୋଷେଇ କରିବା ପାଇଁ ନିୟମ ରହିଛି। ଅନେକ ବିଦ୍ୟାଳୟ ଗ୍ୟାସ ଚୁଲା ବଦଳରେ କାଠ ଚୁଲାରେ ରୋଷେଇ କରୁଛନ୍ତି। କାଠ ଚୁଲାରେ ରୋଷେଇ କରିବା ଦ୍ୱାରା ଚୁଲି ଧୂଆଁରେ କେବଳ ରୋଷ ଘର ନୁହେଁ ବିଦ୍ୟାଳୟ ଗୃହ କଳା ପଡ଼ିବା ସହ ବାୟୁ ପ୍ରଦୁଷଣ ମଧ ହେଉଛି। କାଠ ଚୁଲାରେ ରୋଷେଇ କରିବା ଫଳରେ ବିଦ୍ୟାଳୟରେ ଗଦା ଗଦା କାଠ ଗଚ୍ଛିତ ରଖିବାକୁ ପଡୁଛି। କେବଳ ଉକ୍ତ ବିଦ୍ୟାଳୟ ନୁହେଁ ଏହି ବ୍ଲକର ଅନେକ ବିଦ୍ୟାଳୟରେ କାଠ ଚୁଲା ବ୍ୟବହାର କରୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଜଣାଯାଇଛି।

## ସମର ଶିକ୍ଷାର୍ଥୀ ବାହିନୀର ଶୁଭ ଉଦ୍‌ଘାଟନ ଉତ୍ସବ

**ବାଲିଆପାଳ,୨୧।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସନ୍ଧ୍ୟା ରେ ବିଦ୍ୟାଳୟର ୭୫ ତମ ବାର୍ଷିକ ଉତ୍ସବ ଅବସରରେ ସମର ଶିକ୍ଷାର୍ଥୀ ବାହିନୀର ଶୁଭ ଉଦଘାଟନ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ଦେ ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭଦ୍ରକ ଶାଖା କମାଣ୍ଡିଙ୍ଗ ସୁଦିପ୍ତ କୁମାର ସାହୁ ଉଦଘାଟକ ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ, ମୁଖ୍ୟ ବକ୍ତା ଭାବେ ପରିବେଶବିତ୍ ସୁମନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭଗିରଥ ଦେ, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, କଲେଜ ଅଧକ୍ଷ ଦେବାଶିଷ ସାହୁ,ସମର ଶିକ୍ଷାର୍ଥୀ ବାହିନୀର ଦାୟିତ୍ୱରେ ଥିବା ଶିକ୍ଷକ ମନୋଜ ସାହୁ, ଶିକ୍ଷୟିତ୍ରୀ ବୃନ୍ଦାବତୀ ସୋର ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ା ସହିତ ସମର ଶିକ୍ଷାର୍ଥୀ ବାହିନୀର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷାବିତ ଭଗିରଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ବୋରିଗୁମ୍ମା,୨୧।୧୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ନୂଆଗାଁ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବଳିୟାର ସିଂହଙ୍କ ପୌରାହିତ୍ୟରେ ସହକାରୀ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପାଢ଼ୀ, ସହକାରୀ ଶିକ୍ଷକ ବିପିନ କୁମାର ମହୋନ୍ତଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଶୋଭାରେ ମୁଖ୍ୟ ଅତିଥିଭାବେ ଗ୍ରାମର ସମ୍ମାନିତ ବ୍ୟକ୍ତି ନାରାୟଣ ହରିଜନ, ଓ ଯୁବପ୍ରତିଭା ହେମନ୍ତ କୁଲଦୀପ ଅତିଥିଭାବେ ଯୋଗଦେଇ ବିଭିନ୍ନ କ୍ରୀଡାରେ ପାରଦର୍ଶିତା ଦେଖାଇ ଚମ୍ପିଆନ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଏହି ଉତ୍ସବକୁ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ଜେନା,ହରପ୍ରିୟା ଦାସ,ଶିକ୍ଷକ ନବୀନ କୁମାର ଢାଲ,ରେହେଲ କରୁପ ପରିଚାଳନା କରିଥିଲେ । ସଭାଶେଷରେ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

ସଂଚାର SANCHAR
ସୋମବାର ୨୨ ଡିସେମ୍ବର ୨୦୨୫




# ସ୍ୱାସ୍ଥ୍ୟ



## ଋତୁଚକ୍ରକୁ ନିୟନ୍ତ୍ରଣ କରେ 'ଚକ୍‌କି ଚଳନାସନ'

ଏହି ଆସନଦ୍ୱାରା ପେଟ ଓ ଅଙ୍ଗଗୁଡ଼ିକ ଏହି ଆସନ ଦ୍ୱାରା କାର୍ଯ୍ୟକ୍ଷମ ହୁଏ। ଋତୁଚକ୍ର ଭଲଭାବରେ ନିୟନ୍ତ୍ରଣ ହୁଏ। ଗର୍ଭାବସ୍ଥାରେ ୧ମାସ ଓ ୩ମାସ ଭିତରେ ଏହା ଅଭ୍ୟାସ କରାଯାଇପାରେ। ସନ୍ତାନ ଜନ୍ମ ପର ଅବସ୍ଥାରେ ଏହି ଆସନଦ୍ୱାରା ସ୍ୱାସ୍ଥ୍ୟ ଶୀଘ୍ର ଫେରିଆସେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର। ଏହି ଆସନ କରିବା ପାଇଁ ଗୋଡ଼ ଲମ୍ବାଇ ଭୂଇଁରେ ବସନ୍ତୁ, ପାଦ ଏକ ଫୁଟ୍ ଛଡ଼ାରେ ରହିବ। ଦୁଇ ହାତ ଛନ୍ଦି ସାମନାରେ ବଢ଼ାଇ ସିଧାରଖନ୍ତୁ। ଆସନ ଶେଷ ପର୍ଯ୍ୟନ୍ତ ହାତ ସିଧା ରହିବ। କହୁଣୀ ଭାଙ୍ଗିବ ନାହିଁ। ଯେତେପାର ଦେହକୁ ଆଗକୁ ଆଣନ୍ତୁ। ହାତରେ ପଥର ଚକି ଘୂରାଇଲାପରି ଅନୁମାନ କରିବେ। ଛନ୍ଦିଥିବା ହାତକୁ ଡାହାଣ ଗୋଡ଼ ଆଙ୍ଗୁଳି ଦେଇ ଘୂରାଇବେ, ଯେତେଦୂର ପାର ପାଦର ଡାହାଣକୁ ମୋଡ଼ିବେ। ପଛକୁ ହାତ ଘୂରାଇ ଆଣିଲାବେଳେ ଯେତେଦୂର ପାର ପଛକୁ ଝୁଲିବ। ଦେହକୁ ଅଣ୍ଟାରୁ ବୁଲାଇବେ। ଆଗକୁ ଘୂରାଇଲାବେଳେ ହାତକୁ ବାମପଟକୁ ଆଣି ବାମପାଦର ଆଙ୍ଗୁଳି ଦେଇ ପ୍ରଥମ ଅବସ୍ଥାକୁ ଆଣିବେ। ଗୋଟିଏ ଥର ଘୂରାଇବା ହେଉଛି ଗୋଟିଏ ଚକ୍ର। ୫ରୁ ୧୦ ଚକ୍ର ଘଣ୍ଟା କଣ୍ଟା ଦିଗରେ ଏବଂ ବିପରୀତ ଦିଗରେ ପୁନରାବୃତ୍ତି କରନ୍ତୁ।

### ଦ୍ୱିତୀୟ ସ୍ଥିତି

ସେହି ବସିବା ଅବସ୍ଥାରେ ଦୁଇଗୋଡ଼କୁ ଯେତେଦୂର ପାର ଛଡ଼ାରେ ରଖନ୍ତୁ। ଗୋଡ଼ ସିଧା ରହିବ। ଦୁଇ ପାଦ ଉପରେ ଯେତେବଡ଼ ଚକ୍ର ଘୂରାଇପାର। ହାତ ଆଗକୁ ଘୂରାଇଲାବେଳେ ପାଦର ତେବେ ଆଗକୁ ନେଇପାରିବେ, ସେମିତି ଠିକ୍ ପଛକୁ ଯେତେ ଦୂର ଆଣିପାରିବେ। ୧୦ ଥର କରି ଦୁଇ ଦିଗରେ ଘୂରାନ୍ତୁ।

## ଶୀତଦିନେ ଖାଆନ୍ତୁ କନ୍ଦମୂଳ

ଆପଣମାନେ ତ ଜାଣିଥିବେ ଶୀତଋତୁରେ ଅନେକ ପ୍ରକାରର ଫଳମୂଳ, ପନିପରିବା ଇତ୍ୟାଦି ଭରପୂର ପରିମାଣରେ ମିଳିଥାଏ। ଏହା ସହ ଶୀତଋତୁରେ ମଧ୍ୟ ଏହି ସବୁ ଜିନିଷର ଦର କମ ରହିଥାଏ। ଯାହାକୁ ଆପଣ ବହୁତ ସହଜରେ କିଣିପାରିବେ। କିନ୍ତୁ ମାର୍କେଟରୁ ପନିପରିବା କିଣିବା ଅପେକ୍ଷା ନିଜ ବାଡିରେ ଲଗାଯାଇଥିବା ପନିପରିବା ଅଧିକ ଭଲ ହୋଇଥାଏ। ତେବେ ଯାହାକୁ ଖାଇ ନିଜକୁ ସୁସ୍ଥମନେ କରିପାରିବେ। କାହିଁକି ନା ମାର୍କେଟରେ ମିଳୁଥିବା ପରିବାରେ ସାର, ବିଶ ଇତ୍ୟାଦି ପଡିଥାଏ, ଯାହାକୁ ଖାଇଲେ ସ୍‌ବାସ୍ଥ୍ୟ ସମସ୍ୟା



ବଢ଼ିବାକୁ ଲାଗିଥାଏ। ଏଥିପାଇଁ ଯଦି ଆପଣ ବାଡିରେ ଲଗାଯାଇଥିବା ପନିପରିବାକୁ ଖାଆନ୍ତି, ତାହେଲେ ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅନେକ ପ୍ରକାରର ରୋଗରୁ ମଧ୍ୟ ଆରୋଗ୍ୟ ପାଇପାରିବେ। କିନ୍ତୁ ଆପଣ ଜାଣିଛନ୍ତି କି, ଏମିତି ଏକ ଫଳ ଅଛି ଯାହା ସ୍ୱାଦରେ ପରିପୂର୍ଣ୍ଣ ରହିବା ସହ ଅନେକ ଭିଟାମିନରେ ଭରପୁର ରହିଛି। ତାହେଲେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା। ତେବେ ସେହି ଫଳର ନାମ ହେଉଛି 'କନ୍ଦମୂଳ'। ଯାହା ସ୍ୱାଦରେ ପରିପୂର୍ଣ୍ଣ ହୋଇଥାଏ ଏବଂ ଅନେକ ପ୍ରକାରର ଭିଟାମିନ୍ ମଧ୍ୟ ଯୋଗାଇଥାଏ। ଯେଉଁଥିରେ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି' ଏବଂ ବି 6 ଗୁଣ ରହିଛି। ଏହା ବ୍ୟତୀତ ପୋଟାସିୟମ ଏବଂ ମାଙ୍ଗାନିଜ୍ ଭଳି ମିନେରାଲ ମଧ୍ୟ ରହିଛି। କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। କନ୍ଦମୂଳରେ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ଶୀତଋତୁରେ ଆପଣ ପ୍ରତ୍ୟେକ ଦିନ ଗୋଟିଏ କନ୍ଦମୂଳ ଖାଇବା ନିହାତି ଆବଶ୍ୟକ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ ମିଳିଥାଏ।

**ତ୍ୱଚା ପାଇଁ ଲାଭଦାୟକ:** କନ୍ଦମୂଳରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇଥାଏ ଯାହା ସ୍କିନକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଏହା ସ୍କିନକୁ ଫ୍ରି' ରେଡିକାଲ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। କିଛି ପୁରୁଣା ରୋଗକୁ ଠିକ୍ କରିବାରେ ଏହି ଫଳ ସାହାଯ୍ୟ କରିଥାଏ। ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ, ଯେମିତିକି ସିଜାଇ ଖାଇପାରିବେ, ରୋଷେଇରେ ସାମିଲ୍ କରିପାରିବେ ଏବଂ ଏହାକୁ କେହି କେହି ପୋଡିକି ମଧ୍ୟ ଖାଇଥାନ୍ତି। ଏହା ସହ ଏହାକୁ ଖାଇଲେ ଅନେକ ରୋଗରୁ ମଧ୍ୟ ଆରୋଗ୍ୟ ହୋଇପାରିବେ।

**ଆଖି ପାଇଁ ଲାଭଦାୟକ:** କନ୍ଦମୂଳରେ ଭିଟାମିନ୍ ଏ' ବହୁତ ପରିମାଣରେ ମିଳିଥାଏ। ଯାହା ଆଖି ପାଇଁ ବେସ୍ ଲାଭ ଦାୟକ ହୋଇଥାଏ। ଏହା ସହ ବିଟା-କ୍ୟାରୋଟିନ୍ ମିଳିଥାଏ ଯାହା ଷ୍ଟ୍ରେସକୁ କମ କରିଥାଏ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ବ୍ଲଡ୍ ପ୍ରେସରକୁ ମଧ୍ୟ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ।

**ଡାଇବେଟିସ୍‌ରେ କନ୍ଦମୂଳ :** ଆପଣମାନେ ତ ଜାଣିଥିବେ ସବୁ ଫଳ ଅପେକ୍ଷା କନ୍ଦମୂଳରେ ମିଠାର ପରିମାଣ କମ୍ ଥାଏ। ଯାହାକୁ ଡାଇବେଟିସ୍ ରୋଗୀମାନେ ମଧ୍ୟ ଖାଇପାରିବେ, ଏଥିରେ କୌଣସି ଅସୁବିଧା ହୁଏ ନାହିଁ। ଏହାସହ ଏହାର ଟେଷ୍ଟ ମଧ୍ୟ ବହୁତ ଭଲ ହୋଇଥାଏ। ଯାହାକୁ ଛୋଟ ଛୁଆ ଠାରୁ ଆରମ୍ଭ କରି ବଡ ଲୋକମାନେ ମଧ୍ୟ ଖାଇଥାନ୍ତି। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଏନର୍ଜି ଲେଭୁଲ ବଢ଼ିଥାଏ।

**ଓଜନକୁ କମ୍ କରେ 'କନ୍ଦମୂଳ':** ଓଜନ କମ କରିବାରେ ସାହାଯ୍ୟ କରିଥାଏ କନ୍ଦମୂଳ। ଆପଣ ଏହାକୁ ଡାଏଟରେ ମଧ୍ୟ ସାମିଲ୍ କରିପାରିବେ। କନ୍ଦମୂଳ ଖାଇବା ଦ୍ୱାରା ଇମ୍ୟୁନିଟି ମଜବୁତ୍ ରହିଥାଏ। ଏଥିରୁ ମିଳୁଥିବା ଭିଟାମିନ୍ ସି' ଏବଂ ଇ' ଆପଣଙ୍କ ତ୍ୱଚାକୁ ସୁନ୍ଦର ରଖିବାରେ ସାହାଯ୍ୟ କରିଥାଏ। ଏହା ସହ ଏଥିରେ ମିଠାର ପରିମାଣ କମ୍ ଥିବାରୁ ଓଜନ କମ୍ ହୋଇଯାଇଥାଏ।



## ଶୀତ ଦିନ ପାଇଁ ଆପଣଙ୍କ ଓଠ ଫାଟୁଛି କି ?

ବର୍ତ୍ତମାନ ଚାଲିଛି ଶୀତ ଋତୁ। ଶୀତ ଋତୁ ସମସ୍ତଙ୍କୁ ଖବ୍ ଭଲ ଲାଗିଥାଏ। କିନ୍ତୁ ଶୀତ ଦିନ ଆସିବା ମାତ୍ରେ ହାତ, ପାଦ ପାଟିବା ସହ ଓଠ ମଧ୍ୟ ଫାଟିଯାଇଥାଏ। ଏହି ସମସ୍ୟା ଯୋଗୁଁ ବାହାରକୁ ଯିବାକୁ ନିଜକୁ ସଙ୍କୋଚ ଲାଗେ। ଅଧିକାଂଶ ଲୋକେ ଏହି ସବୁ ସମସ୍ୟା ଦୂର କରିବାକୁ ଲିପ୍ ବାମ୍ ବ୍ୟବହାର କରିଥାଆନ୍ତି। ଶୀତ ଋତୁରେ ଓଠ ଫାଟିବା ଏକ ସାଧାରଣ କଥା। କେମିତି ଘରୋଇ ଉପଚାରରେ ଏହି ସମସ୍ୟାରୁ ଆପଣମାନେ ମୁକ୍ତି ପାଇପାରିବେ ?

ଆମ ଆଖପାଖରେ ଅନେକ କିଛି ଜିନିଷ ରହିଛି ଯାହା ନାନା ସମସ୍ୟାରୁ ରକ୍ଷା କରେ। ସେହି ସବୁ ମଧ୍ୟରୁ ଗୋଲାପ ଫୁଲ ଅନ୍ୟତମ। ଗୋଲାପ ପାଖୁଡାକୁ ସଫା ପାଣିରେ ଧୋଇ ତାକୁ କିଛି ସମୟ କ୍ଷୀରରେ ଭିଜାଇ ରଖିଦିଅନ୍ତୁ। ଏହାପରେ ଏହାର ଏକ ପେଷ୍ଟ ପ୍ରସ୍ତୁତ କରି ଓଠରେ ଲଗାନ୍ତୁ। ପାଖାପାଖି ୧୫ ମିନିଟ ପରେ ଓଠକୁ ଧୋଇ ଦିଅନ୍ତୁ। ଏଭଳି କରିବା ଦ୍ୱାରା ଓଠର ରୁକ୍ଷତା ଦୂର ହେବା ସହ ଗୋଲାପୀ ଦେଖାଯିବ। ଆଲୋଭେରା ଜେଲକୁ ନେଇ ଓଠରେ ମସାଜ କରନ୍ତୁ। ଏମିତି କରିବା ଦ୍ୱାରା ମଧ୍ୟ ଓଠର ଶୁଷ୍କତାକୁ ଦୂର କରିଥାଏ।

ମହୁରୁ ଅନେକ ପ୍ରକାରର ପୋଷକ ତତ୍ତ୍ୱ ମିଳିଥାଏ। ଯାହା ଓଠକୁ ନରମ ରଖିଥାଏ। ମହୁକୁ ଓଠରେ ମସାଜ କରନ୍ତୁ। ଯାହା ଆପଣଙ୍କର ଓଠକୁ ମୁଲାୟମ କରିବ। ରାତିରେ ଶୋଇବା ସମୟରେ ସୋରିଷ ତେଲକୁ ଉଷୁମ କରି ନାଭିରେ ଲଗାନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ଆପଣଙ୍କ ଓଠ ଫାଟିବାରୁ ମୁକ୍ତି ମିଳିବ। ଏଥିସହ ଓଠରେ ଅମୃତଭଣ୍ଡାର ରସ ଲଗାଇବା ଓଠ କୋମଳ ଏବଂ ନରମ ରହିଥାଏ। ଶୀତଦିନ ପାଇଁ କୌଣସି ଲିପ୍ ବାମ୍ ଏବଂ ବଡି ଲୋସନ ଅପେକ୍ଷା ନଡିଆ ତେଲ ଖୁବ୍ ଲାଭକାରୀ। ଯାହା ବ୍ୟବହାର କରିବା ଦ୍ୱାରା ଓଠ ଏବଂ ଚର୍ମକୁ ନରମ କରିଦେଇଥାଏ। ରଙ୍ଗହୀନତାକୁ ଦୂର କରିବା ପାଇଁ ଚାହୁଁଥିଲେ ଶୋଇବା ପୂର୍ବରୁ ନଡିଆ ତେଲ ଲଗାନ୍ତୁ। ଘିଅ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ବୋଲି ପ୍ରମାଣିତ ହୋଇଆସୁଅଛି। କିନ୍ତୁ ଘିଅ ବ୍ୟବହାର କରିବା ଦ୍ୱାରା ମଇଶ୍ଚରାଇଜ ରଖେ। ଏହା ଲିପ୍ ବାମ ଭଳି କାମ କରେ। ଘିଅ ବ୍ୟବହାର କରିବା ଦ୍ୱାରା ମଧ୍ୟ ଓଠକୁ ଗୋଲାପୀ ରଖିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଘରୋଇ ଉପାୟରେ ଆପଣମାନେ ମଧ୍ୟ ଲିପ୍ ବାମ୍ ତିଆରି କରିପାରିବେ। ଏହି ସବୁ ଜିନିଷ ପ୍ରାକୃତିକ ହୋଇଥିବାରୁ ଆମ ପାଇଁ ଭଲ ହୋଇଥାଏ। ତେବେ ଆସନ୍ତୁ ସେହି ଘରୋଇ ଲିପ୍ ବାମ୍ ସମ୍ପର୍କରେ ଜାଣିବା।

ଅଧ ଚାମଚ କ୍ରିମ୍, ଟିକେ ଡାଲଚିନି ଗୁଣ୍ଡ ଏବଂ ଚିମଚଟା, ହଳଦୀକୁ ଏକାଠି କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ଲିପ୍ ବାମକୁ ଓଠରେ ଲଗାନ୍ତୁ। ଯାହା ଲଗାଇବା ଫଳରେ ଓଠକୁ ମଇଶ୍ଚରାଇଜ୍ ରଖିବାରେ ବଡ଼ ଭୂମିକା ନିର୍ବାହ କରିଥାଏ।





## ଶ୍ରବଣ ଶକ୍ତିଜନିତ ସମସ୍ୟାରେ ପୀଡ଼ିତ କି?

ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ। ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ। ଆମେ ଆଉ ଶୁଣିପାରୁନା ଶୃତି ମଧୁର ସଙ୍ଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ'ଣ। ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶରୀରିକ ବିକଳାଙ୍ଗ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଊର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ ପିଲା ଡ଼େରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ।

**ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ:** ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା। କାନ ବଧିରା ଲାଗିବା, କାନରେ ରିଂ ରିଂ ଶବ୍ଦ ହେବା। ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତ୍ତି ହୋଇଯିବା ଭଳି ଲାଗିବା। ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି। ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି। କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି ନାହିଁ। କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ। ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।

**ଚିକିତ୍ସା:** ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି। ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି। ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି। ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ। ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ ଶୁଣିପାରେ। କିନ୍ତୁ ଶ୍ରବଣଶକ୍ତି ହରାଉଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ। ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶୃତିକଟୂ ହୋଇଥାଏ।

### ଶ୍ରବଣ ହୀନତାର ଶ୍ରେଣୀ ବିଭାଗ:

**ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ**

**କଣ୍ଡକ୍ଟିଭ ହିୟରିଂ ଲସ୍ :** କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ। ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ। ସାମାନ୍ୟ ଚିକିତ୍ସା ମାଧମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ।

**ସେନ୍ସରୀନ୍ୟୁରାଲ ହିୟରିଂ ଲସ୍:** ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ। ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତ୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ।

**ମିକ୍ସଡ଼୍ ହିୟରିଂ ଲସ୍ :** ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ଅର୍ଥ କର୍ଣ୍ଣର ବର୍ହିପାର୍ଶ୍ୱ, ମଧ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ। ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ। ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଳା ରୋଡ଼, କଟକ, ଦୂରଭାଷ : ୯୪୩୮୨୭୬୭୬୦**

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଦିବସ



**ବ୍ରହ୍ମପୁର,୨୧।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଜିଲ୍ଲା କୋର୍ଟ ପରିସର ସ୍ଥିତ ଜୁଡିସିଆଲ୍ ଏକାଡେମୀ କୋଠାରେ ଏକ ସଚେତନତା ଦିବସ ପାଳିତ ହୋଇଯାଇଛି । ଯେଉଁଥିରେ 'ଏସୟୁଭିଏଏସ (ସୁପ୍ରିମ କୋର୍ଟ ବିଧିକ ଅନୁବାଦ ସଫ୍ଟୱେର୍) ମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରି ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟର ଇଂରାଜୀରୁ ଆଞ୍ଚଳିକ ଭାଷାରେ ଅନୁବାଦ, ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ଫର୍ କୋର୍ଟ୍ସ ନିୟମ, ୨୦୨୦ ର ଲାଭ, ନ୍ୟାୟିକ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ସୁବିଧା ଏବଂ ମାନ୍ୟବର ଓଡ଼ିଶା ହାଇକୋର୍ଟର ସିଭିଲ୍ ପ୍ରୋସିଜିଓର ଏଡିଆର୍ ନିୟମ୨୦୦୭ ଓ ସିଭିଲ୍ ପ୍ରୋସିଜିଓର ମଧ୍ୟସ୍ଥତା ନିୟମ ୨୦୦୭" ବିଷୟ ଉପରେ ଆଇନଗତ ସଚେତନତା କରାଯାଇଥିଲା।

# ବାଲି ମାଫିଆଙ୍କ କବ୍‌ଜାରେ କଣ୍ଟାପାଳ ବାଲି ଖାଦାନ

**ବାଲିଆପାଳ, ୨୧।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଧିନରେ ଥିବା କଣ୍ଟାପାଳ ବାଲିଖାଦାନ ସରକାରୀ ସ୍ତରରେ ଦୁଇବର୍ଷ ହେଲା ନିଲାମ ଦିଆଯାଇ ନ ଥିବାରୁ ବାଲିମାଫିଆମାନେ ସ୍ଥାନୀୟ ପ୍ରଶାସନକୁ ହାତକରି ରାତିସାରା ବାଲିଉଠାଇ ପଡୋଶୀ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମାଲେମାଲ ହେବା ଘଟଣା ସାଧାରଣରେ ଆଲୋଚନା ହେଉଛି।

### ଲକ୍ଷାଧିକ ଟଙ୍କାର ରାଜସ୍ୱହାନୀ

ସୂଚନାରୁ ପ୍ରକାଶ ଜଳେଶ୍ୱର ତହସିଲ ଅଧିନରେ ରହିଛି କଣ୍ଟାପାଳ ବାଲିଖାଦାନ। ଜଳେଶ୍ୱର ତହସିଲ ଠାରୁ ଏହି ବାଲିଖାଦାନ ୧୭କି:ମି: ଦୂରତା ହୋଇଥିବା ବେଳେ ବାଲିଆପାଳ ତହସିଲ ଓ ଥାନାର ୩ କି:ମି ଦୂରତାରେ ରହିଛି। ଯାହାଫଳରେ ବାଲିମାଫିଆ ମାନେ ସ୍ଥାନୀୟ ପୁଲିସ ପ୍ରଶାସନକୁ ହାତବାରିସି କରି ରାତିସାରା ନଦୀରୁ ବାଲି ଉଠାଉଛନ୍ତି। ବାଲିଆପାଳ ଥାନା ଓ କମର୍ଦ୍ଦା ଥାନାକୁ ବାଲିମାଫିଆ ମାନେ ହାତ ମୁଠାରେ ରଖି ରାତି ଭିତରେ ପଡୋଶୀ ପଶ୍ଚିମବଙ୍ଗ କୁ ବାଲିଚାଲାଣ



ହେଉଥିବାର ଦେଖିବାକୁ ମିଳୁଛି। ଦିନରେ ମଧ ଶହଶହ ଟ୍ରିପବାଲି ପ୍ରଶାସନ ଘର ଆଗ ଦେଇ ଯାଉଥିବା ବେଳେ ଅଧିକାଂଶ ବାଲି ଗାଡି ଥାନା ପଛପଟେ କିଛି ଦୂରତାରେ ଜମା ହୋଇ ରହୁଛି। ଏତଦବ୍ୟତୀତ ବାଲିଆପାଳ ଓ ଜଳେଶ୍ୱର ତହସିଲ ଅଧିନରେ ଶହଶହ ଫିକସଚେମିନି, ଷ୍ଟୁପ ଓ ଚଦର ଇଟାଭାଟି ଗଢି ଉଠିଥିବା ବେଳେ ଲକ୍ଷ ଲକ୍ଷ ଇଟା ତିଆରି ପାଇଁ ପ୍ରଚୁର ବାଲି ଓ ମାଟିର ଆବଶ୍ୟକ ପଡୁଛି। ଯାହା ଫଳରେ ବାଲିମାଫିଆମାନେ ବାଲି ଓ ମାଟି ଯୋଗାଇବା ପାଇଁ ଇଟାଭାଟି ମାଲିକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଉଛନ୍ତି। ଫଳରେ ବାଲିଆପାଳ ଓ କମର୍ଦ୍ଦା ଯିବା ରାସ୍ତାରେ ଥିବା ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟରେ ବାଲି ଉଠାଯିବା ଫଳରେ ପୋଲ ପ୍ରତି ବିପଦ ଦେଖା ଦେଇଛି। ଇରିଗେସନ ଡିପାର୍ଟମେଣ୍ଟ ତରଫରୁ ନଦୀ ବନ୍ଧର ସୁରକ୍ଷା ପାଇଁ କୋଟି କୋଟି ଟଙ୍କାର ପଥର ପେଚିଂ ଓ ସ୍ପର କାମ ହେଉଥିବା ବେଳେ ବାଲିମାଫିଆ ପ୍ରତ୍ୟେକ ଦିନ ଜେସିପି ସାହାଯ୍ୟରେ ବାଲି ଓ ମାଟି ମନଇଚ୍ଛା ଉଠାଉଛନ୍ତି। ଏଠାରେ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ସ୍ଥାନୀୟ ପ୍ରଶାସନ ବାଲିମାଫିଆ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାନ୍ତି ସାଧାରଣ ଲୋକଙ୍କ ଧନଜୀବନକୁ କିପରି ସୁରକ୍ଷା ଦେବେ ତାହା ଆଲୋଚନାର ବିଷୟ ହୋଇଛି ।

ସରକାର ବାଲିମାଫିଆକୁ ସାବାଡ କରିବା ପାଇଁ ଖାଲି ଆଇନ ପ୍ରଣୟନ କଲେ ହେବନି ବରଂ ବାରବାର ଚୋରି ହେଉଥିବା ବାଲିଖାଦାନଟି ଯେଉଁ ଥାନା ଓ ତହସିଲ ଅଧିନରେ ଯାଉଛି ତାର ପ୍ରଶାସନ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ବାଲିମାଫିଆଙ୍କର ଗାଡି, ଆୟବର୍ହିଭୂତ ସମ୍ପତି ଛାନଭିନ ହେଲେ ବାଲି ଚୋରା ଚାଲାଣ ସମ୍ପୂର୍ଣ୍ଣ ରୁପେ ବନ୍ଦ ହୋଇପାରନ୍ତା ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।

## ରାଉରକେଲା ବନଖଣ୍ଡ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ



**ସୁନ୍ଦରଗଡ଼,୨୧।୧୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ କେନ୍ଦୁଲିପ ରାଉରକେଲା ବନଖଣ୍ଡ ପକ୍ଷରୁ ଏକ ସଚେତନତା ଅଭିଯାନ ସହ ମୃତ୍ୟୁ କାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି। ସୁନ୍ଦରଗଡ ବିକାଶ ଭବନ ଗୃହରେ ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିବା ବେଳେ ସମ୍ବଲପୁର ଶାରିକିଲର ସିସିଫ ସୁଦର୍ଶନ ବେହେରା ଏବଂ ରାଉରକେଲା ଡିଭିଜନର ଡିଏଫଓ ନିବେଦିତା ମିଶ୍ରଙ୍କ ସମେତ ବହୁ କେନ୍ଦୁପତ୍ର ବନଖଣ୍ଡର ଅଧିକାରୀ ସାମିଲ ହୋଇଥିଲେ। ଓଡିଶା କେନ୍ଦୁପତ୍ର ତୋଳାଳୀ ଓ ବନ୍ଧେଇ ଶ୍ରମିକ ଏବଂ ସାମୟିକ କର୍ମଚାରୀ କଲ୍ୟାଣ ଟ୍ରଷ୍ଟର ସଭ୍ୟ ଓ ସଭ୍ୟାଙ୍କ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ରେ ୧୧୯ ଜଣକୁ ଏହି ସାହାୟତା ରାଶି ପ୍ରଦାନ କରାଜାଇ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୭ ଜଣ ମୃତ ବରଣ କରିଥିବା କେନ୍ଦୁପତ୍ର ତୋଳାଳୀଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇ ଥିଲେ। ଏହା ସହ ବିଭିନ୍ନ ବର୍ଗର ଲୋକଙ୍କୁ କିଭଳି ବର୍ଷ ସାରା ରୋଜଗାର ଯୋଗାଇ ଦିଆଯିବ ସେ ନେଇ ସଚେତନତା କରାଯାଇଥିଲା।

**ଆଜି ଜାତୀୟ ଗଣିତ ଦିବସ**

## ଗଣିତ ମହାନୁଭାବ ଶ୍ରୀନିବାସ ରାମାନୁଜନଙ୍କୁ ସ୍ମରଣ

**ଯାଜପୁର,୨୧।୧୨ (ସଂଚାର ବ୍ୟୁରୋ):** ଆଜି ଡିସେମ୍ବର ୨୨ ତାରିଖ ଜାତୀୟ ଗଣିତ ଦିବସ। ଭାରତୀୟ ଗଣିତର ମହାନ ପୁରୁଷ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନକୁ ସ୍ମରଣ କରି ପ୍ରତିବର୍ଷ ଏହି ଦିନଟିକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଏ।ଗଣିତ କେବଳ ସଂଖ୍ୟା ଓ ସୂତ୍ରର ସମାହାର ନୁହେଁ, ଏହା ମାନବ ସଭ୍ୟତାର ବୌଦ୍ଧିକ ମୂଳଭିତ୍ତି। ବିଜ୍ଞାନ, ପ୍ରଯୁକ୍ତି, ଅର୍ଥନୀତି, ଚିକିତ୍ସା, ଅଭିଯାନ୍ତ୍ରିକୀ ଭଳି ପ୍ରତ୍ୟେକ କ୍ଷେତ୍ରରେ ଗଣିତର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଏହି ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣିତ ପ୍ରଦର୍ଶନୀ, କ୍ୱିଜ୍ ପ୍ରତିଯୋଗିତା, ଆଲୋଚନା ସଭା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀମାନେ ଗଣିତକୁ ଭୟ ନକରି ତାହାକୁ ଜୀବନର ଏକ ସହଜ ଓ ଆନନ୍ଦଦାୟକ ଅଂଶ ଭାବେ ଗ୍ରହଣ କରିବା ପାଇଁ ଏହି ଦିନଟି ପ୍ରେରଣା ଦେଇଥାଏ।ରାମାନୁଜନଙ୍କ ଅଦ୍ଭୁତ ପ୍ରତିଭା ଓ ଗଣିତ ପ୍ରତି ତାଙ୍କ ଅନନ୍ୟ ଅବଦାନ ଆଜିବି ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ରହିଛି।

## ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



**ହିଞ୍ଜିଳିକାଟୁ, ୨୧।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ମିନିଷ୍ଟାଡିୟମ ପରିସରରେ ଆସ୍କା ସଂସଦୀୟ କ୍ଷେତ୍ରସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦେବବ୍ରତ ପଣ୍ଡା , ସୁନୀଲ କେରକେଟା, ଡ଼ିଏସଓ ତାପସ କୁମାର ସାମଲ, ହିଞ୍ଜିଳି ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀ ,ଜିଲ୍ଲା ପରିଷଦ ସଦସ୍ୟ ଏ ସୁଦର୍ଶନ, ଘୁମୁସର ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ, ଆସ୍କା ସାଂସଦଙ୍କ ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀ ମଂଚାସୀନ ଥିଲେ। ଆସିକା ଲୋକସଭା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କୃତୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଖେଳ ଆଗାମୀ ୨୫ ତାରିଖ ଯାଏ ଚାଲିବ।

ଏହି ଅବସରରେ ସାଂସଦ କହିଛନ୍ତି ଆମ ଦେଶର କ୍ରୀଡାବିତ୍‌ମାନେ ବହୁ ଆଗକୁ ଯାଇଛନ୍ତି। ଏବେବି ଅନେକ ଯୁବ କ୍ରୀଡାବିତ୍ ଲୁକ୍କାୟିତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ଲକ୍ଷ୍ୟରେ ବର୍ତ୍ତମାନ ସାଂସଦ ଖେଳ ମହୋତ୍ସବ ଚାଲିଛି। ଚଳିତ ବର୍ଷ ଓଏଏସ ପରୀକ୍ଷାରେ ୩୯ ନମ୍ବର ରାଙ୍କ ରଖି ହିଞ୍ଜିଳି ବ୍ଲକର ସୋନାଲି ତ୍ରିପାଠୀଙ୍କୁ ମଞ୍ଚ ଉପରେ ଆସ୍କା ସାଂସଦ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟା ପ୍ରୀତି ସାହୁ, ବିଜେପି ଯୁବ ନେତା ସନ୍ତୋଷ ପାଣିଗ୍ରାହୀ,ମାଧବ ଗୌଡ଼,ବିଜେପି ନଗର ସଭାପତି ସୁଧାଂଶୁ ସାବତ, ତହସିଲଦାର ତପନ ମହାପାତ୍ର, ପୌର ପରିଷଦର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## କୋଟପାଡ଼ର ଗର୍ବ ପ୍ରତାପ ରୁଦ୍ର




**ବୋରିଗୁମ୍ମା/କୋଟପାଡ,୨୧।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ଅଞ୍ଚଳ ପାଇଁ ପ୍ରତାପ ରୁଦ୍ର ମିଶ୍ର ଗର୍ବ ଓ ଗୌରବ ଆଣିଛନ୍ତି। ଖବର ନେବାରୁ ଜଣାପଡିଛି ଯେ ଜିଆଇଟି ୟୁନିଭରସିଟି ଗୁଣୁପୁରରେ ବିଏସସି (କୃଷି)ରେ ୨୦୨୦ରୁ ୨୦୨୪ ମସିହାରେ ଅଧ୍ୟୟନରତ ଛାତ୍ର ପ୍ରତାପ ରୁଦ୍ର ମିଶ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଗତ ୧୪ ତାରିଖ ଦିନ ଅନୁଷ୍ଠାନ ତରଫରୁ ଆୟୋଜିତ ସମାବର୍ତ୍ତନ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ହାସଲ ସମୟରେ ବିଶ୍ୱବିଦ୍ୟାଳୟର ପ୍ରିନ୍ସିପାଲ, ସମସ୍ତ ଅଧାପକ, ଅଧାପିକା ଏବଂ ସହପାଠୀ ଉପସ୍ଥିତ ଥିଲେ । ପ୍ରକାଶ ଯୋଗ୍ୟ ଯେ ପ୍ରତାପ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ଓ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ସୁପୁତ୍ର ଅଟନ୍ତି। ଏହି ସଫଳତା ପରେ କୃତି ଛାତ୍ର ଓ ପରିବାରବର୍ଗଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି।


## ହସ୍ତୀ ପରିଚାଳନା ନିମନ୍ତେ ଗଜ ସାଥୀଙ୍କ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର




**ନୀଳଗିରି,୨୧।୧୨ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ନୀଳଗିରି ବନ୍ୟଜୀବ ବନାଞ୍ଚଳ, ବାଲେଶ୍ୱର ବନ୍ୟଜୀବ ଉପଖଣ୍ଡ ପକ୍ଷରୁ ଆଜି ନୀଳଗିରି ବନ ବିଭାଗ ଅଧିନ ଜାମୁଡ଼ିହା ଠାରେ ଥିବା ସ୍ଥାୟୀ ଚାରା ବିତରଣ କେନ୍ଦ୍ର ଠାରେ ଗଜ ସାଥୀଙ୍କ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ରେଞ୍ଜର ମନୱର ଖାଁ, ୱାଇଲ୍ଡ଼ ଲାଇଫ ୱାଡେନ ପ୍ରକାଶ ମର୍ଦ୍ଦରାଜ ହରିଚନ୍ଦନ, ପୂର୍ବତନ ବନପାଳ ଶ୍ରୀଧର ଲେଙ୍କା ବେତନଟୀ ଜୀବନ ଜୀବିକା ର ସଂଯୋଜକ ନିହାର ରଂଜନ ସାମଲ ଓ ରତିକାନ୍ତ ବେହେରା ପ୍ରମୁଖ ମଞ୍ଚାସିନ ଥାଇ ହାତୀଙ୍କ ଗତିବିଧି ଲକ୍ଷ୍ୟ ଠାରୁ ଆରମ୍ଭକରି, ହାତୀ ଦ୍ୱାରା ଫସଲ ନଷ୍ଟ, ଘର ଭାଙ୍ଗିବା, ହାତୀଙ୍କ ସମ୍ପର୍କରେ ଜ୍ଞାନ ଆହୋରଣ, କୌଶଳ, ଦକ୍ଷତା ବୃଦ୍ଧି ପାଇଁ ଉପାୟ, ମଣିଷ -ଛେଳି-ଗୋରୁ- ମଲେ କିପରି ଭାବେ ସରକାରଙ୍କ ଠାରୁ ଅନୁଦାନ ରାଶି ପାଇବା ପାଇଁ ଆବଶ୍ୟକ କାଗଜାତ ସମ୍ପର୍କରେ ଉପସ୍ଥିତ ଗଜ ସାଥି ମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୧୪୫ ଜଣ ଗଜସାଥୀଙ୍କୁ ସରକାରଙ୍କ ପକ୍ଷରୁ ଡ୍ରେସ, ଟର୍ଚ୍ଚ ଲାଇଟ, ସେଫଟି ବୋଟ ଏବଂ ପାଣି ବୋତଲ ପ୍ରଦାନ କରାଯାଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ସଜନାଗଡ ଫରେଷ୍ଟ ଗାର୍ଡ଼ ବୁଦ୍ଧିରାମ ହାଁସଦା ଓ ପ୍ରତିମା ସ, ନୀଳଗିରି ଫରେଷ୍ଟ ଗାର୍ଡ଼ ବବିସ୍ମିତା ସାହୁ, ମିତ୍ରପୁର ପରେଷ୍ଟ ଗାର୍ଡ଼ ମଞ୍ଜୁଲତା ପ୍ରଧାନ, ବାଲେଶ୍ୱର ଫରେଷ୍ଟର ମନୋଜ କୁମାର ମହାଳିକ, ବସ୍ତା ଫରେଷ୍ଟ ଗାର୍ଡ଼ ତପନ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ତାରିଣୀ କଲେଜର ୨୧ତମ ବାର୍ଷିକ ଉତ୍ସବ

**ମାର୍ଶାଘାଇ,୨୧।୧୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗାରେ ଥିବା ତାରିଣୀ ବିଦ୍ୟାମନ୍ଦିର ଏବଂ ତାରିଣୀ ଆବାସିକ ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ୨୧ ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଶ୍ରୀବତ୍ସ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଜ୍ଞାନରଞ୍ଜନ କୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚମାଧମିକ ଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଆଇଏଏସ ବିକାଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧାପକ ଡ଼ ଗିରିଶ ଚନ୍ଦ୍ର ସାହୁ, ଡ଼




ସୁରେନ୍ଦ୍ର ମୋହନ ମିଶ୍ର, ଜୟଚନ୍ଦ୍ରପୁରସ୍ଥ ତାରିଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରିନ୍ସିପାଲ ଉମାକାନ୍ତ ଦାସପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ ।

ଅଶୋକ କୁମାର ଦାସ, ଅର୍ଜୁନି ଚରଣ ନାୟକ,ଲକ୍ଷ୍ମୀଧର ଲେଙ୍କା, ଜ୍ଞାନରଞ୍ଜନ ନାୟକ, ଗୌତମ ରାଉତ, ତୁଷାରକାନ୍ତ ସାହୁ, ସିପ୍ରା ସ୍ୱାଇଁ, ବିକ୍ରମ କୁମାର ପାଇଟାଳ, ସୋନାଲି ନାୟକ, ସରୋଜକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ପ୍ରଫୁଲ୍ଲ କୁମାର ପ୍ରଧାନ, ନବୀନ ଚନ୍ଦ୍ର ବେହେରା, ତପନ କୁମାର ଦାଶ, ଧନେଶ୍ୱର ଜତି,ପଞ୍ଚାନନ ଧଳ, ବୈଲୋଚନ ଛାଟୋଇ, ଧର୍ମପ୍ରକାଶ ଆଚାର୍ଯ୍ୟ, ପ୍ରତିଭାରାଣୀ ମହାପାତ୍ର ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ପରିଚିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାପୁଜୀ ସ୍ମାରକି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ନିଶ୍ଚିନ୍ତକୋଇଲି,୨୧।୧୨ (ସଂଚାର ବ୍ୟୁରୋ):** ବନ୍ଧୁତ୍ୱର ନିବିଡ ସମ୍ପର୍କ ମଧ୍ୟରେ ଓ ନିଜର ପବିତ୍ର ହୃଦୟର ଗଭୀର କୋଣରେ ପବିତ୍ର ବନ୍ଧୁତ୍ୱର ସମ୍ପର୍କ ଆଜକୁ ୪୧ବର୍ଷ ବିତି ଯାଇଥିଲେ ମଧ ଉଜ୍ଜିବିତ ହୋଇ ରହିଛି ନିଃସ୍ୱାର୍ଥପର ବନ୍ଧୁତ୍ୱର ସମ୍ପର୍କ। ଯାହା ଦେଖିବା ପାଇଁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଉତ୍ତରକୁଳ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ଅଧୟନ କରୁଥିବା ୧୯୮୪ ମସିହା ମାଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ। ତେବେ ନୂତନ ବର୍ଷ ୨୦୨୬ ପରିପ୍ରେକ୍ଷୀରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଦାଉଦପୁର ଗ୍ରାମପଞ୍ଚାୟତ ଚିତ୍ରୋତ୍ପଳା ନଦୀପାର୍ଶ୍ୱ ନଇଗୁଆଁ କୁଦ ପର୍ଯ୍ୟଟନ ସ୍ଥଳରେ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ ବନ୍ଧୁ ବାନ୍ଧବୀ ମାନେ



**୪୧ବର୍ଷ ପରେ ବି ଉଜ୍ଜୀବିତ ରହିଛି ବନ୍ଧୁତ୍ୱର ସୁ-ସମ୍ପର୍କ**

ଯୋଗଦେଇ ଆନନ୍ଦ ଉଲ୍ଲାସର ସହିତ ବିତିଯାଇଥିବା ପ୍ରତ୍ୟେକ ଅଭୁଲା ସ୍ମୃତିକୁ ଜୀବନ୍ତ ରଖୁବାକୁ ଚେଷ୍ଟା କରିଥିଲେ। ପରିଶେଷରେ ଭୋଜି ଭାତର ଆୟୋଜନ କରାଯିବା ସହିତ ନବବର୍ଷ ୨୦୨୬କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ପ୍ରତ୍ୟେକ କ୍ଷେତ୍ରରେ ନିଜ ନିଜ ମଧ୍ୟରେ ସୁଖ ଦୁଃଖରେ ଛିଡ଼ା ହେବାକୁ ପରସ୍ପର ମଧ୍ୟରେ ପ୍ରତିଜ୍ଞା ନେଇଥିଲେ।

## ବୀଣାପାଣି ଉଚ୍ଚ ବିଦ୍ୟାଳୟ ୧୯୮୨ ବ୍ୟାଚର ବନ୍ଧୁମିଳନ



**ମହାକାଳପଡ଼ା,୨୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତର ପୁରାତନ ବୀଣାପାଣି ଉଚ୍ଚ ବିଦ୍ୟାଳୟ, ଗୟାସପୁର ପରିସରରେ ଆଜି ଏକାଦଶ ଶ୍ରେଣୀର ୧୯୮୨ ମସିହା ବ୍ୟାଚର ୪୫ତମ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୯୮୨ ବ୍ୟାଚରେ ପଢୁଥିବା ୧୧୨ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା। ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆରମ୍ଭରୁ ବୀଣାପାଣି ଉଚ୍ଚ ବିଦ୍ୟାଳୟ ୧୯୮୨ ବ୍ୟାଚର କିଛି ଛାତ୍ରଛାତ୍ରୀ ଇତି ମଧ୍ୟରେ ମୃତ୍ୟୁବରଣ କରିଥିବାରୁ ସେମାନଙ୍କ ଉଦେଶ୍ୟରେ ଦୁଇ ମିନିଟ ଶୋକ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ ରେ ପାଠ ପଢୁଥିବା ଅଧିକାଂଶ ବ୍ୟକ୍ତି ବିଶେଷ ସରକାରୀ ଓ ବେସରକାରୀ ଚାକିରି କରି ଅଦ୍ୟାବଧି ଚାକିରି ରୁ ଅବସର ମଧ ନେଇ ସାରିଲେଣି। ନିଜ ନିଜ ଭିତରେ ସୁସମ୍ପର୍କ ରହି ଆସୁଥିବାରୁ ଦିର୍ଘ ୪୫ ବର୍ଷ ଧରି ଏହି କାର୍ଯ୍ୟକ୍ରମ ସୁଚାରରୂପେ ହୋଇଆସୁଅଛି। ଚଳିତବର୍ଷ ସୁବାସ ସାମଲ, ସତ୍ୟପ୍ରିୟ ପରିଡା, ପବିତ୍ର ରାଉଳ, ବସନ୍ତ ନାୟକ, ଗଦାଧର ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ ଏବଂ ବିଜୟ କୁମାର ସ୍ୱାଇଁଙ୍କ ଉଦ୍ୟମରେ ସୁନ୍ଦର ଭାବରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା।

## ବ୍ଲକ ଏକାଦଶକୁ ହରାଇ ସାମ୍ବାଦିକ ଏକାଦଶ ଚାମ୍ପିଅନ

**କେନ୍ଦ୍ରାପଡ଼ା,୨୧।୧୨(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି କେନ୍ଦ୍ରାପଡା ଆନୁକୂଲ୍ୟରେ ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇଥିଲା। ଯେଉଁଥିରେ ବ୍ଲକ ଏକାଦଶ,ସରପଞ୍ଚ ଏକାଦଶ, ପିଓ ଓ ଏଡିଓ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜଜାଙ୍ଗ ସ୍ଥିତ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଫାଇନାଲ ମ୍ୟାଚ ରେ ବ୍ଲକ ଏକାଦଶ ଙ୍କୁ ହରାଇ ସାମ୍ବାଦିକ ଏକାଦଶ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚ ରେ ସାମ୍ବାଦିକ ଅଲେଖ ନାୟକ ୫୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିଭଳି ବ୍ଲକ ପ୍ରଶାସନ ପକ୍ଷରୁ ବେଷ୍ଟ ବୋଲର ଶୁଭେନ୍ଦୁ ବେହେରା ପୁରସ୍କାର ପାଇଥିବା ବେଳେ ସରପଞ୍ଚ ଟିମ ପକ୍ଷରୁ ଘାଗରା ସରପଞ୍ଚ ଙ୍କ ପ୍ରତିନିଧି ଅଜିତ ପରିଡା ବେଷ୍ଟ ବ୍ୟାଟ୍ସମ୍ୟାନ ପୁରସ୍କାର ପାଇଥିଲେ। ଶେଷରେ କେନ୍ଦ୍ରାପଡ଼ା ବିଡ଼ିଓ ଶ୍ରୀ ଅଭିଷେକ ସ୍ୱାଇଁ ବିଜେତା ସାମ୍ବାଦିକ ଦଳ ଅଧିନାୟକ ବଳରାମ ବେହେରା ଉପ ଅଧିନାୟକ ପ୍ରଦୋଷ ବିଶ୍ୱାଳ ଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ରାଜନଗର ବିଡ଼ିଓ ଶ୍ରୀଯୁକ୍ତ ଅନିରୁଦ୍ଧ ବେହେରା ଖେଳ ପରିଚାଳନା କରିଥିଲେ । କପାଳେଶ୍ୱର ସରପଞ୍ଚ ଙ୍କ ପ୍ରତିନିଧି ଶ୍ରୀ ଲୋହିତ ମହାନ୍ତି ଖେଳ ଆୟୋଜନା ରେ ସହଯୋଗ କରିଥିଲେ । ଏହି କ୍ରୀଡା ଆୟୋଜନ ରେ କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି କର୍ମଚାରୀ ତଥା ସମସ୍ତ ଅଫିସିଆଲି ଷ୍ଟାଫ ମାନେ ଉପସ୍ଥିତ ଥିଲେ ।



## ଗୀତା ଜ୍ଞାନ ଯଜ୍ଞ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୨୧।୧୨ (ସଂଚାର ବ୍ୟୁରୋ):** ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଗିତା ଜ୍ଞାନଯଜ୍ଞ ଜିଲ୍ଲା ସଂସ୍କୃତି ଭବନରେ ଶନିବାର ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏଥିସହିତ ଶ୍ରୀମଦ ଭାଗବତ ଗୀତାର ପ୍ରଥମ ଅଧାୟର କେତେରାଟି ଶ୍ଳୋକକୁ ବାଖ୍ୟା କରିବା ସହ ୫ଜ୍ଞାନେନ୍ଦ୍ରୀୟ ଓ ୫ଟି କାମଇନ୍ଦ୍ରୀୟ ଦ୍ୱାରା ମନୁଷ୍ୟ କିଭଳି ବସର୍ବୀ ହୋଇଯାଉଛି ସେ ସମ୍ପର୍କରେ ବିଷଦ ଭାବରେ ଆଲୋକପାତ କରିଥିଲେ। ପଶୁ ଓ ମନୁଷ୍ୟ ଭିତରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ଶ୍ରୀମା' କହିଲେ ଗୀତା ପଠନ ଦ୍ୱାରା ମନୁଷ୍ୟ ମାର୍ଗଦର୍ଶନ ପାଇଥାଏ । ସେହି ମାର୍ଗଦର୍ଶନ ଦ୍ୱାରା ମନୁଷ୍ୟ ଭିତରେ ଥିବା ପଶୁତ୍ୱକୁ ଦମନ କରି ଜଣେ ସୁଚରିତ୍ର ମଣିଷ ଭାବରେ ନିଜକୁ ଗଢିଥାଏ । ଦେଶର ଭବିଷ୍ୟତ ହେଉଛନ୍ତି ଯୁବପିଢୀ । ଆମ ର ଯୁବକଯୁବତୀମାନେ ଗୀତା ପାଠ କଲେ ଜଣେ ଜଣେ ସୁନାଗରିକ ହୋଇପାରିବା ସହ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ଏଥିସହ ଆମ ଦେଶ ଭାରତବର୍ଷ ମଧ ଏକ ଆଧାତ୍ମିକବାଦୀ ତଥା ଚରିତ୍ରବାନ ସୁନାଗରିକ ଗଠନ କରି ସୁନାମ ଅର୍ଜ୍ଜନ କରିପାରିବ ବୋଲି ଶ୍ରୀମା କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥମାନେ ଯୋଗଦେଇ ଅର୍ଶିବଚନ ପ୍ରଦାନ କରିଥିଲେ ।

# ଶୀତଦିନେ ଶସ୍ତା ହେଉନି ପରିବା ଦର

**ଅଢେଇ ଶହକୁ ୩୦ଟଙ୍କା**

**ଶୀତଳ ଭଣ୍ଡାର ନଥିବାରୁ କ୍ଷତି ସହୁଛନ୍ତି ଚାଷୀ**

**ବାହାର ବ୍ୟବସାୟୀ ମାଲେ ମାଲ**

**କାକଟପୁର/ଅସ୍ତରଙ୍ଗ,୨୧।୧୨ (ସଂଚାର ବ୍ୟୁରୋ):** ସାଧାରଣତଃ ଶୀତ ବଢିବା ସହିତ ପରିବା ଦର ଦାମ କମି ଯାଇଥାଏ। ଏ ବର୍ଷ ଶୀତ ଯେତିକି ବଢୁଛି ତା ସହ ତାଳ ଦେଇ ତେଜରାତି ସାଙ୍ଗକୁ ପନିପରିବା ବଜାରରେ ଲାଗି ରହିଥିବା ଦରବୃଦ୍ଧି ଲୋକଙ୍କୁ ଡରାଇବାରେ ଲାଗିଛି। ପାଞ୍ଚ ଶହ ଟଙ୍କାରେ ବି ସାଧାରଣ ଲୋକଙ୍କ ପରିବା ବ୍ୟାଗ ଭରୁ ନଥିବା ବେଳେ ଗୃହିଣୀଙ୍କୁ ରୋଷେଇ ଘର ଅସ୍ତ ବ୍ୟସ୍ତ କରି ପକାଇଲାଣି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ କୌଣସି ଶୀତଳ ଭଣ୍ଡାର ନଥିବାରୁ ବ୍ୟବସାୟୀଙ୍କୁ ପନିପରିବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀ ଏବେ ଧାନ ଅମଳ ଓ ବିକ୍ରୟ ପାଇଁ ମଣ୍ଡି ପାଇଁ ଧାନ ପ୍ରସ୍ତୁତ କାମରେ ବ୍ୟସ୍ତ ଥିବା ବେଳେ ଲାଗି ରହିଥିବା ଶୀତ ଓ କୁହୁଡି ଯୋଗୁଁ ସ୍ଥାନୀୟ ପରିବା ଚାଷୀଙ୍କ ଜମିରୁ ପରିବା ଲୋକଙ୍କ ଆବଶ୍ୟକ ଅନୁସାରେ ବଜାରକୁ ଆସୁନାହିଁ। ପରିବା ବ୍ୟବସାୟୀ ବଜାର କୁ ଆଣୁଥିବା ପନିପରିବା ସଙ୍ଗେ ସଙ୍ଗେ ଶେଷ ହୋଇଯାଉଥିବାରୁ ଗ୍ରାହକ ଙ୍କ ଆବଶ୍ୟକତା ଅନୁସାରେ ବଜାର ରେ ପରିବା ର ଅଭାବ ପରିଲିକ୍ଷିତ ହେଉଛି। ଏହି ସୁଯୋଗ ବ୍ୟବସାୟୀ ଦରବୃଦ୍ଧି କରି ମାଲେ ମାଲ ହେଉଛନ୍ତି।

ଅନ୍ୟ ପକ୍ଷେ ଦରବୃଦ୍ଧି ପାଇଁ ଚାଷୀ ମାନଙ୍କ ଠାରୁ ଲୋକେ ପରିବା କମାଇ ଦେଲେଣି। ବଜାରରୁ ପରିବା କିଣିଲେ ପାଞ୍ଚ ଶହ ଟଙ୍କାରେ ବି ବ୍ୟାଗ ପୁରିବାର ଦୂରର କଥା ଅଧା ହେଉନାହିଁ। ପୂର୍ବରୁ କୋଡିଏ ଟଙ୍କାରେ ୪ଟି କଞ୍ଚା କଦଳୀ ମିଳୁଥିବା ବେଳେ ଏବେ କିଲୋ ୧୬୦ଟଙ୍କା ରେ ବିକ୍ରି ହେଉଛି। ଆଉ ଭାତ ଶହ ଡାଲି ଟେ ଆଳୁ ଟେ କରି ଖାଉଥିବା ଗରିବ ଗୁରୁବା ଏବେ ତେନ୍ତୁଳି କି ଆମ୍ବୁଲ ଲଗାଇ ଖାଇବା ପାଇଁ ବାଧ ହେଉଛନ୍ତି। ପନିପରିବା ଦର ଖାଉଟି ଙ୍କୁ ଅସ୍ତରଙ୍ଗ ଓ କୁଣ୍ଢେଇ ପରିବା ବଜାର ଭିତରକୁ ନ ପଶିବା ପାଇଁ ବାଧ କରୁଛି। ପରିବା ବ୍ୟବସାୟୀ ଓ ଚାଷୀ ଆଉ କିଲୋ ପ୍ରତି ଦର ନ କହି ଗ୍ରାହକଙ୍କୁ କମ୍ ଶୁଭିବ ବୋଲି ଅଢେଇ ଶହକୁ ୩୦ଟଙ୍କା କହୁଛନ୍ତି। ଶସ୍ତାରେ ପରିବା ମିଳେ ବୋଲି ନାଁ କରିଥିବା ଅସ୍ତରଙ୍ଗ ଓ କୁଣ୍ଢେଇ ପରିବା ବଜାର ରେ ଏବେ ବାଇଗଣ ୬୦ରୁ ୧ଶହ ଟଙ୍କା, ବିଲାତ ୧ଶହ, ଗାଜର ୮୦ରୁ ୧ଶହ, ଶାଗ ୨୦ଟଙ୍କା ରେ ୩ ବିଡା, ପୋଟଳ ୭୦ରୁ ୯୦ଟଙ୍କା, ବନ୍ଧା କୋବି ୫୦ଟଙ୍କା, ଫୁଲ କୋବି ୪୦ଟଙ୍କା, କଞ୍ଚା ଲଙ୍କା ୨ଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ତେଜରାତି ସାମଗ୍ରୀ ଗୁଡିକରେ ମଧ ମହଙ୍ଗା ମାଡ଼ ହୋଇଛି। ଏବେ ବଜାର କୁ ଆବଶ୍ୟକତା ଠାରୁ କମ୍ ପରିବା ଆସୁଥିବା ବି ଦର ବୃଦ୍ଧି ର ଅନ୍ୟ ଏକ କାରଣ ବୋଲି ବ୍ୟବସାୟୀ କହୁଛନ୍ତି।

